
‘ଜେଲର୍ ୨’ରେ ୧୦ ଅତିଥି କଳାକାର
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-107 ◆SATURDAY ◆10 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୭ ◆ଶନିବାର ◆୧୦ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଜି ଯନ୍ତରମନ୍ତର ଅଭିଯାନ-୨

# କକ୍ରୋଚ୍‌ଙ୍କୁ ଘେରାବନ୍ଦୀ

### ଆନ୍ଦୋଳନକୁ ମିଳିଲାନି ପୁଲିସ ଅନୁମତି ■ ଦିଲ୍ଲୀରେ ଯୁଦ୍ଧ ପ୍ରସ୍ତୁତି ଚାଲିଛି କି: ସିଜେପି

■ ନୂଆଦିଲ୍ଲୀ, ୯ ।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୧୦ରେ ଦିଲ୍ଲୀର ଯନ୍ତରମନ୍ତରଠାରେ ପ୍ରସ୍ତାବିତ ବିକ୍ଷୋଭ ପୂର୍ବରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଟ୍ରେନ୍ ବାତିଲ୍, ୫୭ଟି ମେଟ୍ରୋ ଷ୍ଟେସନ୍‌ର ପ୍ରବେଶ ଓ ପ୍ରସ୍ଥାନ ପଥ ବନ୍ଦ କରିବା ଯୋଜନା ଏବଂ ବ୍ୟାପକ ସୁରକ୍ଷାକର୍ମୀ ମୁତୟନକୁ ନେଇ ବିବାଦ ଦେଖାଦେଇଛି । ଏହାକୁ ନେଇ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ନେତାମାନେ ସରକାରଙ୍କୁ ସମାଲୋଚନା କରିଛନ୍ତି । ୪ କିଲୋମିଟର ପରିଧିରେ ଇଣ୍ଟରନେଟ ବନ୍ଦ ରହିଛି । ଅନ୍ୟପକ୍ଷରେ, ଆଇନଶୃଙ୍ଖଳା ରକ୍ଷା ଓ ସମ୍ଭାବ୍ୟ ଅଶାନ୍ତି ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା ପୁଲିସ କହିଛି ।

ସିଜେପିର ସହ-ଆବାହକ ସୌରଭ ଦାସ ସୁରକ୍ଷାକର୍ମୀଙ୍କ ମୁତୟନ ସମ୍ପର୍କିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ସେୟାର କରି ସରକାରଙ୍କୁ ନିଜ ନାଗରିକଙ୍କ ବିରୋଧରେ ଯୁଦ୍ଧ ଚଳାଇଥିବା ଅଭିଯୋଗ କରିଛନ୍ତି । ▸ପୃଷ୍ଠା-୭

| | | | |
|---|---|---|---|
| ବିକ୍ଷୋଭ ପୂର୍ବରୁ ୩୮ ଟ୍ରେନ୍ ବାତିଲ୍ | ୫୭ ମେଟ୍ରୋ ଷ୍ଟେସନ୍ ବନ୍ଦ ଯୋଜନା | ୨୩ ହଜାର ସୁରକ୍ଷାକର୍ମୀ ମୁତୟନ | ୪ କିଲୋମିଟର ପରିଧିରେ ଇଣ୍ଟରନେଟ ବନ୍ଦ |

## ଦିଲ୍ଲୀ ମେଟ୍ରୋ ବନ୍ଦ ନିଷ୍ପତ୍ତିକୁ ସୁପ୍ରିମକୋର୍ଟଙ୍କ ନାପସନ୍ଦ

■ ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ଦିଲ୍ଲୀରେ ଶନିବାର ପ୍ରସ୍ତାବିତ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ବିକ୍ଷୋଭ ପୂର୍ବରୁ ୫୭ଟି ମେଟ୍ରୋ ଷ୍ଟେସନ ବନ୍ଦ ରଖିବାକୁ ପୁଲିସ ନେଇଥିବା ନିଷ୍ପତ୍ତି ଉପରେ ଶୁକ୍ରବାର ଗୁରୁତର ଆପତ୍ତି ଉଠାଇଛନ୍ତି ସୁପ୍ରିମକୋର୍ଟ । ଏଭଳି ପଦକ୍ଷେପ ସାଧାରଣ ନାଗରିକଙ୍କ ଯାତାୟାତ ଓ ଅଧିକାରକୁ ପ୍ରଭାବିତ କରିବ ବୋଲି କୋର୍ଟ କହିଛନ୍ତି । ଏଥିସହ ମେଟ୍ରୋ ଟ୍ରେନ୍ ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ନ ଲଗାଇ ନିୟନ୍ତ୍ରିତ ଭାବେ ସେବା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ▸ପୃଷ୍ଠା-୭



ପ୍ରତିବାଦ ପାଇଁ ଯାତାୟାତ ଉପରେ ରହିପାରେ ନିୟନ୍ତ୍ରଣ; ସମ୍ପୂର୍ଣ୍ଣ କଟକଣା ନୁହେଁ

### କେତେ ଟ୍ରେନ୍ ବନ୍ଦ କରିବେ ସରକାର: ଚିରାଗ

## ‘ଭାରତୀୟ ଯୁବାଙ୍କୁ କେହି ଅଟକାଇପାରିବେ ନାହିଁ’

■ ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ଭାରତର ଯୁବପିଢ଼ିକୁ କେହି ଅଟକାଇ ପାରିବେ ନାହିଁ। ଦୀର୍ଘ ସମୟ ଧରି ଯୋଗାଯୋଗ ବ୍ୟବସ୍ଥାକୁ ମଧ୍ୟ ବାଧାପ୍ରାପ୍ତ କରି ରଖିବା ସମ୍ଭବ ନୁହେଁ । ଅକ୍ଟୋବର ୧୦ରେ ଦିଲ୍ଲୀରେ ହେବାକୁ ଥିବା ନିର୍ବାଚନ ଆୟୋଗ ସମ୍ପର୍କିତ ପ୍ରତିବାଦ ପୂର୍ବରୁ ରେଳ ଚଳାଚଳ ବାତିଲ ଓ ଦିଲ୍ଲୀ ମେଟ୍ରୋ ସେବା ଉପରେ କଟକଣାକୁ ନେଇ ଏପରି ମତ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ଚିରାଗ ପାସୱାନ । ହରିୟାଣାର ସୋନିପତରେ ଏକ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଚିରାଗ କହିଥିଲେ, ‘ଏମାନେ ଭାରତର ଯୁବକ । ▸ପୃଷ୍ଠା-୭



## ନବନୀତମ୍ ପିଲ୍ଲାଇଙ୍କୁ ନୋବେଲ ଶାନ୍ତି





■ ନୂଆଦିଲ୍ଲୀ, ୯ ।୧୦ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକୀୟ ଆଇନଜୀବୀ ନବନୀତମ୍ ‘ନାଭି’ ପିଲ୍ଲାଇ ୨୦୨୬ ମସିହାର ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ମାନବାଧିକାରର ସୁରକ୍ଷା, ଅନ୍ୟାୟ ବିରୋଧରେ ସଂଘର୍ଷ ଏବଂ ଅନ୍ତର୍ଜାତୀୟ ଆଇନକୁ ସୁଦୃଢ଼ କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ଦେବାକୁ ଶୁକ୍ରବାର ନରୱେର ନୋବେଲ କମିଟି ଘୋଷଣା କରିଛି ।

ଡର୍ବାନରେ ଭାରତୀୟ ତାମିଲ ବଂଶୋଦ୍ଭବ ପରିବାରରେ ଜନ୍ମଗ୍ରହଣ କରିଥିବା ପିଲ୍ଲାଇ ନିଜର ଆଇନଜୀବୀ ଜୀବନକୁ ମାନବାଧିକାର ସୁରକ୍ଷା ଏବଂ ଅନ୍ୟାୟ ବିରୋଧରେ ▸ପୃଷ୍ଠା-୭

ଭାରତୀୟ ବଂଶୋଦ୍ଭବ ଦକ୍ଷିଣ ଆଫ୍ରିକୀୟ ଆଇନଜୀବୀ ନବନୀତମ୍

ମାନବାଧିକାର ସୁରକ୍ଷା ଓ ଅନ୍ତର୍ଜାତୀୟ ନ୍ୟାୟ ପାଇଁ ଅବଦାନର ସ୍ୱୀକୃତି

## ରାଷ୍ଟ୍ରପତିଙ୍କୁ ଭେଟିଲା ଇଣ୍ଡି ମେଣ୍ଟ

■ ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହସ୍ତକ୍ଷେପ ଲୋଡ଼ିଛି ବିରୋଧୀ ଇଣ୍ଡି ମେଣ୍ଟ । ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ



୧୦ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନରେ ପହଞ୍ଚି ଏ ସମ୍ପର୍କରେ ସ୍ମାରକପତ୍ର ଦାଖଲ କରିଛି । ଭୋଟର ତାଲିକାରେ ଅନିୟମିତତା ଏବଂ ଭୋଟ ଚୋରି ହୋଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ଏହି ଅବସରରେ ସଂସଦରୁ ▸ପୃଷ୍ଠା-୭

ବିଜୟ ଚୌକ୍‌ରେ ବିରୋଧୀ ସାଂସଦଙ୍କ ଧାରଣା

ଭୋଟର ତାଲିକାରୁ ୧୩.୮ କୋଟି ନାମ ଫେରାଇବାକୁ ଦାବି

## ଜନସମ୍ପର୍କ ପଦଯାତ୍ରାରେ ନବୀନଙ୍କ ନିଶାଣ

# ସରକାର ଅପାରଗ; ଓଡ଼ିଶାର ଛବି ମଳିନ

### କୁଶାସନରେ ପରାକାଷ୍ଠା ଅର୍ଜନ କରିଛି ରାଜ୍ୟ ବିଜେପି ସରକାର

■ ଭୁବନେଶ୍ୱର, ୯।୧୦ (ସମିସ): ବିଜେଡି ସେବାରେ ବିଶ୍ୱାସ କରେ; ବିକାଶରେ ବିଶ୍ୱାସ କରେ । ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡ଼ିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇ ପାରିଥିଲା । ମାତ୍ର ବର୍ତ୍ତମାନ ଓଡ଼ିଶାରେ ଅପାରଗ ଡ଼ବଲ ଇଞ୍ଜିନ୍ ସରକାର କୁଶାସନରେ ପରାକାଷ୍ଠା ଅର୍ଜନ କରିଛି । ମାତ୍ର ଅଢ଼େଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଓଡ଼ିଶାର ଛବିକୁ ମଳିନ କରିଦେଇଛନ୍ତି ବୋଲି ସିଧାସଳଖ ନିଶାଣ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ



ନେତା ନବୀନ ପଟ୍ଟନାୟକ ।

ଶୁକ୍ରବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ଯୋଗ ଦେଇ ନବୀନ ରାଜ୍ୟର ଡ଼ବଲ ଇଞ୍ଜିନ୍ ସରକାରଙ୍କ ଅପାରଗତାକୁ ନେଇ ତୀବ୍ର ସମାଲୋଚନା କରିଛନ୍ତି । ସଚେତନତା ପଦଯାତ୍ରା ସମୟରେ ରାଜ୍ୟର ଡବଲ ଇଞ୍ଜିନ ସରକାରର ବିଫଳତାକୁ ପ୍ରତି ଘରେ ଘରେ ପହଞ୍ଚାଇ ଲୋକଙ୍କୁ ▸ପୃଷ୍ଠା-୭

## ଓଲଟ ପାଲଟ



କଲେଜ ଛାତ୍ର ସଂସଦର ଭୋଟ
କରିବାକୁ ଗଡ଼ବଡ଼,
କଲେଜରେ ପଶି ଦୁର୍ବୃତ୍ତ କିଏ
କରିଲାଣି ବୋମା ମାଡ଼ ।
କାହିଁ ଅଣଛାତ୍ର ଏକାଠି ହୁଅନ୍ତି
କରିବାକୁ ଗୋଳମାଳ,
ନୟାନ୍ତ ହୋଇବ ପୁଲିସ ବିଭାଗ
ତା’ ସହିତ ଜିଲ୍ଲାପାଳ ।
ପ୍ରଚାର ସରଗରମ ହେଲାଣି
କ୍ୟାମ୍ପସ ଭିତର ଭିଡ଼,
ଗୁପୁଚୁପୁ, ଦହିବରା-ଆଳୁଦମ୍
ହୁଏ ବିରିୟାନୀ ମାଡ଼ ॥

- ଯାଯାବର

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି

# ଛାପା ମାରିଲା ଇଡି

### ଦୁଇ ମାଷ୍ଟରମାଇଣ୍ଡ ଏବଂ ମଧ୍ୟସ୍ଥ ମୁନ୍ନା ମହାନ୍ତିଙ୍କ ଘରେ ଚଢ଼ଉ

■ ଭୁବନେଶ୍ୱର, ୯ ।୧୦ (ସମିସ): ବହୁ ଚର୍ଚ୍ଚିତ ଓଡ଼ିଶା ପୁଲିସ ଏସଆଇ ଚାକିରି ବିକ୍ରି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ପ୍ରବେଶ କରିଛି । ବହୁ କୋଟି ଟଙ୍କାର ବେଆଇନ ଅର୍ଥ କାରବାରକୁ କେନ୍ଦ୍ର କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଶୁକ୍ରବାର ଦୁଇ ମାଷ୍ଟରମାଇଣ୍ଡ ପଞ୍ଚସଫ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍‌ର ସିଇଓ ସୁରେଶ ନାୟକଙ୍କ ସମେତ ମଧ୍ୟସ୍ଥ ମୁନା ମହାନ୍ତିର ଘର ଏବଂ ଅନ୍ୟ ଠିକଣା ଉପରେ ଚଢ଼ଉ କରିଛି । ମୁନାର କଟକ



ଜିଲ୍ଲା ବାଙ୍କୀ କଳାପଥରସ୍ଥିତ ପୈତୃକ ବାସଭବନ ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ମୁନ୍ନା ମହାନ୍ତି ଓ ଦୁଇ ମାଷ୍ଟରମାଇଣ୍ଡଙ୍କ ଅର୍ଥନୈତିକ ଅପରାଧ ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡିକୁ ମିଳିଥିବା ଜଣାପଡ଼ିଛି ।

ସିବିଆଇ ତଦନ୍ତରୁ ଏହି ଘଟଣାରେ ବହୁ କୋଟି ଟଙ୍କା କାରବାର ହୋଇଥିବା ସାମ୍ନାକୁ ଆସିଥିଲା । ଏନେଇ ସିବିଆଇ ପକ୍ଷରୁ ଇଡିକୁ ଜଣାଇଦିଆଯିବା ▸ପୃଷ୍ଠା-୭

## କ୍ୟାମ୍ପସ ଅଶାନ୍ତ

# ନାମାଙ୍କନ ବେଳେ ଛାତ୍ରନେତାଙ୍କ ଶକ୍ତି ପ୍ରଦର୍ଶନ

### ଯାଜପୁରରେ ବୋମାମାଡ଼, ଭଦ୍ରକରେ ଉତ୍ତେଜନା, ନୟାଗଡ଼ରେ ଘେରଉ

ଗଞ୍ଜାମରେ ନିର୍ବାଚନ ଦାବିରେ ଆନ୍ଦୋଳନ

ଟିଟିଲାଗଡ଼ରେ ଜିଲ୍ଲା ଦାବି କଲେ ଛାତ୍ରଛାତ୍ରୀ

ଖୋର୍ଦ୍ଧା ଜିଲ୍ଲା ବାଣପୁରରେ ସ୍ଥିତି ଅସମ୍ଭାଳ

ରମାଦେବୀ, ବାଣୀ ବିହାରରେ ଉତ୍ତେଜନା

■ ଭୁବନେଶ୍ୱର, ୯।୧୦ (ସମିସ): ଛାତ୍ରସଂସଦ ନିର୍ବାଚନକୁ ନେଇ ରାଜ୍ୟର କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ଚଳଚଞ୍ଚଳ ହୋଇଛି । ନିର୍ବାଚନ ପାଇଁ ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ିଛି; ଏହା ସହ ଅଶାନ୍ତି, ଅସନ୍ତୋଷ, ପ୍ରତିବାଦକୁ ଟପିଯାଇଛି ହିଂସାକାଣ୍ଡ । ଶାସକ ଦଳ ସମର୍ଥିତ ଛାତ୍ର ଗୋଷ୍ଠୀଙ୍କୁ ଯେମିତି ହେଲେ ବି ବିଜୟୀ କରିବା ନିମନ୍ତେ ଦଳର ନେତାମାନେ ଅଣ୍ଟା ଭିଡ଼ିଛନ୍ତି ଓ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ସଂକ୍ରାନ୍ତରେ ଅଲିଖିତ




ନିର୍ଦ୍ଦେଶ ମଧ୍ୟ ଜାରି ହୋଇଥିବା ଅଭିଯୋଗ ହୋଇଛି । ଏହାମଧ୍ୟରେ ଶୁକ୍ରବାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିଛନ୍ତି । ରୋଡ୍ ଶୋ, ଶୋଭାଯାତ୍ରା କରି ଛାତ୍ର ନେତାମାନେ ନାମାଙ୍କନ ପାଇଁ ଶିକ୍ଷାନୁଷ୍ଠାନରେ ପହଞ୍ଚିଛି । ଏହି ସମୟରେ ଯାଜପୁରରେ ବୋମାମାଡ଼, ଭଦ୍ରକରେ ନିର୍ବାଚନ ବାତିଲ, ନୟାଗଡ଼ରେ ଅନିୟମିତା, ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଶାସକ ଗୋଷ୍ଠୀର ଛାତ୍ରଙ୍କୁ ନିର୍ବାଚିତ ଘୋଷଣାକୁ ନେଇ କ୍ୟାମ୍ପସ ▸ପୃଷ୍ଠା-୭


ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା
(PMSG:MBY)



ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ



ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ୍-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ
୧,୩୮,୦୦୦ ଟଙ୍କା ସବସିଡି
(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା
ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ
ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ ।
ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

TPSODL
TP SOUTHERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

## ବିଶେଷ ଟିପ୍ପଣୀ



ଚୋରି ଭୋଟର ସରକାର, କାମ କରିବ ନାହିଁ, କରିବ ନାହିଁ, ଆଜି ପୁଣି ଥରେ ଦିଲ୍ଲୀର ରାସ୍ତାରେ ଏକ ନିରପେକ୍ଷ ନିର୍ବାଚନ କମିସନର ଦାବି ପାଇଁ ସଂଘର୍ଷ ଜାରି ରହିଛି...

*-ଦୀପେନ୍ଦର ସିଂ ହୁଡ୍ଡା*
*(ହରିୟାଣା ସାଂସଦ)*



ଦୁଇଜଣ ନିର୍ବାଚନ କମିଶନର ଖୋଲାଖୋଲି ଭାବରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭୁଲ ବୋଲି କହିଛନ୍ତି। ସେମାନେ ଜ୍ଞାନେଶଙ୍କୁ ବୁଝାଇବା ସତ୍ତ୍ୱେ ସେ ରାଜି ହୋଇନଥିଲେ। ଏହାପରେ ମଧ୍ୟ ସରକାର ଜ୍ଞାନେଙ୍କୁ ପଦବୀରୁ ହଟାଇବାକୁ ପ୍ରସ୍ତୁତ ନୁହଁନ୍ତି।

*ମଲ୍ଲିକାର୍ଜୁନ ଖଡ୍‌ଗେ*
*(କଂଗ୍ରେସ ସଭାପତି)*

## ଜେନ୍ Z

ପ୍ରଥମ ଥର ପାଇଁ କ୍ଷମତାରେ ଥିବା କୌଣସି ସରକାର ବିରୋଧୀଙ୍କ ଦାବି ବିନା 'ଦିଲ୍ଲୀ ବନ୍ଦ' ଆୟୋଜନ କରୁଛନ୍ତି।

ଅଜୟ ମଲ୍ଲିକ @ajaymallikTM ଫିଟାଉଛନ୍ତି।

## ନୋବେଲ ଶାନ୍ତି ପୁରସ୍କାର ଘୋଷଣା ପରେ ଆଇସିସି ଉପରେ ଟ୍ରମ୍ପଙ୍କ କଟକଣା

ୱାସିଂଟନ, ୯।୧୦(ଏଜେନ୍ସି): ଅନ୍ତର୍ଜାତୀୟ ଆଇନର ପ୍ରସାର ପାଇଁ ଉଦ୍ୟମ ନିମନ୍ତେ ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିସି)ର ପୂର୍ବତନ ବିଚାରପତି ନାଭି ପିଲ୍ଲେ ନୋବେଲ ଶାନ୍ତି ପୁରସ୍କାର ପାଇବାର କିଛି ଘଣ୍ଟା ପରେ ଆମେରିକାର ଟ୍ରମ୍ପ ପ୍ରଶାସନ ଏହି ଅଦାଲତ ଉପରେ କଟକଣା ଲଗାଇଛି। ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ କହିଛନ୍ତି, ଆମେରିକୀୟ ନାଗରିକଙ୍କ ବିରୋଧରେ ଆଇସିସି ଯେପରି ମାମଲା ଚଳାଇ ନପାରେ, ସେଥିପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ହେଗ୍‌ସ୍ଥିତ ଅଦାଲତ ବିରୋଧରେ ଟ୍ରମ୍ପ ପ୍ରଶାସନର ଅଭିଯାନକୁ ଆହୁରି ତୀବ୍ର କରିଛି। ରୁବିଓ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେବେ ବି ଆଇସିସିକୁ ଆମେରିକୀୟଙ୍କ ବିରୋଧରେ ବିଚାର କରିବାକୁ ଅନୁମତି ଦେବେ ନାହିଁ। ଏହି କଟକଣା ଅନୁଯାୟୀ, ଅଦାଲତ ସହ ଆର୍ଥିକ କାରବାର ବନ୍ଦ କରାଯିବା ସହ ଏହାର ସମ୍ବଳ ଓ କାର୍ଯ୍ୟକ୍ଷମତାକୁ ସୀମିତ କରିବା ଲକ୍ଷ୍ୟ ରଖାଯାଇଛି।

● ଗୁଜରାଟର କଚ୍ଛରେ ବୋଲେରୋ-ଟ୍ରକ୍ ଧକ୍କା

## ୭ ଶ୍ରମିକ ମୃତ, ୨୦ ଆହତ

କଚ୍ଛ, ୯।୧୦(ଏଜେନ୍ସି): ଗୁଜରାଟର କଚ୍ଛ ଜିଲ୍ଲାରେ ଶୁକ୍ରବାର ସକାଳେ ଏକ ବୋଲେରୋ ପିକ୍‌ଅପ୍ ଗାଡ଼ି ସହ ଟ୍ରକ୍‌ର ଧକ୍କା ହେବାରୁ ୭ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଭୁଜ ସିଭିଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଧକ୍କା ଏତେ ତୀବ୍ର ଥିଲା ଯେ ବୋଲେରୋର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂର୍‌ମାର୍ ହୋଇଯାଇଥିଲା। ଟ୍ରକ୍‌ଟି ଗାଡ଼ି ତଳେ ଫସି ରହିଥିଲା। ଦୁର୍ଘଟଣା ପରେ ଭଙ୍ଗା ଗାଡ଼ି ଭିତରେ ଓ ତଳେ ଫସିଥିବା ଲୋକଙ୍କ ଚିତ୍କାର ଶୁଣିବାକୁ ମିଳିଥିଲା। ଉଦ୍ଧାରକାରୀ ଦଳ ସେମାନଙ୍କୁ ବାହାର କରିବାକୁ ଉଦ୍ୟମ କରିଥିଲେ। କଚ୍ଛ ଜିଲ୍ଲାପାଳ ଅନିଲ ରଣଭାସିଆଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ସମୟରେ ବୋଲେରୋ ପିକ୍‌ଅପ୍‌ରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ। ଦୁର୍ଘଟଣାସ୍ଥଳ ନିକଟ ଆରି ପାର୍କ ଚେକ୍‌ପୋଷ୍ଟରେ ମୁତୟନ ପୁଲିସ କର୍ମଚାରୀ ତୁରନ୍ତ ପହଞ୍ଚିଥିଲେ। ନିକଟସ୍ଥ ଶିଳ୍ପାଞ୍ଚଳରୁ କ୍ରେନ୍ ଆଣି ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଦୁର୍ଘଟଣାର କାରଣ ସମ୍ପର୍କରେ ଅଧିକ ତଥ୍ୟ ଅପେକ୍ଷାରେ ରହିଛି।

## ଶ୍ରୀଲଙ୍କା ଉପକୂଳ ନିକଟରେ ଫସିଛି ୧୯ ଇରାନୀ ଜାହାଜ

କଲମ୍ବୋ, ୯।୧୦(ଏଜେନ୍ସି): ଶ୍ରୀଲଙ୍କା ଉପକୂଳ ନିକଟ ଆନ୍ତର୍ଜାତିକ ଜଳସୀମାରେ ୧୯ଟି ଇରାନୀ ଜାହାଜ ଅଟକି ରହିଛି। ଏହି ଜାହାଜଗୁଡ଼ିକରେ ଖାଦ୍ୟ, ପାନୀୟ ଜଳ ଓ ଇନ୍ଧନର ଅଭାବ ଦେଖାଦେଇଛି। ତେବେ ସହାୟତା ଯୋଗାଇଲେ ଆମେରିକାର ଆର୍ଥିକ କଟକଣାର ସମ୍ମୁଖୀନ ହେବା ଆଶଙ୍କାରେ ଶ୍ରୀଲଙ୍କା ସରକାର ଏଯାଏଁ କୌଣସି ନିଷ୍ପତ୍ତି ନେଇନାହାନ୍ତି। ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ତୁଷାର ରୋଡ୍ରିଗୋ କହିଛନ୍ତି, ଜାହାଜଗୁଡ଼ିକ ଉପକୂଳଠାରୁ ପ୍ରାୟ ୨୪ ନଟିକାଲ୍ ମାଇଲ୍ ଦୂରରେ ରହିଛି। ସହାୟତା ଯୋଗାଇଲେ କାର୍ଯ୍ୟାନୁଷ୍ଠାନ ନେଇ ଆମେରିକା ପକ୍ଷରୁ କୌଣସି ଆନୁଷ୍ଠାନିକ ଚେତାବନୀ ମିଳିନାହିଁ ବୋଲି ସେ କହିଛନ୍ତି। ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀରେ ଆମେରିକାର ନୌସେନା ଅବରୋଧ ପୁନର୍ବାର ଆରମ୍ଭ ହେବା ପରେ ଅନେକ ଇରାନୀ ଜାହାଜ ନିଜ ଦେଶକୁ ଫେରିପାରୁନାହାନ୍ତି। ଶ୍ରୀଲଙ୍କା ପାଇଁ ଏହା ଏକ କୂଟନୈତିକ ସମସ୍ୟା ସୃଷ୍ଟି କରିଛି।

## ଏଲନ୍ ମସ୍କଙ୍କୁ ଆମେରିକାର ବିଜ୍ଞାନ ପଦକ

ୱାସିଂଟନ, ୯।୧୦: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଏକ ସମାରୋହରେ ଶିଳ୍ପପତି ଏଲନ୍ ମସ୍କଙ୍କୁ ଜାତୀୟ ବିଜ୍ଞାନ ପଦକ ପ୍ରଦାନ କରିଛନ୍ତି। ମହାକାଶ ଗବେଷଣା, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ମସ୍କଙ୍କ ଅବଦାନକୁ ପ୍ରଶଂସା କରି ଟ୍ରମ୍ପ ତାଙ୍କୁ 'ଆଧୁନିକ ଯୁଗର ଥମାସ୍ ଏଡିସନ୍' ବୋଲି ଅଭିହିତ କରିଛନ୍ତି। ଟେସ୍‌ଲାର ବିକାଶ ଓ ବୈଦ୍ୟୁତିକ ଗାଡ଼ିକୁ ଲୋକପ୍ରିୟ କରିବାରେ ମସ୍କଙ୍କ ଭୂମିକାକୁ ଟ୍ରମ୍ପ ପ୍ରଶଂସା କରିଥିଲେ। ନ୍ୟୁରାଲିଙ୍କ୍ ଓ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ତାଙ୍କ କାର୍ଯ୍ୟର ମଧ୍ୟ ଉଲ୍ଲେଖ କରିଥିଲେ। ଗୁଗଲ୍‌ର ସହପ୍ରତିଷ୍ଠାତା ସର୍ଗେଇ ବ୍ରିନ୍, ଏନ୍‌ଭିଡିଆର ମୁଖ୍ୟ ଜେନ୍‌ସେନ୍ ହୁଆଙ୍ଗ୍ ଓ ଏଏମ୍‌ଡିର ମୁଖ୍ୟ ଲିସା ସୁଙ୍କୁ ମଧ୍ୟ ଏହି ପଦକରେ ସମ୍ମାନିତ କରାଯାଇଛି। ୨୦୨୪ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ସମର୍ଥନ କରି ପ୍ରାୟ ୨୫ କୋଟି ଡଲାର ଖର୍ଚ୍ଚ କରିଥିବା ରିପୋର୍ଟରେ କୁହାଯାଇଛି। ପରେ ସରକାରୀ ଖର୍ଚ୍ଚ ଯାଞ୍ଚ ସମ୍ପର୍କିତ ଦାୟିତ୍ୱରେ ମଧ୍ୟ ତାଙ୍କୁ ନିଯୁକ୍ତି ମିଳିଥିଲା।

୧୧ ଛାତ୍ରୀଙ୍କ ଯୌନ ଉତ୍ପୀଡ଼ନ ଅଭିଯୋଗ

## ଜେଏନ୍‌ୟୁରୁ ବହିଷ୍କୃତ ହେଲେ କଂଗ୍ରେସ ସାଂସଦ ପ୍ରଫେସର ଆକୋଇଜାମ୍



ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଯୌନ ଉତ୍ପୀଡ଼ନ ଅଭିଯୋଗରେ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପ୍ରଫେସର ତଥା ମଣିପୁରର ଆଭ୍ୟନ୍ତରୀଣ ମଣିପୁର ଲୋକସଭା ଆସନର କଂଗ୍ରେସ ସାଂସଦ ଡ ଆଙ୍ଗୋମଚା ବିମୋଲ ଆକୋଇଜାମଙ୍କୁ ଚାକିରିରୁ ବହିଷ୍କାର କରିଛି। ୧୧ ଜଣ ଛାତ୍ରୀ ତାଙ୍କ ବିରୋଧରେ ଏହି ଅଭିଯୋଗ ଆଣିଥିଲେ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି ତଦନ୍ତ କରିବା ପରେ ତାଙ୍କ ବିରୋଧରେ କଠୋର ଦଣ୍ଡ ନିମନ୍ତେ ସୁପାରିସ କରିଥିଲା। ଏହା ଆଧାରରେ ନିଆଯାଇଥିବା ବହିଷ୍କାର ନିଷ୍ପତ୍ତି ତୁରନ୍ତ ଲାଗୁ ହୋଇଛି। ଏହା ପୂର୍ବରୁ ଦିଲ୍ଲୀ ମହିଳା ଆୟୋଗ ଏହି ଘଟଣା ସମ୍ପର୍କରେ ଜେଏନ୍‌ୟୁ ପ୍ରଶାସନଠାରୁ ରିପୋର୍ଟ ମାଗିଥିଲା। ଛାତ୍ରୀମାନେ ଅଭିଯୋଗ କରିଥିଲେ ଯେ, ୨୦୨୬ ମେ' ମାସରେ ସେମାନେ ବିଶ୍ୱବିଦ୍ୟାଳୟର କୁଳପତି ଶାନ୍ତିଶ୍ରୀ ଧୁଲିପୁଡ଼ି ପଣ୍ଡିତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସେତେବେଳେ ଉପଯୁକ୍ତ ପଦକ୍ଷେପ ନିଆଯାଇ ନଥିବା ସେମାନେ ଦାବି କରିଥିଲେ। ୨୦୨୩ରେ ମଣିପୁର ହିଂସା ପରେ ଆକୋଇଜାମ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ୨୦୨୪ ଲୋକସଭା ନିର୍ବାଚନରେ ସେ କଂଗ୍ରେସ ଟିକେଟ୍‌ରେ ବିଜୟୀ ହୋଇଥିଲେ। ମଣିପୁରରେ ଶାନ୍ତି ପ୍ରତିଷ୍ଠା ଓ ହିଂସା ପୀଡ଼ିତଙ୍କ ପୁନର୍ବାସ ପ୍ରସଙ୍ଗରେ ସେ ସଂସଦରେ ସ୍ୱର ଉଠାଇଆସିଛନ୍ତି।

## ଆମେରିକାରେ ମୃତ୍ୟୁଦଣ୍ଡର ହେବ ସିଧା ପ୍ରସାରଣ



**୧୩ ସୈନିକଙ୍କ ହତ୍ୟାକାରୀ ନିଦାଲ ହାସନ୍‌ଙ୍କୁ ଗୁଳି କରି ଦିଆଯିବ ମୃତ୍ୟୁଦଣ୍ଡ**

ଟେକ୍ସାସ୍, ୯।୧୦(ଏଜେନ୍ସି): ଆମେରିକାରେ ପ୍ରଥମ ଥର ପାଇଁ ଜଣେ ଦୋଷୀଙ୍କ ମୃତ୍ୟୁଦଣ୍ଡକୁ ଟେଲିଭିଜନ୍‌ରେ ସିଧା ପ୍ରସାରଣ କରିବାକୁ ଯୋଜନା କରାଯାଇଛି। ୨୦୦୯ରେ ଟେକ୍ସାସ୍‌ର ଫୋର୍ଟ ହୁଡ୍ ସାମରିକ ଘାଟିରେ ୧୩ ଜଣଙ୍କୁ ହତ୍ୟା କରିଥିବା ପୂର୍ବତନ ସେନା ମେଜର ନିଦାଲ ହାସନ୍‌ଙ୍କୁ ଡିସେମ୍ବର ୩ରେ ଗୁଳି କରି ମୃତ୍ୟୁଦଣ୍ଡ ଦିଆଯିବାର ଖବର ପ୍ରକାଶ ପାଇଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ କହିଛନ୍ତି, ଜନସାଧାରଣ ଏହା ଦେଖିପାରିବେ। ଏପରି ଅପରାଧର ଗମ୍ଭୀର ପରିଣାମ ବିଷୟରେ ଲୋକେ ଜାଣିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ୨୦୦୯ ନଭେମ୍ବର ୫ରେ ହାସନ୍ ଫୋର୍ଟ ହୁଡ୍ ସାମରିକ ଘାଟିରେ ଗୁଳି ଚଳାଇ ୧୩ ଜଣଙ୍କୁ ହତ୍ୟା କରିଥିବା ବେଳେ ଅନେକ ଆହତ ହୋଇଥିଲେ। ସେତେବେଳେ ଆମେରିକା ଆଫଗାନିସ୍ତାନ ଓ ଇରାକ୍‌ରେ ଯୁଦ୍ଧ କରୁଥିଲା। ହାସନ୍ ଏହି ଆକ୍ରମଣକୁ ଜିହାଦ୍ ପାଇଁ କରିଥିବା କହିଥିଲେ। ୨୦୧୩ରେ ସାମରିକ ଅଦାଲତ ତାଙ୍କୁ ପୂର୍ବଯୋଜିତ ହତ୍ୟା ଓ ହତ୍ୟା ଉଦ୍ୟମ ସମେତ ୪୫ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲା। ୧୯୬୧ ପରଠାରୁ ଆମେରିକାର ସାମରିକ ନ୍ୟାୟ ବ୍ୟବସ୍ଥାରେ ଏହା ପ୍ରଥମ ମୃତ୍ୟୁଦଣ୍ଡ ମାମଲା ବୋଲି ରିପୋର୍ଟରେ କୁହାଯାଇଛି।

**ଦିଲ୍ଲୀ ଆସୁଥିବା ଟ୍ରେନ୍‌ରୁ କକ୍ରୋଚ୍ ସମର୍ଥକଙ୍କୁ ଉଠାଇନେଲା ପୁଲିସ**

# ୧୦ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ଅଭିଯୋଗ



ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଶନିବାର ଦିଲ୍ଲୀର ଯନ୍ତରମନ୍ତରରେ ପ୍ରସ୍ତାବିତ ବିଶାଳ ପ୍ରତିବାଦ ପୂର୍ବରୁ ରାଜଧାନୀରେ ସୁରକ୍ଷା କଟକଣା କଡ଼ାକଡ଼ି କରାଯାଇଛି। ଦିଲ୍ଲୀ ପୁଲିସ ଆନ୍ଦୋଳନ ପାଇଁ ଅନୁମତି ଦେଇନଥିବାବେଳେ, ପ୍ରତିବାଦରେ ଯୋଗଦେବାକୁ ଦିଲ୍ଲୀ ଆସୁଥିବା ହଜାର ହଜାର ଲୋକଙ୍କୁ ବିଭିନ୍ନ ରେଳ ଷ୍ଟେସନ ଓ ଟ୍ରେନ୍‌ରୁ ଅଟକ ରଖାଯାଉଥିବା ଅଭିଯୋଗ କରିଛନ୍ତି କକ୍ରୋଚ୍ ଜନତା ପାର୍ଟି (ସିଜେପି) ଏବଂ ବାମପନ୍ଥୀ ସଂଗଠନଗୁଡ଼ିକ। ସିଜେପିର ସହ-ସଂଯୋଜକ ଆଶୁତୋଷ ରଙ୍କା ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ସାରା ଦେଶରେ ଅତି କମ୍‌ରେ ୧୦ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ଦାବି କରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଟ୍ରେନ୍ ଓ ରେଳ ଷ୍ଟେସନରେ ପୁଲିସ ଲୋକଙ୍କୁ ଅଟକ ରଖୁଥିବାର ଅନେକ ଭିଡିଓ ସାମ୍ନାକୁ ଆସିଛି। ତେବେ ଏହି ଅଟକ ଘଟଣାଗୁଡ଼ିକ ଶନିବାରର ପ୍ରତିବାଦ ସହ ଜଡ଼ିତ କି ନୁହେଁ, ତାହା ସ୍ୱାଧୀନ ଭାବେ ଯାଞ୍ଚ କରାଯାଇପାରିନାହିଁ। ମଧ୍ୟପ୍ରଦେଶରେ ଗୋଆ ଏକ୍ସପ୍ରେସ୍‌ରେ ଦିଲ୍ଲୀ ଯାଉଥିବା ପ୍ରାୟ ୧୫ ଜଣ ଛାତ୍ରଙ୍କୁ ପୁଲିସ ଜୋରଜବରଦସ୍ତି ଟ୍ରେନ୍‌ରୁ ଓହ୍ଲାଇ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ରେଳ ଷ୍ଟେସନରେ ଉତ୍ତେଜନା ଦେଖାଦେଇଥିଲା। ଇଟାରସୀ ରେଳବାଇ ପୁଲିସର ନିରୀକ୍ଷକ ସଞ୍ଜୟ ଚୌକ୍‌ସେ କହିଛନ୍ତି, ଛାତ୍ରମାନଙ୍କୁ ଟ୍ରେନ୍‌ରୁ ଓହ୍ଲାଇ ଦିଆଯାଇଥିଲା ଏବଂ ପରେ ଛାଡ଼ି ଦିଆଯାଇଥିଲା। ସେମାନଙ୍କୁ ଅଟକ ରଖାଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରି କହିଥିଲେ ଯେ ଛାତ୍ରମାନେ ନିଜ ଇଚ୍ଛାରେ ଏକ ହୋଟେଲରେ ରହୁଥିଲେ। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେ ଏହି ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିବା ସହ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଦେବାକୁ କହିଛନ୍ତି। ତେଲେଙ୍ଗାନାର ସିଜେପି ସ୍ୱେଚ୍ଛାସେବୀମାନଙ୍କୁ ଭୋପାଳରୁ ଅଟକ ରଖାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗ, ରାଜସ୍ଥାନ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରେ ମଧ୍ୟ ଅଟକ ଘଟଣା ଘଟିଥିବା ସିଜେପି ଅଭିଯୋଗ କରିଛି। କୋଲକାତାରେ ସାଧା ପୋଷାକରେ ଥିବା କିଛି ବ୍ୟକ୍ତି ସିଜେପିର ଏକ ଦଳକୁ ଉଠାଇ ନେଇ ଅଜଣା ସ୍ଥାନରେ ରଖିଥିବା ରଙ୍କା ଦାବି କରିଛନ୍ତି। ରାଜସ୍ଥାନର ଅଲୱାରରେ ଗୋଡ଼ ଭାଙ୍ଗିବା ପରେ ସୁସ୍ଥ ହେଉଥିବା ସଂଗଠନର ନେତା ଦୀପକ ବାଲିୟାନଙ୍କୁ ପୁଲିସ ଘରୁ ଟାଣି ନେଇଥିବା ଏବଂ ପ୍ରାୟ ୧୦୦ କିଲୋମିଟର ଦୂରକୁ ନେବା ପରେ କିଛି ଘଣ୍ଟା ପରେ ଛାଡ଼ିଥିବା ମଧ୍ୟ ଅଭିଯୋଗ ହୋଇଛି। ବାମପନ୍ଥୀ ସଂଗଠନ ଏସ୍‌ଏଫ୍‌ଆଇ ଓ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇସା) ମଧ୍ୟ ନିଜ ସଦସ୍ୟମାନଙ୍କୁ ଦିଲ୍ଲୀ ଯିବାରୁ ରୋକିବା ପାଇଁ ପୁଲିସ ଘରକୁ ଘର ଯାଉଥିବା ଅଭିଯୋଗ କରିଛନ୍ତି। ଆଇସାର ନେତ୍ରୀ ନେହା ବୋରା କହିଛନ୍ତି, ଦିଲ୍ଲୀ ଆସୁଥିବା ଟ୍ରେନ୍‌ଗୁଡ଼ିକୁ ଅଟକାଯାଉଛି ଏବଂ ୫୭ଟି ମେଟ୍ରୋ ଷ୍ଟେସନ ବନ୍ଦ କରାଯାଇଛି। ଏହାକୁ ସେ ଦେଶରେ ଏକ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ବୋଲି କହିଛନ୍ତି। ପ୍ରତିବାଦ ପୂର୍ବରୁ ଦିଲ୍ଲୀରେ ବ୍ୟାପକ ସୁରକ୍ଷା ବଳ ମୁତୟନ କରାଯାଇଛି। ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନକୁ ଆସିବାକୁ ଥିବା ସମସ୍ତ ଟ୍ରେନ୍ ବାତିଲ କରାଯାଇଥିବା ବେଳେ ୫୭ଟି ମେଟ୍ରୋ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ପଥ ବନ୍ଦ କରାଯାଇଛି। ତେବେ ନୂଆଦିଲ୍ଲୀ ଷ୍ଟେସନକୁ ଛାଡ଼ି ଅନ୍ୟ ମେଟ୍ରୋ ଷ୍ଟେସନଗୁଡ଼ିକରେ ଟ୍ରେନ୍ ବଦଳାଇବା ସୁବିଧା ଜାରି ରହିବ ବୋଲି ରିପୋର୍ଟରେ କୁହାଯାଇଛି।

## ପାକିସ୍ତାନରେ ୧୫ଟି ଛୋଟ ରାଜ୍ୟ ଗଠନ ଯୋଜନା!

ଇସଲାମାବାଦ, ୯।୧୦: ପାକିସ୍ତାନର ରାଜନୈତିକ ମାନଚିତ୍ର ବଦଳାଇବାକୁ ସେନାମୁଖ୍ୟ ଅସୀମ ମୁନିର ଯୋଜନା କରୁଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବ୍ରିଟିଶ୍ ପତ୍ରିକା 'ଦି ଇକୋନୋମିଷ୍ଟ'ର ରିପୋର୍ଟ ଅନୁଯାୟୀ, ଦେଶର ୪ଟି ପ୍ରଦେଶକୁ ବିଭାଜନ କରି ୧୨ରୁ ୧୫ଟି ଛୋଟ ପ୍ରଶାସନିକ ଏକକ ଗଠନ କରିବା ନେଇ ବିଚାର ଚାଲିଛି। ଏହାଦ୍ୱାରା ପଞ୍ଜାବର ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ୍ ଏବଂ ସିନ୍ଧ୍‌ର ପାକିସ୍ତାନ ପିପୁଲ୍ସ ପାର୍ଟିର ରାଜନୈତିକ ପ୍ରଭାବ ଦୁର୍ବଳ ହୋଇପାରେ। ଫଳରେ କେନ୍ଦ୍ର ସରକାର ଓ ସେନାର ପ୍ରଭାବ ବଢ଼ିବା ଆଶଙ୍କା ରହିଛି। ପ୍ରଶାସନିକ ସୁବିଧା ପାଇଁ ଛୋଟ ପ୍ରଦେଶ ଗଠନ ଯୁକ୍ତି ଦିଆଯାଉଥିବା ବେଳେ ଏହାର ପ୍ରକୃତ ଲାଭ କାହାକୁ ମିଳିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଜନସେବା ପାଇଁ ଜିଲ୍ଲାଗୁଡ଼ିକୁ ଅଧିକ କ୍ଷମତା ଦେବା ମଧ୍ୟ ଅନ୍ୟ ଏକ ବିକଳ୍ପ ଭାବେ ଆଲୋଚନା ହେଉଛି। ଏହି ପ୍ରସ୍ତାବକୁ ସିନ୍ଧ୍‌ରେ ବିରୋଧ କରାଯାଉଛି। ସେପ୍ଟେମ୍ବର ୩ରେ ସିନ୍ଧ୍ ବିଧାନସଭା ପ୍ରଦେଶ ବିଭାଜନ ବିରୋଧରେ ପ୍ରସ୍ତାବ ପାରିତ କରିଥିଲା।

## ଜେଡି ଭାନ୍ସଙ୍କ 'ଚୁକ୍ତିବଦ୍ଧ ଦାସ' ମନ୍ତବ୍ୟକୁ ଭାରତର କଡ଼ା ବିରୋଧ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆମେରିକାରେ କାର୍ଯ୍ୟରତ ଏଚ୍-୧ବି ଭିସାଧାରୀ ଭାରତୀୟ ପେସାଦାରଙ୍କୁ 'ଚୁକ୍ତିବଦ୍ଧ ଦାସ' ବୋଲି ଅଭିହିତ କରିଥିବା ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ମନ୍ତବ୍ୟକୁ ଭାରତ କଡ଼ା ନିନ୍ଦା କରିଛି। ଏହାକୁ ଅନୁଚିତ ଓ ଅତ୍ୟନ୍ତ ଅପମାନଜନକ ବୋଲି ଦର୍ଶାଇଛି ବୈଦେଶିକ ମନ୍ତ୍ରଣାଳୟ। ଆମେରିକାର ଅର୍ଥନୀତି, ଗବେଷଣା ଓ ନବସୃଜନ କ୍ଷେତ୍ରରେ ଭାରତୀୟ ପେସାଦାରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ମନ୍ତ୍ରଣାଳୟ କହିଛି। ଆମେରିକାର ଶ୍ରମ ବିଭାଗ ଆଠଟି ପ୍ରମୁଖ ସୂଚନା ପ୍ରଯୁକ୍ତି ସଂସ୍ଥା ପାଇଁ ସ୍ଥାୟୀ ଶ୍ରମ ପ୍ରମାଣପତ୍ର କାର୍ଯ୍ୟକ୍ରମ (ପର୍ମ) ଅଧୀନରେ ଆବେଦନ ଗ୍ରହଣ ସ୍ଥଗିତ ରଖିବା ପରେ ଏହି ବିବାଦ ଉପୁଜିଛି। ଏହି ସଂସ୍ଥାଗୁଡ଼ିକ ମଧ୍ୟରେ ମାଇକ୍ରୋସଫ୍ଟ, ଇନ୍‌ଫୋସିସ୍, ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସ୍ (ଟିସିଏସ୍), ୱିପ୍ରୋ ଓ ଏଚ୍‌ସିଏଲ୍ ରହିଛନ୍ତି। ଏହି କମ୍ପାନିଗୁଡ଼ିକ ଆମେରିକୀୟ କର୍ମଚାରୀଙ୍କ ବଦଳରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତ କରୁଥିବା ଭାନ୍ସ ଅଭିଯୋଗ କରିଥିଲେ। ବୈଦେଶିକ ମନ୍ତ୍ରଣାଳୟ କହିଛି, ଐତିହାସିକ ଓ ଔପନିବେଶିକ ଶୋଷଣର ଯନ୍ତ୍ରଣାଦାୟକ ସ୍ମୃତି ସହ ଜଡ଼ିତ ଶବ୍ଦର ବ୍ୟବହାର ଅତ୍ୟନ୍ତ ଅପମାନଜନକ। ଏହି ମନ୍ତବ୍ୟ ଭାରତୀୟ ପେସାଦାରଙ୍କ ଅବଦାନକୁ ଅଣଦେଖା କରୁଛି ବୋଲି ମନ୍ତ୍ରଣାଳୟ ମତ ଦେଇଛି। ଏକଦା ବ୍ରିଟିଶ ଶାସନ ସମୟରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଚୁକ୍ତିଭିତ୍ତିକ ଶ୍ରମିକ ଭାବେ ମରିସସ୍, ଫିଜି, କାରିବୀୟ ଅଞ୍ଚଳ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ଶୋଷଣମୂଳକ ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହୋଇଥିଲେ। ଏହି ଐତିହାସିକ ପୃଷ୍ଠଭୂମିରେ ଭାନ୍ସଙ୍କ ଶବ୍ଦ ପ୍ରୟୋଗକୁ ଭାରତ ଆପତ୍ତିଜନକ ବୋଲି କହିଛି। ମନ୍ତ୍ରଣାଳୟ ଆହୁରି କହିଛି, ଭାରତୀୟ ପେସାଦାରଙ୍କ ଦକ୍ଷତା ଆମେରିକୀୟ କମ୍ପାନିଗୁଡ଼ିକୁ ଗବେଷଣା, ଉତ୍ପାଦକତା, ପ୍ରତିଦ୍ୱନ୍ଦ୍ୱିତା ଓ ନିଯୁକ୍ତି ସୃଷ୍ଟିରେ ସହାୟତା କରୁଛି। ଏହାଦ୍ୱାରା ଉଭୟ ଦେଶ ଲାଭବାନ ହେଉଛନ୍ତି। ତେଣୁ ଦୁଇ ଦେଶର ସାଧାରଣ ଅର୍ଥନୈତିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଉଥିବା ପଦକ୍ଷେପ ଗ୍ରହଣ କରିବା ଉଚିତ ନୁହେଁ। ଆମେରିକାରେ ନିଯୁକ୍ତିଭିତ୍ତିକ ଗ୍ରିନ୍ କାର୍ଡ ପାଇଁ ଯୋଗ୍ୟ ବିଦେଶୀ କର୍ମଚାରୀଙ୍କୁ ପ୍ରାୟୋଜିତ କରିବା ପୂର୍ବରୁ ନିଯୁକ୍ତିଦାତାଙ୍କୁ ସାଧାରଣତଃ ପର୍ମ ଶ୍ରମ ପ୍ରମାଣପତ୍ର ପ୍ରକ୍ରିୟା ପୂରଣ କରିବାକୁ ପଡ଼େ।

## ବିଜୟନ୍‌ଙ୍କ ବିରୋଧରେ ହାଇକୋର୍ଟଙ୍କ ଏତଲା ନିର୍ଦ୍ଦେଶ

ଥିରୁବନନ୍ତପୁରମ୍, ୯।୧୦(ଏଜେନ୍ସି): କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍‌ଙ୍କ ବିରୋଧରେ ଏକ ଦୁର୍ନୀତି ମାମଲାରେ ଏତଲା ରୁଜୁ କରିବାକୁ କେରଳ ହାଇକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ବିଜୟନ୍‌ଙ୍କ ସହ ତାଙ୍କ ଝିଅ ଟି ବୀଣାଙ୍କ ନାମ ମଧ୍ୟ ଏହି ମାମଲାରେ ଆସିଛି। କୋଚିନ୍ ମିନେରାଲ୍ସ ଆଣ୍ଡ ରୁଟାଇଲ୍ ଲିମିଟେଡ୍ (ସିଏମ୍‌ଆର୍‌ଏଲ୍) ଓ ବୀଣାଙ୍କ କମ୍ପାନି ଏକ୍ସାଲୋଜିକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ହୋଇଥିବା ଆର୍ଥିକ କାରବାରକୁ ନେଇ ଏହି ଅଭିଯୋଗ ଉଠିଛି। ବିଚାରପତି ଏ ବଦରୁଦ୍ଦିନ୍ ଏତଲା ରୁଜୁ ପାଇଁ ଦାଖଲ ହୋଇଥିବା ଆବେଦନର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବରୁ ଏହି ମାମଲାର ତଦନ୍ତ କରୁଥିବା ବେଳେ ଏ ସମ୍ପର୍କିତ ତଥ୍ୟ କେରଳ ପୁଲିସକୁ ଦେଇଥିଲା। ତେବେ ଏତଲା ରୁଜୁ କରିବା ପରିବର୍ତ୍ତ ରାଜ୍ୟ ପୁଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଥିଲା। ଶୁଣାଣି ସମୟରେ ଇଡି ଏତଲା ରୁଜୁ ସପକ୍ଷରେ ଯୁକ୍ତି ରଖିଥିଲା। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନର ଗ୍ରହଣୀୟତା ଉପରେ ପ୍ରଶ୍ନ ଉଠାଯାଇଥିଲା। ଅଭିଯୋଗ ଅନୁଯାୟୀ, ୨୦୧୮-୧୯ରେ ସିଏମ୍‌ଆର୍‌ଏଲ୍ ବୀଣାଙ୍କ କମ୍ପାନିକୁ ମାସିକ କିସ୍ତିରେ ମୋଟ ୧୭୨ କୋଟି ଟଙ୍କା ଦେଇଥିଲା।

## ୯୦ ବର୍ଷରେ ଆଖି ବୁଜିଲେ ନାସାର ପ୍ରଖ୍ୟାତ ବୈଜ୍ଞାନିକ



ୱାସିଂଟନ, ୯।୧୦(ଏଜେନ୍ସି): ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସାର ଆପୋଲୋ ଚନ୍ଦ୍ର ଅଭିଯାନକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା କମ୍ପ୍ୟୁଟର ବୈଜ୍ଞାନିକ ମାର୍ଗାରେଟ୍ ହାମିଲଟନ୍‌ଙ୍କର ୯୦ ବର୍ଷ ବୟସରେ ପରଲୋକ ହୋଇଛି। ସେପ୍ଟେମ୍ବର ୩୦ରେ ମାସାଚୁସେଟ୍ସର କେମ୍ବ୍ରିଜ୍‌ସ୍ଥିତ ଏକ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ଝିଅ ଲରେନ୍ ହାମିଲଟନ୍ ସୂଚନା ଦେଇଛନ୍ତି। ଆପୋଲୋ ଅଭିଯାନରେ ମହାକାଶଯାନର ଉଡ଼ାଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଫ୍ଟୱେର୍ ବିକାଶ କରୁଥିବା ଦଳର ନେତୃତ୍ୱ ନେଇଥିଲେ ହାମିଲଟନ୍। ମହାକାଶଚାରୀମାନଙ୍କୁ ଚନ୍ଦ୍ର ଅଭିମୁଖେ ସୁରକ୍ଷିତ ଯାତ୍ରା କରିବାରେ ଏହି ସଫ୍ଟୱେର୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କର କାର୍ଯ୍ୟ ସଫ୍ଟୱେର୍ ଇଞ୍ଜିନିୟରିଂକୁ ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବୈଷୟିକ କ୍ଷେତ୍ର ଭାବେ ପ୍ରତିଷ୍ଠା କରିବାରେ ସହାୟକ ହୋଇଥିଲା। ୧୯୫୮ରେ ଇଣ୍ଡିଆନାର ଆର୍ଲହାମ୍ କଲେଜରୁ ଗଣିତରେ ସ୍ନାତକ ଡିଗ୍ରି ହାସଲ କରିବା ପରେ ୧୯୫୯ରେ ସେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରେ ଯୋଗ ଦେଇଥିଲେ। ପ୍ରଥମେ ପାଣିପାଗ ପୂର୍ବାନୁମାନ ସଫ୍ଟୱେର୍ ଉପରେ କାମ କରିଥିବା ହାମିଲଟନ୍ ପରେ ନାସାର ଆପୋଲୋ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ପୁରୁଷପ୍ରଧାନ ବୈଷୟିକ କ୍ଷେତ୍ରରେ କାର୍ଯ୍ୟ କରିବା ସମୟରେ ସେ ଲିଙ୍ଗଗତ ପକ୍ଷପାତର ସମ୍ମୁଖୀନ ହୋଇଥିଲେ। ତଥାପି ନିଜର ଦକ୍ଷତା ଓ କାର୍ଯ୍ୟ ମାଧ୍ୟମରେ ସେ ନିଜର ସ୍ୱତନ୍ତ୍ର ପରିଚୟ ଗଢ଼ିଥିଲେ। ପରବର୍ତ୍ତୀ ସମୟରେ ସେ ଦୁଇଟି ସଫ୍ଟୱେର୍ କମ୍ପାନି ପ୍ରତିଷ୍ଠା କରିଥିଲେ। ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ହାମିଲଟନ୍ ବ୍ୟାପକ ଜନସ୍ୱୀକୃତି ପାଇଥିଲେ। ୨୦୧୭ରେ ନାସାର ସଫଳତାରେ ଅବଦାନ ରଖିଥିବା ମହିଳାଙ୍କୁ ନେଇ ପ୍ରସ୍ତୁତ ଲେଗୋ ସେଟ୍‌ରେ ତାଙ୍କୁ ସ୍ଥାନ ମିଳିଥିଲା।

## ଉପନିର୍ବାଚନ:ତାମିଲନାଡୁରେ ଟିଭିକେକୁ ଦୁଇ ଆସନ



**ନନ୍ଦୀଗ୍ରାମ, ରେଜିନଗର, ନଗାଓଁରେ ବିଜେପିର ରେକର୍ଡ ବିଜୟ**

କୋଲକାତା/ଚେନ୍ନାଇ, ୯।୧୦(ଏଜେନ୍ସି): ଚାରିଟି ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପି ବଡ଼ ବିଜୟ ହାସଲ କରିଥିବା ବେଳେ ତାମିଲନାଡୁରେ ଅଭିନେତା ବିଜୟଙ୍କ ଦଳ ତାମିଲଗା ଭେଟ୍ରି କାଝଗମ୍ (ଟିଭିକେ) ଦୁଇଟି ଆସନ ଜିତିଛି। ପୁଡୁଚେରୀରେ ଏନ୍‌ଡିଏ ସମର୍ଥିତ ଅଲ୍ ଇଣ୍ଡିଆ ଏନ୍‌ଆର୍ କଂଗ୍ରେସ (ଏଆଇଏନ୍‌ଆର୍‌ସି) ଗୋଟିଏ ଆସନ ଜିତିଥିବା ବେଳେ ଆସାମର ନଗାଓଁ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଆଗୁଆ ରହିଛନ୍ତି। ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଆସନରେ ବିଜେପି ପ୍ରାର୍ଥୀ ହସିରାଣୀ ରଥ ୧,୨୨,୭୫୩ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ମୋଟ ୧,୬୪,୪୨୭ ଭୋଟ୍ ପାଇଛନ୍ତି। ୧୯୬୭ରେ ଏହି ଆସନ ପ୍ରତିଷ୍ଠା ହେବା ପରଠାରୁ ଏହା ସର୍ବାଧିକ ବିଜୟ ବ୍ୟବଧାନ ବୋଲି ରିପୋର୍ଟରେ କୁହାଯାଇଛି। ଏହା ପୂର୍ବରୁ ୨୦୧୬ରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଭାବେ ଶୁଭେନ୍ଦୁ ଅଧିକାରୀ ୮୧,୨୩୦ ଭୋଟ୍ ବ୍ୟବଧାନରେ ଜିତି ଏହି ରେକର୍ଡ କରିଥିଲେ। ସେହିପରି ମୁର୍ଶିଦାବାଦ ଜିଲ୍ଲାର ରେଜିନଗର ଆସନରେ ବିଜେପି ପ୍ରାର୍ଥୀ ସରକାର ୭୫,୮୧୬ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ୧,୨୯,୯୧୪ ଭୋଟ୍ ପାଇଥିବା ବେଳେ ଆମ୍ ଜନତା ଉନ୍ନୟନ ପାର୍ଟିର ଗୁଲାମ ନବୀ ଆଜାଦ ୫୪,୦୯୮ ଭୋଟ୍ ପାଇଛନ୍ତି। ତାମିଲନାଡୁର ଧରାପୁରମ୍ ଆସନରେ ଟିଭିକେ ପ୍ରାର୍ଥୀ ପି ସତ୍ୟଭାମା ୯,୪୭୧ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ଡିଏମ୍‌କେ ପ୍ରାର୍ଥୀ ଏସ୍ ସୁଗନ୍ୟାଙ୍କୁ ସେ ପରାସ୍ତ କରିଛନ୍ତି। ରାଜ୍ୟର ଅନ୍ୟ ଏକ ଆସନରେ ମଧ୍ୟ ଟିଭିକେ ବିଜୟୀ ହୋଇଛି। ଏହି ପରାଜୟକୁ ନେଇ ଡିଏମ୍‌କେ ନେତା ଏମ୍‌କେ ଷ୍ଟାଲିନ୍ ଉପନିର୍ବାଚନକୁ ଗଣତନ୍ତ୍ରର ହତ୍ୟା ବୋଲି ଅଭିହିତ କରିଛନ୍ତି। ପୁଡୁଚେରୀର ଥଟ୍ଟାଞ୍ଚାଭାଡି ଆସନରେ ଏଆଇଏନ୍‌ଆର୍‌ସି ପ୍ରାର୍ଥୀ ଅଶୋକ ଆନନ୍ଦ ବିଜୟୀ ହୋଇଛନ୍ତି। ଆସାମର ନଗାଓଁ ଲୋକସଭା ଆସନରେ ବିଜେପିର ଦେବାଶିଷ ଶର୍ମା ୮୨ ହଜାରରୁ ଅଧିକ ଭୋଟ୍‌ରେ ଆଗୁଆ ରହିଥିବା ବେଳେ ଏଆଇୟୁଡିଏଫ୍ ମୁଖ୍ୟ ବଦରୁଦ୍ଦିନ ଅଜମଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

## ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ୧୦ ପ୍ରାର୍ଥୀ ନିର୍ବାଚିତ

**ବିଜେପିର ୮, ସମାଜବାଦୀ ପାର୍ଟିର ୨ ନେତାଙ୍କୁ ମିଳିଲା ସଫଳତା**

ଲକ୍ଷ୍ନୌ, ୯।୧୦(ଏଜେନ୍ସି): ଉତ୍ତରପ୍ରଦେଶରୁ ରାଜ୍ୟସଭାକୁ ୧୦ ଜଣ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏଥିରେ ଭାରତୀୟ ଜନତା ପାର୍ଟି (ବିଜେପି)ର ୮ ଜଣ ଏବଂ ସମାଜବାଦୀ ପାର୍ଟି (ଏସ୍‌ପି)ର ୨ ଜଣ ପ୍ରାର୍ଥୀ ରହିଛନ୍ତି। ଶୁକ୍ରବାର ରାଜ୍ୟସଭା ନିର୍ବାଚନର ରିଟର୍ଣ୍ଣିଂ ଅଫିସର ଅଜିତ ବର୍ମା ଏହି ସୂଚନା ଦେଇଛନ୍ତି। ବର୍ମା କହିଛନ୍ତି, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ୧୦ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ସମାଜବାଦୀ ପାର୍ଟିର ପ୍ରାର୍ଥୀ ଧନରାଜ ପରିମଳ ନାଥୱାନୀଙ୍କୁ ଛାଡ଼ି ଅନ୍ୟମାନେ ନିର୍ବାଚନ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏସ୍‌ପି ନେତା ରାମଗୋପାଳ ଯାଦବଙ୍କ ପ୍ରତିନିଧି ଏବଂ ବିଜେପି ପ୍ରାର୍ଥୀ ରାଧାକାନ୍ତ ଓଝାଙ୍କ ପ୍ରତିନିଧି ସେମାନଙ୍କ ପକ୍ଷରୁ ପ୍ରମାଣପତ୍ର ନେଇଛନ୍ତି। ଉତ୍ତରପ୍ରଦେଶର ୧୦ ଜଣ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ନଭେମ୍ବର ୨୫ରେ ଶେଷ ହେଉଛି। ଏହି କାରଣରୁ ରାଜ୍ୟରେ ଦ୍ୱିବାର୍ଷିକ ନିର୍ବାଚନ ଆବଶ୍ୟକ ହୋଇଥିଲା। ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବାରୁ ଭୋଟ୍ ଗ୍ରହଣର ଆବଶ୍ୟକତା ପଡ଼ିନାହିଁ।

ଓଡ଼ିଶା ସୂଚନା ସେବା ଅଧିକାରୀମାନଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

# ପ୍ରଣୟନ ହେବ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି: ମୁଖ୍ୟମନ୍ତ୍ରୀ



● ସୂଚନା ସେବା ବ୍ୟବସ୍ଥାରେ ସାମାଜିକ ଗଣମାଧ୍ୟମର ପ୍ରୟୋଗକୁ ଗୁରୁତ୍ୱ
● ସ୍ୱଚ୍ଛ ଓ ପାରଦର୍ଶୀ ବିଜ୍ଞାପନ ପରିଚାଳନା ପାଇଁ ଆସିଲା 'ଇ-ସଞ୍ଚାର ଆପ୍'

ଭୁବନେଶ୍ୱର, ୯।୧୦(ସମିସ): ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଞ୍ଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ। ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯାଇ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଞ୍ଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ "ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଅତ୍ୟାଧୁନିକ ଟ୍ରେଣ୍ଡଗୁଡ଼ିକୁ ଆପଣାଇବାକୁ ପଡ଼ିବ। ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଣ୍ଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି। ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସ୍‌ନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ହିତାଧିକାରୀଙ୍କ କାହାଣୀକୁ ଲୋକଙ୍କ ସାମ୍ନାକୁ ଆଣିବାକୁ ମୁଖ୍ୟମନ୍ତ୍ରୀ ସୂଚନା ସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଡିପ୍-ଫେକ୍, କ୍ଲୋନ୍ ହୋଇଥିବା ସ୍ୱର ଏବଂ କୃତ୍ରିମ ଭିଡିଓଗୁଡ଼ିକ ସମାଜରେ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ସତ୍ୟ ସାମ୍ନାକୁ ଆସିବା ପୂର୍ବରୁ ଭୁଲ୍ ଖବର ଶୀଘ୍ର ବ୍ୟାପିଥାଏ। ତେଣୁ ଯେକୌଣସି ତଥ୍ୟ ସେୟାର କରିବା ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ। ସରକାରୀ ଅଧିକାରୀମାନେ ଆଜୀବନ ଶିକ୍ଷାର୍ଥୀ ହୋଇ ଡିଜିଟାଲ୍ ମିଡିଆ, ଫ୍ୟାକ୍ଟ-ଚେକିଂ, ଏବଂ ଭିଡିଓ କଣ୍ଟେଣ୍ଟ କ୍ରିଏସନ୍‌ରେ ଦକ୍ଷତା ହାସଲ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ଡିଜିଟାଲ ଯୁଗର ଏହି ପରିବର୍ତ୍ତନଶୀଳ ପରିବେଶରେ ଅଧିକାରୀମାନେ କେବଳ ସୂଚନା ପ୍ରସାର କରିବାରେ ସୀମିତ ନ ରହି, ସରକାରଙ୍କ ପ୍ରତ୍ୟେକଟି ଜନକଲ୍ୟାଣକାରୀ କାର୍ଯ୍ୟକୁ ସଚ୍ଚୋଟତା ଓ ପ୍ରତିବଦ୍ଧତାର ସହ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଚିତ୍ ବୋଲି କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଉଦ୍ୟମ ଓ ପ୍ରେରଣା ଫଳରେ ହିଁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ଭବ ହୋଇପାରିଛି। ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଏବଂ ଏହି ବିଭାଗ ପ୍ରତି ତାଙ୍କର ସମର୍ପଣ ଭାବର ଉଚ୍ଚ ପ୍ରଶଂସା କରିଥିଲେ। ନୂତନ ଅଫିସରମାନଙ୍କୁ ଉତ୍ସାହିତ କରି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ନୀତିଗୁଡ଼ିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାରେ ସେମାନଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ବିଜ୍ଞାପନ ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ 'ଇ-ସଞ୍ଚାର ଆପ୍'କୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। କାର୍ଯ?କ୍ରମରେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ଯୁଣଭଦ୍ରା କଲେଜ ଛାତ୍ର ସଂସଦ ନିର୍ବାଚନ

## ଭୋଟ୍ ପୂର୍ବରୁ ବିଜେଡିର ବାଜିମାତ୍



ବିଞ୍ଝାରପୁର, ୯।୧୦(ସମିସ): ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଯୁଣଭଦ୍ରା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜେଡି ସମର୍ଥିତ ସମସ୍ତ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜେଡି ପକ୍ଷରୁ ସଭାପତିଙ୍କ ସମେତ ୮ଟି ପଦବୀ ପାଇଁ ପ୍ରାର୍ଥୀ ଦିଆଯାଇଥିଲା। ଅନ୍ୟପକ୍ଷରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କେବଳ ସଭାପତି ପଦବୀ ପାଇଁ ପ୍ରାର୍ଥୀ ଦେଇଥିବା ବେଳେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାର୍ଥୀ ଦେଇପାରି ନଥିଲା। ନାମାଙ୍କନପତ୍ର ଯାଞ୍ଚ ସମୟରେ ସଭାପତି ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ବିରୋଧୀ ପ୍ରାର୍ଥିନୀ ଦେବଦର୍ଶନୀ ଜେନାଙ୍କ ନାମାଙ୍କନପତ୍ର ନାକଚ ହୋଇଥିଲା। ଫଳରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ପଦବୀରେ ବିଜୟୀ ହୋଇଥିଲେ। ସଭାପତି ଭାବେ ଲକ୍ଷ୍ମୀପ୍ରିୟା ମଲ୍ଲିକ, ଉପସଭାପତି ଭାବେ ବିଭୁପ୍ରସାଦ ନାଥ ଏବଂ ସାଧାରଣ ସମ୍ପାଦକ ଭାବେ ସ୍ୱାତିଶ୍ରୀ ଦାସ ବିଜୟୀ ହୋଇଛନ୍ତି। ଅନ୍ୟ ପାଞ୍ଚଟି ପଦବୀରେ ମଧ୍ୟ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବିଜୟ ହାସଲ କରିଛନ୍ତି। ତେବେ ଏ ନେଇ ବିଧିବଦ୍ଧ ଭାବେ ଆସନ୍ତା ୧୫ ତାରିଖରେ ଘୋଷଣା କରାଯିବ। ବିଜୟୀ ପ୍ରାର୍ଥୀମାନଙ୍କୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଛାତ୍ର ବିଜେଡି ସଭାପତି ଲେନିନ୍ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଓ ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳଙ୍କ ସମେତ ଅନ୍ୟ ବିଜେଡି ନେତା ଓ କର୍ମୀମାନେ ଭେଟି ମିଠା ଖୁଆଇବା ସହ ଶୁଭେଚ୍ଛା ଜଣାଇଥିଲେ।

## ବାଲିଯାତ୍ରାରେ ଛୁରାମାଡ଼; ଜଣେ ମୃତ, ୧ ଗୁରୁତର

କଲ୍ୟାଣସିଂହପୁର, ୯।୧୦(ସମିସ): ରାୟଗଡ଼ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ଶିକରପାଇ ପଞ୍ଚାୟତ ସଦରରେ ବାଲିଯାତ୍ରା ହତ୍ୟାକାଣ୍ଡ ଘଟିଛି। କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହେବାରୁ ଛୁରାମାଡ଼ରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛି। ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତା ଅବରୋଧ କରି ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ବାଲିଯାତ୍ରାରେ କୌଣସି କାରଣରୁ ବଚସା ହେବାରୁ ମହେଶ କାଡ୍ରାକାଙ୍କୁ ଏକ ଧାରୁଆ ଅସ୍ତ୍ରରେ ବିପକ୍ଷ ଗୋଷ୍ଠୀ ଆକ୍ରମଣ କରିଥିଲେ। ଛୁରାରେ ତାଙ୍କ ପେଟକୁ ଭୁସି ଦେବା ସହ ରହନ କାଡ୍ରାକାଙ୍କ ବେକକୁ କାଟି ଦେଇଥିଲେ। ଦୁଇ ଗୁରୁତରଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମହେଶଙ୍କୁ ଡାକ୍ତର ମୃତ ଘଷଣା କରିଥଲେ ଏବଂ ରହନ ଗୁରୁତର ଥିବାରୁ ରାୟଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## କାର୍ ଦୁର୍ଘଟଣାରେ ଦମ୍ପତି ମୃତ

ଡାବୁଗାଁ, ୯।୧୦ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅନ୍ତର୍ଗତ ଝରିଗୁଡ଼ା ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର୍‌ରେ ଯାତ୍ରା କରୁଥିବା ଦମ୍ପତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ନବରଙ୍ଗପୁର ଇଚ୍ଛାବତୀଗୁଡ଼ାର ଏଲ୍ଆଇସି ଏଜେଣ୍ଟ ସୁଶାନ୍ତ ପାଣିଗ୍ରାହୀ (୪୮) ଓ ତାଙ୍କ ପତ୍ନୀ ମୀନାକ୍ଷୀ (୪୨)। ଶୁକ୍ରବାର ପୂର୍ବାହ୍ନରେ ଏଲଆଇସି ଏଜେଣ୍ଟ ସୁଶାନ୍ତ ପାଣିଗ୍ରାହୀ (୪୯) ଓ ତାଙ୍କ ପତ୍ନୀ ନିଜ କାର (ଓଡି ୧୦ଡି ୯୧୯୨) ଯୋଗେ ଉମରକୋଟକୁ ଏଲ୍ଆଇସିର ଏକ ପରୀକ୍ଷା ଦେବା ପାଇଁ ଯାଇଥିଲେ। ପରୀକ୍ଷା ସରିବା ପରେ ଉଭୟେ ପୁଣି ନିଜ କାର୍‌ରେ ଅପରାହ୍ନ ସମୟରେ ଉମରକୋଟରୁ ନବରଙ୍ଗପୁର ଫେରୁଥିଲେ। ଅପରାହ୍ନ ସାଢ଼େ ୪ଟା ସମୟରେ ଡାବୁଗାଁ ଥାନା ଅନ୍ତର୍ଗତ ଝରିଗୁଡା ରାଜ୍ୟ ରାଜପଥ ପାଶ୍ୱର୍ରେ ଥିବା ଏକ ଗଛକୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।

## ଛାତ୍ର ସଂସଦ ନିର୍ବାଚନରେ ବିଜେପିର ଅରାଜକତା ଗଣତନ୍ତ୍ରକୁ ହତ୍ୟା କରୁଛି: ବିଜେଡି



● କାହା ନିର୍ଦ୍ଦେଶରେ କଲେଜ କ୍ୟାମ୍ପସକୁ ଜିଲ୍ଲାପାଳମାନଙ୍କୁ ପଠାଯାଉଛି?
● କ୍ୟାମ୍ପସ ରାଜନୀତିରେ ସରକାରୀ ହସ୍ତକ୍ଷେପ ବନ୍ଦ ପାଇଁ ଦାବିକଲା ଦଳ

ଭୁବନେଶ୍ୱର, ୯।୧୦(ସମିସ): ଛାତ୍ର ସଂସଦ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସରକାରୀ ସ୍ତରରେ ଯୋଜନା ଚାଲିଛି। ବିଜେପି ବିଧାୟକ ଓ ମନ୍ତ୍ରୀ କଲେଜ ଅଧ୍ୟକ୍ଷ, ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। ଦେଶରେ ଗଣତନ୍ତ୍ରକୁ ବିଜେପି ହତ୍ୟା କରୁଥିବା ବେଳେ ଏବେ କ୍ୟାମ୍ପସ ରାଜନୀତିରେ ବିଜେପି ଗଣତନ୍ତ୍ରକୁ ହତ୍ୟା କରୁଛି କହି ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସୀତା ସାହୁ କ୍ୟାମ୍ପସ ରାଜନୀତିରେ ସରକାରୀ ହସ୍ତକ୍ଷେପକୁ ବିରୋଧ କରିଥିଲେ।

ଏହି ଅବସରରେ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ସାରା ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନିର୍ଦ୍ଦିଷ୍ଟ ଛାତ୍ର ସଂଗଠନ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ନିଜର ପ୍ରସ୍ତୁତି ପର୍ବ ସାରିଲା ପରେ ସରକାର ନିର୍ବାଚନ ଘୋଷଣା କଲେ। ଆଜି ଓଡ଼ିଶାରେ ପ୍ରାୟ ୬୦୦ କଲେଜ ଓ ପାଖାପାଖି ୧୨ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ଅନୁଷ୍ଠିତ ହେଉଛି। ୩ଟି ବିଶ୍ୱବିଦ୍ୟାଳୟ ଓ ଅନ୍ୟ କଲେଜ ମାନଙ୍କରେ ଏବିଭିପି ପ୍ରାର୍ଥୀ ମାନେ ନିର୍ବାଚନ ଜିତିପାରିବେ ନାହିଁ ବୋଲି ସେଠାରେ ସରକାର ନିର୍ବାଚନ କରାଉ ନାହାନ୍ତି। ଛାତ୍ର ସଂସଦ ନିର୍ବାଚନରେ ନଗର ଉନ୍ନୟନ ମନ୍ତ୍ରୀ କଲେଜ ଅଧ୍ୟକ୍ଷ ଓ ଭିସି ମାନଙ୍କୁ ଡାକି ରିଭ୍ୟୁ ନାଁରେ ଏବିଭିପି ଛାତ୍ର ସଂଗଠନ କିଭଳି ଜିତିବ ସେଥିପାଇଁ ତାଙ୍କୁ ତାଗିଦ କରୁଥିବାର ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି। ସେହିଭଳି ଚିକିଟି ବିଧାୟକ ପାତ୍ରପୁର ବ୍ଲକ ଅଫିସରେ ସନ୍ଧ୍ୟା ୫ଟାରେ ସବୁ କଲେଜର କର୍ମଚାରୀ ମାନଙ୍କୁ ବୈଠକ କରାଇବା ପାଇଁ ଚିଠି କରାଯାଉଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଭାରତୀୟ ଜନତା ପାର୍ଟି ଦେଶରେ ଗଣତନ୍ତ୍ରକୁ ହତ୍ୟା କରୁଥିବା ବେଳେ ଏବେ କଲେଜ ରାଜନୀତିରେ ଛାତ୍ର ମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେବାକୁ ଚକ୍ରାନ୍ତ କରୁଛି। କିଛିଦିନ ତଳେ ପୁଲିସ ଡିଜି ଏକ ବୈଠକରେ କଲେଜ ମାନଙ୍କରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ କଲେଜ ମାନଙ୍କରେ ଏବିଭିପି ପ୍ରାର୍ଥୀ ଜିତିପାରିବେ ନାହିଁ ବୋଲି ଅନୁଭବ କରୁଛନ୍ତି, ସେହି ସ୍ଥାନ ମାନଙ୍କରେ ପୁଲିସ୍ ସହଯୋଗରେ ଏବିଭିପିର ସମର୍ଥିତ ଅଣଛାତ୍ର ମାନେ କଲେଜ ଭିତରେ ପ୍ରବେଶ କରି ବୋମା ପକାଇ ହିଂସାକାଣ୍ଡ ସୃଷ୍ଟି କରି କଲେଜ ନିର୍ବାଚନକୁ ବନ୍ଦ କରୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

ସେହିପରି ଚିନ୍ମୟ ସାହୁ କହିଥିଲେ ଯେ ସରକାର ଯଦି ଛାତ୍ର ସଂସଦ ନିର୍ବାଚନ କରାଇବାର ଥିଲା, କାହିଁକି ଏକାଡେମିକ କ୍ୟାଲେଣ୍ଡରରେ ଆଗୁଆ ସୂଚନା ଦେଲେ ନାହିଁ। ଆଡ୍‌ମିଶନ ପ୍ରକ୍ରିୟା ଶେଷ ହୋଇନଥିବା ବେଳେ ସରକାର ତରବରିଆ ଭାବେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କଲେ। ସରକାରୀ ଦଳର ମନ୍ତ୍ରୀ ମାନେ ଯେଉଁଭଳି ସିଧାସଳଖ ଛାତ୍ର ସଂସଦ ନିର୍ବାଚନରେ ହସ୍ତକ୍ଷେପ କରି ଚାପ ପକାଉଛନ୍ତି, ତାହାକୁ ବିଜୁ ଜନତା ଦଳ କେବେ ହେଲେ ବରଦାସ୍ତ କରିବ ନାହିଁ। ଆଜି ସମଗ୍ର ଓଡ଼ିଶାରେ ୨୦୬ଟି କଲେଜରେ କ'ଣ ପାଇଁ ନିର୍ବାଚନ ବନ୍ଦ ହୋଇଛି, ଉଚ୍ଚଶିକ୍ଷା ମନ୍ତ୍ରୀ ତାହାର ଜବାବ ଦେବାର ଆବଶ୍ୟକତା ରହିଛି। ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି ଯେ, ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଅନୁଷ୍ଠିତ ହେବ, କିନ୍ତୁ ସରକାର ନିଜେ ଏହାକୁ ଖୁଲମଖୁଲା ଉଲ୍ଲଂଘନ କରୁଛନ୍ତି। ସରକାର ଏଭଳି ନ କରି ବରଂ କେବଳ ଏବିଭିପିର ଛାତ୍ର ସଂଗଠନ ଯେଉଁଠି ନିର୍ବାଚନ ଜିତିପାରିବ, ସେହି ଜାଗାରେ ନିର୍ବାଚନ କରାଇବାକୁ ବିଜ୍ଞପ୍ତି କରି ଦିଅନ୍ତୁ ବୋଲି ଶ୍ରୀ ସାହୁ କହିଛନ୍ତି।

ଇପ୍ସିତା ସାହୁ କହିଥିଲେ ଯେ ଯେଉଁ ଛାତ୍ର ସଂସଦ ନିର୍ବାଚନ ଭାଇଚାରା ଓ ବନ୍ଧୁତ୍ୱରେ କ୍ୟାମ୍ପସମାନଙ୍କରେ ଅନୁଷ୍ଠିତ ହେଉଥିଲା, ଆଜି ସେହି କ୍ୟାମ୍ପସକୁ ଭାରତୀୟ ଜନତା ପାର୍ଟିର ସରକାର ଅଶାନ୍ତର ବାତାବରଣରେ ଭରି ଦେଇଛି। ବିଜେପି ଗୋଟିଏ 'ଜେନ୍ ଜି'ବିରୋଧୀ ଦଳ ଭାବେ ଭାରତବର୍ଷରେ ସୁନାମ ଅର୍ଜନ କରିଥିବା ବେଳେ ଓଡ଼ିଶାରେ 'ଜେନ୍ ଜି'ମାନଙ୍କ ଅଧିକାରକୁ ଛଡ଼ାଇ ନେବା ପାଇଁ ଭରପୂର ପ୍ରୟାସ ଜାରି ରଖିଛି। ନିର୍ବାଚନ ଘୋଷଣା ପରେ କଲେଜମାନଙ୍କରେ ଯେଉଁ ବିଜ୍ଞପ୍ତି ପ୍ରକାଶ ପାଇଲା, ତଦନୁଯାୟୀ ପିଲାମାନେ ନାମାଙ୍କନ ପତ୍ର ଭରିଲେ। ମାତ୍ର ଆଜି ପିଲାମାନେ ନାମାଙ୍କନପତ୍ର ଦାଖଲ କରିସାରିଲା ପରେ ୪.୨୫ ମିନିଟ୍ ସମୟରେ ରମାଦେବୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତକାଲିର ଏକ ବିଜ୍ଞପ୍ତି ପ୍ରକାଶ କରାଗଲା। ଯେଉଁଥିରେ କିଛି ନୂତନ ନିୟମ ସାମ୍ନାକୁ ଆସିଲା, ଯାହାଦ୍ୱାରା ବହୁ ଛାତ୍ର ନେତାମାନଙ୍କ ପ୍ରାର୍ଥିପତ୍ର ନାକଚ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଯଦି ଏହିଭଳି ଭାବେ ସାରା ଓଡ଼ିଶାରେ ହୋଇଥିବ, ତା'ହେଲେ କୌଣସି ଜାଗାରେ ଆମେ ଛାତ୍ର ସଂସଦ ନିର୍ବାଚନ କରାଇ ଦେବୁ ନାହୁଁ। ବେଳ ଥାଉଁ ଥାଉଁ ନ ସୁଧୁରିଲେ ସରକାର ରାଜରାସ୍ତାରେ ଲଢ଼େଇ ପାଇଁ ପ୍ରସ୍ତୁତ ରୁହନ୍ତୁ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

## ହାତୀ ଆକ୍ରମଣରେ ଯୁବକ ଓ ମହିଳା ମୃତ

ହିନ୍ଦୋଳ/ଖଜୁରିଆକଟା/କୁଚିଣ୍ଡା, ୯।୧୦(ସମିସ): ଢେଙ୍କାନାଳ ଓ ସମ୍ବଲପୁର ଜିଲ୍ଲାରେ ଶୁକ୍ରବାର ହାତୀ ଆକ୍ରମଣରେ ଜଣେ ଯୁବକ ଓ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହିନ୍ଦୋଳ ବନାଞ୍ଚଳ ହିନ୍ଦୋଳ ଥାନା ପଡ଼ା ପଞ୍ଚାୟତ ଜୟପଡ଼ା ଗ୍ରାମର ସ୍ୱପ୍ନେଶ୍ୱର ବିଶ୍ୱାଳ (୪୫)। ଗୁରୁବାର ରାତି ୮ଟାରେ ସ୍ୱପ୍ନେଶ୍ୱର ଗାଁ ନିକଟ ଠାକୁରାଣୀ ମନ୍ଦିରକୁ ଯାଇଥିବାବେଳେ ପୂର୍ବରୁ ସେଠାରେ ଥିବା ହାତୀପଲରୁ ଏକ ହାତୀ ହଠାତ ଆସି ତାଙ୍କୁ ଶୁଣ୍ଢରେ କଚାଡ଼ି ଦଳିଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ରେଞ୍ଜର ତ୍ରିଲୋଚନ ଦେହୁରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇଥିଲେ। ପରେ ପୁଲିସ ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସହାୟତା ଯୋଗାଇ ଦିଆଯିବ ବୋଲି ବନବିଭାଗ ଅଧିକାରୀ କହିଛନ୍ତି।

ସେହିପରି ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୁଚିଣ୍ଡା ଏନ୍ଏସି ୧୦ ନମ୍ବର ୱାର୍ଡ ସଇଡା ଅଞ୍ଚଳରେ ଶୁକ୍ରବାର ଭୋର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଇଡାର ସ୍ୱର୍ଗତ ସତ୍ୟ ରଜନ କୁସୁମ ଙ୍କ ସ୍ତ୍ରୀ ଅଞ୍ଜଳି କୁସୁମ (୫୦)। ସୂଚନାଯୋଗ୍ୟ, ସକାଳ ପ୍ରାୟ ୫ଟାରେ ଅଞ୍ଜଳି ନିକଟସ୍ଥ ନଦୀକୁ ଶୌଚପାଇଁ ଯାଇଥିବାବେଳେ ୬ଟିକିଆ ହାତୀ ପଲଙ୍କ ସମ୍ମୁଖରେ ପଡ଼ିଯାଇଥିଲେ। ହାତୀପଲ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ହାତୀପଲ ଗୁରୁବାର କୁଚିଣ୍ଡା ସହରରେ ରହିବାପରେ ରାତିରେ ପତ୍ରାପାଲି ଗ୍ରାମରେ ୩ଟି ଘର ଭାଙ୍ଗିବା ସହ ପନିପରିବା ଫସଲ ନଷ୍ଟ କରିଥିଲେ। ପରେ ଦିଗ ପରିବର୍ତ୍ତନ କରି ସଇଡା ଆଡ଼କୁ ଆସିଥିଲେ। ଖବରପାଇ କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦ ଓ କୁଚିଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛନ୍ତି।

ଆୟୁଷ୍ମାନ କାର୍ଡରେ ଦଲାଲଗିରି

## ଘରଲୋକଙ୍କୁ ନ ଜଣାଇ ବୃଦ୍ଧଙ୍କ ଚକ୍ଷୁ ଅସ୍ତ୍ରୋପଚାର

କେନ୍ଦୁଝର/ଝୁମ୍ପୁରା, ୯।୧୦(ସମିସ): ଘର ଲୋକଙ୍କ ବିନା ସ୍ୱୀକୃତିରେ ଘରର ବରିଷ୍ଠ ନାଗରିକଙ୍କ ଆଖି ଅପରେସନ ନେଇ ଏକ ଘରୋଇ ଡାକ୍ତରଖାନା ନାମରେ ଝୁମ୍ପୁରା ଥାନାରେ ମାମଲା ରୁଜୁ ହୋଇଛି। କେସ୍ ନଂ ୧୩୫/୨୦୨୬-୦୮/୦୯/୨୦୨୬ରେ ତଦନ୍ତ ଚାଲିଥିବା ଝୁମ୍ପୁରା ଥାନାଧିକାରୀ ସୋମବାରୀ ହାଁସଦା ସୂଚନା ଦେଇଛନ୍ତି। ଝୁମ୍ପୁରା ଥାନା ନହବେହା ଗ୍ରାମର ଗଜେନ୍ଦ୍ର କାଳନ୍ଦୀ ଏତଲାରେ ଦର୍ଶାଇଛନ୍ତି ଯେ ତାଙ୍କ କକା ରାଧା କାଳନ୍ଦୀ (୬୨)ଙ୍କୁ ୭ ତାରିଖ ଅପରାହ୍ନରେ ଘର ଲୋକ ଅଗୋଚରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଏକ ବଲେରୋ ଗାଡିରେ କିଛି ଲୋକ ଆଣି ଆସିଥିଲେ। ଗଜେନ୍ଦ୍ର କକାଙ୍କୁ ଝୁମ୍ପୁରାରେ ଖୋଜାଖୋଜି କରି ନପାଇ ଝୁମ୍ପୁରା ଥାନାରେ ୭ ତାରିଖ ରାତିରେ ମୌଖିକ ଜଣାଇଥିଲେ। ସେ କେନ୍ଦୁଝର ଆସି କକାଙ୍କୁ ଖୋଜିଖୋଜି କରି କେନ୍ଦୁଝର ସହର ଲାବଣ୍ୟଛକସ୍ଥିତ ସଞ୍ଜିବନୀ ହସ୍ପିଟାଲରେ ଆଖି ଅପରେସନ ହୋଇଥିବା ଜାଣିଥିଲେ।

ପରିବାର ଲୋକଙ୍କୁ ନ ଜଣାଇ ଅପରେସନ କରାଯାଇଥିବାରୁ ଝୁମ୍ପୁରା ଥାନାରେ ଗଜେନ୍ଦ୍ର ୮ ତାରିଖ ଦିନ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆୟୁଷ୍ମାନ କାର୍ଡ ମାଧ୍ୟମରେ ଘର ଲୋକଙ୍କ ସହମତି ବିନା ମୋତିଆବିନ୍ଦୁ ଅପରେସନ କରାଯାଉଥିବା ଅଭିଯୋଗ ହୋଇଥିଲା। ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବେ ବୋଲି ପ୍ରଲୋଭନ ଦେଖାଇ ଉକ୍ତ ହସ୍ପିଟାଲକୁ ଆମ୍ବୁଲାନ୍ସରେ ଅଣାଯାଉଛି। ସେଠାରେ କୌଣସି ରୋଗର ପରୀକ୍ଷା ନ କରି ଆଖି ଅପରେସନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଅପରେସନ ବାବଦରେ ଆୟୁଷ୍ମାନ ଭାରତ ଯୋଜନାରୁ ଚିକିତ୍ସା ବାବଦ ଖର୍ଚ୍ଚ କଟାଯାଉଛି। ଜିଲ୍ଲା ମୁଖ୍ୟାଳୟରେ ଏପରି ବେଆଇନ କାମ ଚାଲିଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଏହାର ଟେର ପାଉନାହିଁ କିପରି ବୋଲି ପ୍ରଶ୍ନ ଉଠୁଛି। ଆୟୁଷ୍ମାନ କାର୍ଡକୁ କେତେକ ଡାକ୍ତରଖାନା ଅପବ୍ୟବହାର କରୁଥିବା କୁହାଯାଉଛି।

ଅଭିଯୋଗ ଅନୁସାରେ, ଅସହାୟ ବୃଦ୍ଧବୃଦ୍ଧାଙ୍କୁ କେନ୍ଦୁଝରରେ ଏକ ମେଡିକାଲରେ ଉତ୍ତମ ଚିକିତ୍ସା ଯୋଗାଇ ଦେବ ବୋଲି କହି ଦଲାଲମାନେ ପ୍ରଲୋଭନ ଦେଖାଇ ଆମ୍ବୁଲାନ୍ସରେ କେନ୍ଦୁଝର ଆଣୁଛନ୍ତି। ପରେ ଏମାନଙ୍କୁ ଘର ଲୋକଙ୍କ ବିନା ସହମତିରେ ତରବରିଆ ଭାବେ ମୋତିଆବିନ୍ଦୁ ଅପରେସନ କରାଯାଉଛି। ସ୍ୱାସ୍ଥ୍ୟସେବା ନାଁରେ ଗରିବ ଲୋକଙ୍କ ଜୀବନ ସହ ଏଭଳି ଖେଳ ଖେଳାଯାଉଛି। କେନ୍ଦୁଝର ସହରରେ ଥିବା ଏହି ବେସରକାରୀ ମେଡିକାଲରେ ଗତ ୨ ଦିନରେ ମିଛ କରି ୭ ଜଣ ବୃଦ୍ଧବୃଦ୍ଧାଙ୍କର ମୋତିଆବିନ୍ଦୁ ଅପରେସନ କରାଯାଇଥିବା ଅଭିଯୋଗ ହୋଇଛି।

ସୁନ୍ଦରଗଡ ଜିଲ୍ଲା କୋଇଡା ଥାନା କମଲଙ୍ଗ ଗାଁର ବୈରାଗୀ ନାଏକ କହିଛନ୍ତି ଯେ ତାଙ୍କ ଆଖିକୁ ଠିକ ଭାବରେ ଦେଖାଯାଉଥିଲେ ହେଁ ତାଙ୍କୁ ଠକି ଯୋଡା ଟିସ୍କୋ ମେଡିକାଲରେ ଚିକିତ୍ସା କରାଯିବ ବୋଲି କହି ତାଙ୍କୁ କେନ୍ଦୁଝର ଆଣି ଆଖି ଅପରେସନ କରାଇଛନ୍ତି। ତାଙ୍କ ଗାଁରୁ ୫ଜଣ ଲୋକଙ୍କୁ ଚିକିତ୍ସା କରାଯିବ ବୋଲି କହି ମୋତିଆବିନ୍ଦୁ ଅପରେସନ କରିଥିବା ସେ କହିଛନ୍ତି। ଝୁମ୍ପୁରା ବ୍ଲକ ଖେଣ୍ଡରା ଏବଂ ନହବେଡା ଗାଁରେ ୨ ଜଣ ଲୋକଙ୍କୁ ପରିବାର ଲୋକଙ୍କ ଅଗୋଚରରେ ଝୁମ୍ପୁରାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହି ସେମାନଙ୍କୁ ବଲେରୋ ଗାଡିରେ କେନ୍ଦୁଝର ଆଣି ମୋତିଆବିନ୍ଦୁ ଅପରସେନ କରାଯାଇଛି। ଏହି ବେସରକାରୀ ଡାକ୍ତରଖାନା ବିରୋଧରେ ସଂଗୀନ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ଦାବି ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନମଣ୍ଡଳୀରେ ଏଭଳି ଅଭିଯୋଗର କି ପଦକ୍ଷେପ ନିଆଯାଉଛି ତାହା ସମୟ କହିବ। ତେବେ ମେଡିକାଲ କର୍ତ୍ତୃପକ୍ଷଙ୍କ ଏ ବାବଦରେ ମତାମତ ମିଳିପାରି ନାହିଁ।



## କଲେଜ ଛାତ୍ର ସଂସଦର ନିର୍ବାଚନ

# ୨ କଲେଜରେ ବାତିଲ, ୭ କଲେଜରେ ନାମାଙ୍କନ ଶେଷ



ଭଦ୍ରକ, ୯ ।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଭଦ୍ରକ ଜିଲ୍ଲାରେ ଥିବା ୯ଟି କଲେଜରେ ନିର୍ବାଚନ ଲାଗି ଘୋଷଣା ହୋଇଥିଲା। ଏଗୁଡିକ ମଧ୍ୟରେ ଭଦ୍ରକ ସ୍ୱୟଂଶାସିତ କଲେଜ, ଭଦ୍ରକ ମହିଳା କଲେଜ, ଚରମ୍ପା କଲେଜ, ବାସୁଦେବପୁର ଏବି କଲେଜ, ଧାମନଗର କଲେଜ, ତିହିଡି ବିଏନଏମଏ କଲେଜ, ଚାନ୍ଦବାଲି କଲେଜ, ନାଆମୀ କଲେଜ ଓ ବନ୍ତ କଲେଜ। ଅଚାନକ ଭାବେ ୨ଟି କଲେଜ-ଭଦ୍ରକ ମହିଳା କଲେଜ ଓ ଭଣ୍ଡାରିପୋଖରୀ ବ୍ଲକ ନାଆମୀ କଲେଜରେ ନିର୍ବାଚନକୁ ବାତିଲ କରାଯାଇଥିଲା। ଭଦ୍ରକ ମହିଳା କଲେଜ ଓ ଭଣ୍ଡାରିପୋଖରୀ ବ୍ଲକ ନାଆମୀ କଲେଜରେ ଶେଷ ମୂହୁର୍ତରେ ନିର୍ବାଚନ ବାତିଲ କରାଯିବାକୁ ନେଇ ତୀବ୍ର ଛାତ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଶୃଙ୍ଖଳା ଏବଂ ଶିକ୍ଷାନୁଷ୍ଠାନ ପରିସରରେ ଶାନ୍ତ ବାତାବରଣ ପାଇଁ ଦୁଇ କଲେଜରେ ନିର୍ବାଚନ ବାତିଲ ହୋଇଥିବା ସୂଚନା ଦିଆଯାଇଛି। କାହିଁକି କଲେଜ ନିର୍ବାଚନ ବାତିଲ ହେଲା ତାହାକୁ ନେଇ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀ ଓ ସଙ୍ଗଠନ ପକ୍ଷରୁ ସରକାରଙ୍କୁ ତାତ୍ସଲ୍ୟ କରିଥିଲେ। ସରକାରଙ୍କ ଦୋମୁହାଁ ନୀତି ବିରୋଧରେ ଗର୍ଜିଥିଲେ ଛାତ୍ରୀଛାତ୍ର। ସେହିପରି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନାଆମୀ କଲେଜରେ ଛାତ୍ରୀଛାତ୍ର ଗେଟ୍ ଆଗରେ ପ୍ରତିବାଦ କରିବା ସହ ନିର୍ବାଚନ ପାଇଁ ଦାବି କରିଥିଲେ। ଘଟଣାସ୍ଥଳରେ ବ୍ୟାପକ ପୁଲିସ ମୁତୟନ ରହିଛନ୍ତି।

## ନାଆମୀ ଡିଗ୍ରୀ କଲେଜ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ

ଭଦ୍ରକ, ୯ ।୧୦(ସମିସ): କଲେଜ ପରିସରରେ ବ୍ୟାପକ ଆନ୍ଦୋଳନ ଓ ଅଶାନ୍ତି ଯୋଗୁଁ ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ନାଆମୀ ଡିଗ୍ରୀ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଘୋଷଣା କରାଯାଇଛି। ଆଜି ୧୨ଟା ୩୦ ମିନିଟ୍‌ଠାରୁ କଲେଜ ବନ୍ଦ ରହିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। କଲେଜ ପରିସରରେ ଉତ୍ତେଜନା ଓ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ବ୍ୟାହତ ହେଉଥିବାରୁ ଛାତ୍ରଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଓ ଅନ୍ୟମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଜାରି ନହେବା ପର୍ଯ୍ୟନ୍ତ କଲେଜ ବନ୍ଦ ରହିବ। କଲେଜର ସ୍ୱାଭାବିକ କାର୍ଯ୍ୟକଳାପ ପୁନଃ ଆରମ୍ଭ ସମ୍ପର୍କରେ ପରବର୍ତ୍ତୀ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯିବ। ଏଥିସହ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ବିଜ୍ଞପ୍ତିର ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଛି।

## ଧାମନଗରରେ ନାମାଙ୍କନପତ୍ର ଦାଖଲ; ଉତ୍ସାହ ବୃଦ୍ଧି




ଦୋବଲ, ୯ ।୧୦(ସମିସ): ଧାମନଗର କଲେଜରେ ବିସିଜେଡି ଓ ଏବିଭିପି ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ହେବ। ଆଜି ଉଭୟ ଛାତ୍ର ସଙ୍ଗଠନ ପକ୍ଷରୁ ପଟୁଆରରେ ଯାଇ ନାମାଙ୍କନ କରାଯାଇଥିଲା। ଏଥିପାଇଁ ଏବିଭିପି ପକ୍ଷରୁ ୨୩ ଜଣ ଓ ବିସିଜେଡି ପକ୍ଷରୁ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଏବିଭିପିର ୧୧ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଇତିଶ୍ରୀ ସାମଲଙ୍କ ନାମାଙ୍କନ ଅଧିକ ବୟସ କାରଣରୁ ନାକଚ ହୋଇଥିବା ଜଣାପଡ଼ିଛି। ନିର୍ବାଚିତ ପ୍ରାର୍ଥୀଙ୍କ ମଧ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷ କଳାରେ ଲୁସିପ୍ରିୟା ବେହେରା, ଦ୍ୱିତୀୟ ବର୍ଷ କଳାରେ ଜୟଦେବ ଜେନା, ତୃତୀୟ ବର୍ଷ କଳାରେ ବର୍ଷା ପ୍ରିୟଦର୍ଶିନୀ ଜେନା, ପ୍ରଥମ ବର୍ଷ ବିଜ୍ଞାନରେ ଜୀବନଜ୍ୟୋତି ନାୟକ, ଦ୍ୱିତୀୟ ବର୍ଷ ବିଜ୍ଞାନରେ ପୂର୍ଣ୍ଣିମା ବାରିକ, ତୃତୀୟ ବର୍ଷ ବିଜ୍ଞାନରେ ରୂପାଲି ସାହୁ, ପ୍ରଥମ ବର୍ଷ ବାଣିଜ୍ୟରେ ରଞ୍ଜନ ଡାଲ ଓ ଦ୍ୱିତୀୟ ବର୍ଷ ବାଣିଜ୍ୟରେ ସୁରଞ୍ଜନ ସାମଲ ଅଛନ୍ତି। ସେହିପରି ଏସଏସଜି ସହସମ୍ପାଦକ ଭାବେ ସୁଭଦ୍ରା ସାମଲ, କମନ୍ ରୁମ୍ ସହସମ୍ପାଦକ ଭାବେ ରାକେଶ ପାତ୍ରୀ ଓ ଡିଏସଏ ସହସମ୍ପାଦକ ଭାବେ ତନ୍ମୟ ତରବିତ ଦାସ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ୧୧ଟି ପଦ ପାଇଁ ଆସନ୍ତା ୧୫ ତାରିଖରେ ମତଦାନ ହେବ। ଏଥିରେ ଏବିଭିପି ଓ ବିସିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ସିଧାସଳଖ ଲଢ଼େଇ ହେବ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେଜ୍‌ଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ନିର୍ବାଚନ ଅଧିକାରୀ ସରୋଜ ପଣ୍ଡାଙ୍କ ସମେତ ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି ଓ ଚିନ୍ମୟୀ ଜେନା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି। ପ୍ରଦୀପ ରାୟ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ମହାବିଦ୍ୟାଳୟରେ ଯୁକ୍ତ ୩ରେ ପ୍ରାୟ ୬୦୦ ଭୋଟର ରହିଛନ୍ତି। ତେବେ ଏହି ନିର୍ବାଚନ ଖୋଦ୍ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍‌ଙ୍କ ନିଜ ନିର୍ବାଚନମଣ୍ଡଳୀ ହୋଇଥିବାରୁ ଏହାକୁ ସମ୍ମାନର ପ୍ରଶ୍ନ ବୋଲି କୁହାଯାଉଛି।

## ଭଦ୍ରକ, ବନ୍ତ ଓ ଚରମ୍ପା କଲେଜ ଛାତ୍ର ସଂସଦ ନିର୍ବାଚନ

# ବିଶାଳ ପଟୁଆରରେ ଆସି ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀଙ୍କ ନାମାଙ୍କନ

- ବନ୍ତ କଲେଜରେ ଏବିଭିପି ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ
- ଚରମ୍ପା କଲେଜରେ ବିସିଜେଡିର ୨ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭଦ୍ରକ, ୯ ।୧୦(ସମିସ)



ଚଳିତ ଛାତ୍ର ସଂସଦ ନିର୍ବାଚନର ଆଜି ନାମାଙ୍କନପତ୍ର ଦାଖଲ ପର୍ବ ଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଓ ଚରମ୍ପା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଲାଗି ଆଜି ନାମାଙ୍କନପତ୍ର ଦାଖଲ ହୋଇଛି। ପ୍ରାର୍ଥୀମାନେ ବିଶାଳ ଶୋଭାଯାତ୍ରାରେ ରାଲି କରି, ବାଜା ବଜାଇ, ବାଣ ଓ ରୋଷଣୀ କରି ସହପାଠୀଙ୍କୁ ସାଙ୍ଗରେ ନେଇ ନାମାଙ୍କନ କରିବାକୁ ଆସିଥିଲେ। ଭଦ୍ରକ ସ୍ୱୟଂଶାସିତ କଲେଜ ନିର୍ବାଚନ ଲାଗି ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ରୁ ସଭାପତି ପ୍ରାର୍ଥୀ ଭାବେ ଅମିତ ମହାନ୍ତି, ଉପସଭାପତି ପ୍ରାର୍ଥୀ ଭାବେ ଅନିତା ଜେନା, ସାଧାରଣ ସମ୍ପାଦକ ଭାବେ ପ୍ରକାଶ ନାୟକ, ସହସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ଦାସ, କ୍ରୀଡ଼ା ସମ୍ପାଦକ ପଦ ପାଇଁ ଚିରଞ୍ଜିବ ରାଉତ, ସହ କ୍ରୀଡା ସମ୍ପାଦକ ପଦ ଲାଗି ପ୍ରିୟଙ୍କା ନାୟକ, ନାଟ୍ୟ ସମ୍ପାଦକ ଭାବେ ଆଦିତ୍ୟ ନାରାୟଣ ପତି, ସହ ନାଟ୍ୟ ସମ୍ପାଦକ ପଦ ଲାଗି ଗୌରବ ପଣ୍ଡା, କମନରୁମ୍ ସମ୍ପାଦକ ଲାଗି ଉଜ୍ଜୟିନୀ ନାୟକ, ସହ କମନରୁମ୍ ସମ୍ପାଦକ ଲାଗି ଆଶୁତୋଷ ଦାସ, ଡିଏସ୍‌ଏ ଲାଗି ଆଦିତ୍ୟଶଙ୍କର ନାୟକ, ସହ ଡିଏସଏ ଲାଗି ଅବତାଫ ଆଲାମ, ସାଇନ୍ସ ସୋସାଇଟି ଲାଗି ପ୍ରିତମଜିତ କୁଅଁର, ସହ ସାଇନ୍ସ ସୋସାଇଟି ଲାଗି ଶିବାଶିଷ ବାରିକ, କମର୍ସ ସୋସାଇଟି ଲାଗି ସଂଚିତା ସାମଲ ଓ ସହ କମର୍ସ ସୋସାଇଟି ଲାଗି ପ୍ରକାଶ ନାୟକ ନାମାଙ୍କନପତ୍ର ଭରିଛନ୍ତି। ସେହିଭଳି ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧିନ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ ପରିସରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ବିଜୁ ଛାତ୍ର ଜନତା ଦଳ ସମର୍ଥନରେ ସଭାପତି ପ୍ରାର୍ଥୀନୀ ଭାବେ ଦେବଜାନି ନାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏଥିସହିତ ବିଭିନ୍ନ ପଦ ପାଇଁ ଅନ୍ୟ ପ୍ରାର୍ଥୀମାନେ ମଧ୍ୟ ନିଜ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେଡି ସମର୍ଥିତ ପ୍ରାର୍ଥୀମାନେ ବନ୍ତ ସିନେମା ହଲ୍ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସମର୍ଥକମାନଙ୍କ ସହ ବନ୍ତ ଆଂଚଳିକ ମହାବିଦ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାକୁ ନେଇ କଲେଜ ପରିସରରେ ନିର୍ବାଚନୀ ମାହୋଲ ଚଳଚଞ୍ଚଳ ହୋଇଉଠିଥିଲା। ବିଜେଡି ସମର୍ଥନରେ ଉପସଭାପତି ପଦ ପାଇଁ ଦେବାଶିଷ ପରିଡ଼ା, ସାଧାରଣ ସମ୍ପାଦକ ପଦ ପାଇଁ ରତୁରାଣୀ ଜେନା, ସହସାଧାରଣ ସମ୍ପାଦକ ପଦ ପାଇଁ ଶୁଭଙ୍କର ପଲ୍ଲେଇ, ଡ୍ରାମାଟିକ୍ ସେକ୍ରେଟାରୀ ପଦ ପାଇଁ ମୀରା ଦାସ, ସହକାରୀ ଡ୍ରାମାଟିକ୍ ସେକ୍ରେଟାରୀ ପଦ ପାଇଁ ରାଜେଶ ଜେନା, ଆଥଲେଟିକ୍ ସେକ୍ରେଟାରୀ ପଦ ପାଇଁ ଏସ୍.କେ. ସବୀର, ସହକାରୀ ଆଥଲେଟିକ୍ ସେକ୍ରେଟାରୀ ପଦ ପାଇଁ ସ୍ନିଗ୍ଧାରାଣୀ ଜେନା, ଡିଏସ୍‌ଏ ସେକ୍ରେଟାରୀ ପଦ ପାଇଁ ପିଙ୍କିରାଣୀ ରାଉତ, ସହକାରୀ ଡିଏସ୍‌ଏ ସେକ୍ରେଟାରୀ ପଦ ପାଇଁ ଲକ୍ଷ୍ମୀପ୍ରିୟା ରାଉତ ଏବଂ କ୍ଲାସ୍ ରିପ୍ରେଜେଂଟେଟିଭ୍ ପଦ ପାଇଁ ସୋନି ସିଂ ଓ ସୁପ୍ରଭା ପୁହାଣ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି ଓ ଅନ୍ୟପକ୍ଷରେ, କଂଗ୍ରେସର ଛାତ୍ର ସଂଗଠନ ଏନ୍‌ଏସ୍‌ୟୁଆଇ ସମର୍ଥିତ ପ୍ରାର୍ଥୀମାନେ ମଧ୍ୟ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଏବିଭିପି ସମର୍ଥିତ ପ୍ରାର୍ଥୀମାନେ ମଧ୍ୟ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ତେବେ ଏବିଭିପି ସମର୍ଥିତ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ କଲେଜ ନିର୍ବାଚନୀ ମାହୋଲରେ ଚର୍ଚ୍ଚା ଧରିଛି। ଅନୁରୂପ ଭାବେ ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନର ସଭାପତି ପଦ ଲାଗି ବିଜୁ ଛାତ୍ର ଜନତା ଦଳରୁ ଶୁଭମ ମଲ୍ଲିକ, ଉପସଭାପତି ଲାଗି ସାଲୋନି କୁମାରୀ ଶର୍ମା, ସାଧାରଣ ସମ୍ପାଦକ ପଦ ଲାଗି ଅଂଶୁମାନ ମିଶ୍ର, ସହ ସମ୍ପାଦକ ସୂରଜ ପାତ୍ର, କ୍ରୀଡା ସମ୍ପାଦକ ପଦ ଲାଗି ଇସ୍ତାକ ଅଲ୍ଲି ଖାନ୍, ସହ କ୍ରୀଡା ସମ୍ପାଦକ ଲାଗି ଚିନ୍ମୟ ମହାନ୍ତି, ନାଟ୍ୟ ସମ୍ପାଦକ ଲାଗି ଦେବାଶିଷ ରାଉତ, ସହ ନାଟ୍ୟ ସମ୍ପାଦକ ଲାଗି ଆଦ୍ୟାଶା ପଲେଇ, କମନରୁମ ସମ୍ପାଦକ ଲାଗି ଜୟଶ୍ରୀ ଜେନା ପ୍ରମୁଖ ନାମାଙ୍କନପତ୍ର ଭରିଛନ୍ତି। ତେବେ ଚରମ୍ପା ମହାବିଦ୍ୟାଳୟର ସହ କମନରୁମ୍ ସମ୍ପାଦ ପଦ ଲାଗି ବିସିଜେଡିର ଓମପ୍ରକାଶ ଜେନା ଓ ଏଏସଜି ସମ୍ପାଦକ ପଦ ଲାଗି ବିସିଜେଡି ପ୍ରାର୍ଥୀ ସୁନିଲ ପ୍ରଧାନ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ୧୨ ବର୍ଷ ପରେ ଚାନ୍ଦବାଲି ମହାବିଦ୍ୟାଳୟରେ ଛାତ୍ର ନିର୍ବାଚନ

# ୩ ଛାତ୍ର ସଂଗଠନର ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ଚାନ୍ଦବାଲି, ୯ ।୧୦(ସମିସ): ଦୀର୍ଘ ୧୨ବର୍ଷର ବ୍ୟବଧାନ ପରେ ଚାନ୍ଦବାଲି ମହାବିଦ୍ୟାଳୟରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବାରୁ ସମଗ୍ର ମହାବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଛି। ଆଜି ପୂର୍ବାହ୍ନ ୧୦ଟାରୁ ବିଭିନ୍ନ ଛାତ୍ର ସଂଗଠନର ସମର୍ଥକମାନେ ଚାନ୍ଦବାଲିର ଅଧିଷ୍ଠାତ୍ରୀ ଦେବୀ ମା' କାଳୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା ସାରି ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ପରେ ସଭାପତି ପଦ ପାଇଁ ବିଭିନ୍ନ ପକ୍ଷରୁ ନାମାଙ୍କନ ଦାଖଲ କରାଯାଇଥିଲା। ସୂଚନା ଅନୁଯାୟୀ, ବିସିଜେ ପକ୍ଷରୁ ସଭାପତି ପଦ ପାଇଁ ରାକେଶ ସ୍ୱାଇଁ ନାମାଙ୍କନ ଦାଖଲ କରିଥିବାବେଳେ ଏବିଭିପି ପକ୍ଷରୁ ଖୁସି ସାହୁ ସଭାପତି ପଦ ପାଇଁ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଅନ୍ୟପକ୍ଷରେ ଏନ୍‌ଏସ୍‌ୟୁଆଇ ଓ ଏଆଇଏସ୍‌ଏଫ୍‌ର ମିଳିତ ସମର୍ଥନରେ ହେମନ୍ତ ପରିଡା ସଭାପତି ପଦ ପାଇଁ ନାମାଙ୍କନ ଭରିଥିବା ଜଣାପଡ଼ିଛି। ଛାତ୍ର ସଂସଦ ନିର୍ବାଚନକୁ କେନ୍ଦ୍ର କରି ମହାବିଦ୍ୟାଳୟରେ ଛାତ୍ର ରାଜନୀତି ପୁଣି ସକ୍ରିୟ ହୋଇଉଠିଛି। ନିଜ ନିଜ ସଂଗଠନର ପ୍ରାର୍ଥୀଙ୍କ ବିଜୟ ପାଇଁ ସମର୍ଥକମାନେ ଉତ୍ସାହିତ ଥିବାବେଳେ ଆଗାମୀ ନିର୍ବାଚନକୁ ନେଇ କ୍ୟାମ୍ପସରେ ଚର୍ଚ୍ଚା ଜୋର ଧରିଛି। ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ନାମାଙ୍କନପତ୍ର ଦାଖଲ ହୋଇଥିବା ସୂଚନା ମିଳିଛି।

## ଛାତ୍ର ସଂସଦ ନିର୍ବାଚନ ବନ୍ଦ ବିରୋଧରେ ଧାରଣା



ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ନିକଟସ୍ଥ ନାଆମୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଛି। ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ସମେତ ଛାତ୍ରଛାତ୍ରୀମାନେ କଲେଜ ଫାଟକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ଧରି ଛାତ୍ରଛାତ୍ରୀମାନେ ଧାରଣା ମଧ୍ୟ ଦେଇଥିଲେ। କଲେଜ ପ୍ରାଙ୍ଗଣରେ ଉତ୍ତେଜନା ଆଶଙ୍କା କରି ଥାନା ପକ୍ଷରୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲା। କୌଣସି ଗଣ୍ଡଗୋଳ, ଆପତି ଅଭିଯୋଗ ଓ ଅସୁବିଧା ନଥାଇ କଲେଜ ଅଧ୍ୟକ୍ଷ ଏକପାଖିଆ ଭାବେ ନିର୍ବାଚନକୁ ରଦ୍ଦ କରିଥିବା ବିଦ୍ୟାର୍ଥୀମାନେ ଅଭିଯୋଗ କରିଛନ୍ତି। ଏହାଛଡା ବିଭିନ୍ନ ଛାତ୍ର ସଂଗଠନ ନେତୃତ୍ୱମାନେ ମଧ୍ୟ ପ୍ରଶାସନର ଏଭଳି ମନମୁଖୀ ନିଷ୍ପତ୍ତିକୁ ମଧ୍ୟ ତୀବ୍ର ସମାଲୋଚନା କରିଛନ୍ତି। କଲେଜ ନିର୍ବାଚନ ବାତିଲ ହୋଇଥିବା କାରଣରୁ ଅଞ୍ଚଳରେ ଚାପା ଉତ୍ତେଜନା ରହିଛି। କେଉଁ କାରଣ ପାଇଁ ନିର୍ବାଚନ ରଦ୍ଦ କରାଗଲା ସେନେଇ କଲେଜ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ।

### ଏବି କଲେଜରେ ୫୭ ପ୍ରାର୍ଥୀଙ୍କ ନାମାଙ୍କନ

## ଡ୍ରାମାଟିକ ସହସମ୍ପାଦକ ପଦରେ ନିର୍ଦ୍ୱନ୍ଦ୍ୱ ପ୍ରାର୍ଥିନୀ



ବାସୁଦେବପୁର, ୯ ।୧୦(ସମିସ): ବାସୁଦେବପୁର ପୌରପାଳିକାର ଅଟଳ ବିହାରୀ କଲେଜର ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନରେ ଆଜି ୫୭ ଜଣ ପ୍ରାର୍ଥୀ ବିଭିନ୍ନ ପଦରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ନାକଚ ହୋଇଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୁଲିସ ମୃତୟନ କରିବା ସହ ମାଜିଷ୍ଟ୍ରେଟ ଡ୍ୟୁଟିରେ ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ଉପସ୍ଥିତ ରହିଥିଲେ। ଅଣକଲେଜ ଛାତ୍ରଙ୍କୁ ରୋକିବାକୁ ଭଦ୍ରକ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନାଧିକାରୀ ନିରୋଜ ସାମଲ ଉପସ୍ଥିତ ଥିଲେ। ବିସିଜେ ପ୍ରାର୍ଥୀ ଏକ ବିରାଟ ଶୋଭାଯାତ୍ରାର ତାରିଣୀ ଛକରୁ ବାହାରି କଲେଜ କ୍ୟାମ୍ପସରେ ପହଞ୍ଚିଥିଲେ। ବିସିଜେ ସମର୍ଥିତ ସଭାପତି ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରା, ଉପସଭାପତି ସିପୁନ୍ ନାୟକ, ସଂପାଦକ ପ୍ରାର୍ଥୀ ରାଜା ଜେନା ଓ ଯୁଗ୍ମସଂପାଦକ ସନ୍ତୋଷ ମାଝୀ ସେମାନଙ୍କର ସମର୍ଥକଙ୍କ ଗହଣରେ ଆସି କଲେଜ ପରିସରରେ ନିର୍ବାଚନ ଅଧିକାରୀଙ୍କଠାରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଏବିଭିପି ପକ୍ଷରୁ ଟାଉନହଲ ଛକରୁ ଏକ ଶୋଭାଯାତ୍ରା ବାହାରି କଲେଜ ପରିସରରେ ପହଞ୍ଚିଥିଲେ। ଏବିଭିପିର ସମର୍ଥିତ ସଭାପତି ପ୍ରାର୍ଥୀ ଭାବେ ରବିନ୍ଦ୍ର ବାରିକ ଓ ସମ୍ପାଦକ ପ୍ରାର୍ଥୀ ଭାବେ ଆକାଶ କୁମାର ମଣ୍ଡଳ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଛାତ୍ର କଂଗ୍ରେସର ସମର୍ଥିତ ସଭାପତି ପ୍ରାର୍ଥୀ ଭାବେ ଅଶୋକ ମଣ୍ଡଳ ଓ ସମ୍ପାଦକ ପ୍ରାର୍ଥୀ ଭାବେ ପୁଷ୍ପିତା ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଡ୍ରାମାଟିକ ସହସଂପାଦକ ଭାବେ ସୁଚିସ୍ମିତା ଭୋଇ ଏକମାତ୍ର ନାମାଙ୍କନପତ୍ର ଦାଖଲ ହୋଇଛି। ପ୍ରାର୍ଥିନୀ ବିସିଜେ ସମର୍ଥିତ ବୋଲି ଜଣାଯାଇଛି। ନିର୍ବାଚନର ପ୍ରଥମରୁ ବିସିଜେ ସମର୍ଥିତ ପ୍ରାର୍ଥିନୀ ସୁଚିସ୍ମିତା ଭୋଇ ଏକପ୍ରକାର ବିଜୟ ଲାଭ କରିଛନ୍ତି।

## ପାଳିଆବିନ୍ଧା ବିଏନ୍‌ଏମ୍‌ଏ. କଲେଜ ନିର୍ବାଚନ ପାଇଁ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶିତ



ଭଦ୍ରକ, ୯ ।୧୦(ସମିସ): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ପାଳିଆବିନ୍ଧା ବିଏନ୍‌ଏମ୍‌ଏ କଲେଜର ଚଳିତ ଶିକ୍ଷାବର୍ଷ ନିମନ୍ତେ ଅନୁଷ୍ଠିତ ହେଉଥିବା ଛାତ୍ରସଂସଦ ନିର୍ବାଚନର ଚୂଡ଼ାନ୍ତ ବୈଧ ପ୍ରାର୍ଥୀତାଲିକା ପ୍ରକାଶ ପାଇଛି। କଲେଜ ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ା ତଥା କଲେଜ ନିର୍ବାଚନ କମିଟି ପକ୍ଷରୁ ଜାରି ସୂଚନା ଅନୁଯାୟୀ ସଭାପତି ପାଇଁ ଅମନ ସାହୁ, ସଞ୍ଜୟ ବାରିକ, ସରୋଜ ମୁଦୁଲି, ଉପସଭାପତି ପାଇଁ ପୂଜାରାଣୀ ବିଶ୍ୱାଳ, ସୁମନ୍ତ ମଲ୍ଲିକ, ସାଧାରଣ ସମ୍ପାଦକ ପାଇଁ ଦୀପାରାଣୀ ଜେନା, ନିବେଦିତା ଦାସ, ପ୍ରିୟବ୍ରତ ବିଶ୍ୱାଳ, ସହସାଧାରଣ ସମ୍ପାଦକ ପାଇଁ ରୋଜି ମହାନ୍ତି, ସତ୍ୟନାରାୟଣ ନାୟକ, କ୍ରୀଡ଼ା ସମ୍ପାଦକ ପାଇଁ ଅଭୟ କୁମାର ବାରିକ, ସତ୍ୟଜିତ୍ ବେହେରା, ସହକ୍ରୀଡ଼ା ସମ୍ପାଦକ ପାଇଁ ଗାୟତ୍ରୀ ବେହେରା, ଶଶାଙ୍କ ନାୟକ, ନାଟ୍ୟ ସମ୍ପାଦକ ପାଇଁ ବର୍ଷାରାଣୀ ନାୟକ, ସବିତା ବେହେରା, ସହନାଟ୍ୟ ସମ୍ପାଦକ ପାଇଁ ଅବିନାଶ ପୃଷ୍ଟି, ବରଦା ପ୍ରସାଦ ପଣ୍ଡା, ସାଂସ୍କୃତିକ ସମ୍ପାଦକ ପାଇଁ ଆଲୋକ ମିଶ୍ର, ସଂଘମିତ୍ରା ନାଥ, ସହସାଂସ୍କୃତିକ ସମ୍ପାଦକ ପାଇଁ ସଞ୍ଜୟ କୁମାର ଦାସ, ସୌଭାଗ୍ୟଲକ୍ଷ୍ମୀ ବେହେରା, ପ୍ରଥମବର୍ଷ ଶ୍ରେଣୀ ପ୍ରତିନିଧି ଭାବେ ନବୀନ ସାମଲ, ଦ୍ୱିତୀୟ ବର୍ଷ ଶ୍ରେଣୀ ପ୍ରତିନିଧି ଭାବେ ମଳୟ ରଞ୍ଜନ ଲେଙ୍କା ଓ ସ୍ମିତାଞ୍ଜଳି ପଣ୍ଡା ଏବଂ ତୃତୀୟବର୍ଷ ଶ୍ରେଣୀ ପ୍ରତିନିଧି ଭାବେ ବ୍ରଜକିଶୋର ଦଳାଇଙ୍କ ନାମ ବୈଧପ୍ରାର୍ଥୀ ହିସାବରେ ଘୋଷିତ ହୋଇଛି। ଶାନ୍ତିଶୃଙ୍ଖଳା ମଧ୍ୟରେ ଆଜିର ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି।

### ପୂର୍ବତନ ବିଧାୟକ ମାନସ ରଞ୍ଜନ ମଲ୍ଲିକଙ୍କ ଶ୍ରାଦ୍ଧୋତ୍ସବ

# 'ମାନସ ବାବୁ ଥିଲେ ଜନମାନସର ନେତା'

ଭଦ୍ରକ/ଧାମନଗର/ଧୂଷୁରୀ/ଅସୁରାଳି, ୯ ।୧୦(ସମିସ)








ଧାମନଗରର ପୂର୍ବତନ ବିଧାୟକ ଜନନେତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ସୁଯୋଗ୍ୟ ସନ୍ତାନ ଧାମନଗର ମାଟିର ଜନମାନସର ନେତା, ବିକାଶର ଅନ୍ୟତମ କର୍ଣ୍ଣଧାର, ଗରିବ ଲୋକମାନଙ୍କ ସାହାଭରସା ତଥା ଦୈନିକ ଖବର କାଗଜ ''ସକାଳ'ର ପୂର୍ବତନ ସମ୍ପାଦକ ଏବଂ ଧାମନଗର ମାଟିରେ ଦୁଇ ଥର ଲୋକପ୍ରିୟ ପୂର୍ବତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ଅତିଥିମାନେ ବାସ୍ତବରେ ସ୍ୱର୍ଗତ ମାନସ ବାବୁଙ୍କୁ ଜନମାନସର ନେତା ବୋଲି ଦର୍ଶାଇଥିଲେ। ଦଳ, ମତ, ବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ନିଜ ଅଞ୍ଚଳର ବିକାଶ ପାଇଁ ସେ ସଦାସର୍ବଦା ତତ୍ପର ଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ଧାମନଗର ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତିଭୂମିର ସୁଦୃଢ଼ୀକରଣ ପାଇଁ ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଗ୍ରାମାଞ୍ଚଳକୁ ରାସ୍ତାଘାଟ ସଂଯୋଗୀକରଣ, କୃଷି ଓ କୃଷକଙ୍କ ସମସ୍ୟାର ସମାଧାନ, ବନ୍ୟା ନିୟନ୍ତ୍ରଣ ଓ ବନ୍ୟା ବିପନ୍ନଙ୍କୁ ଉଦ୍ଧାର, ସହାୟତା ପ୍ରଦାନ କରିବା ଆଦି ମହତ କାର୍ଯ୍ୟ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ ବୋଲି ସ୍ମୃତିଚାରଣ ବକ୍ତବ୍ୟରେ ଅତିଥିମାନେ କହିଥିଲେ। ଏହି ଅବସରରେ ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭାରେ କଟକ ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲଙ୍କ ସଂଚାଳନରେ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡିର ଉପସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ପରିବାର ତିନି ପିଢ଼ି ଧରି ଲୋକଙ୍କ ସେବାରେ ନିୟୋଜିତ ରହିଆସିଥିବା ସେ ନିଜ ବକ୍ତବ୍ୟରେ କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଧାମନଗର ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଓ ବିନୋଦ ନାୟକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିଦ୍ୟୁତଲତା ଦାସ, ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ସାରଦା ପ୍ରସନ୍ନ ସାହୁ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ବିଜେଡିନେତା ଯୋଗେନ୍ଦ୍ର ଘଡେଇ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଦେବୀଦତା ମହାନ୍ତି, ସିପିଏମ୍ ନେତା ଦିବ୍ୟସିଂହ ନାୟକ, ବିଜୟ କେତନ ସାହୁ, ସରପଞ୍ଚ ଅଜୟ ମଲ୍ଲିକ, ସମିତିସଭ୍ୟା ଅଭିଲିପ୍ସା ରାଉତ, ଉମେଶ ମହାନ୍ତି, ଭଟସାହି ସରପଞ୍ଚ ସୀତାକାନ୍ତ ମିଶ୍ର, ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ଭାରତବିଜୟ ଦଳାଇ, ଶିକ୍ଷାବିତ ପ୍ରମୋଦ ଦାସ, ଶାନ୍ତନୁ ରାଉତ, ରବୀନ୍ଦ୍ର ବେଉରିଆ, ବିଜେଡି ନେତା ସେକ ମୁସ୍ତାକ, ଜୟନୁଲ ହକ, ସେକ ମୁରତୁଜା, ଦାମୋଦର ମଲ୍ଲିକ, ସନ୍ଦୀପ ସ୍ୱାଇଁ, ସୂର୍ଯ୍ୟକାନ୍ତ ନାୟକ, ମାନସ ବାରିକ, ଅଧ୍ୟାପକ ବିଜୟ ଦାସ, ସରପଞ୍ଚ ସୀତାକାନ୍ତ ମିଶ୍ରଙ୍କ ସହ ଭଦ୍ରକ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି ଯାଜପୁରର ବହୁ ନେତୃବୃନ୍ଦ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ପ୍ରାରମ୍ଭରେ ସ୍ୱର୍ଗତ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସାନ ଭାଇ ତଥା ଧୂଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକଙ୍କ ସାନ ପୁଅ ତଥା ''ସକାଳ'ର ପ୍ରକାଶକ ଏବଂ ନନ୍ଦିଘୋଷ ଟିଭିର ଡାଇରେକ୍ଟର ଅମିତ କୁମାର ମଲ୍ଲିକ ମୋ' ବାପାଙ୍କ ଶ୍ରାଦ୍ଧବାର୍ଷିକୀରେ ଆପଣମାନେ ବହୁ ମୂଲ୍ୟବାନ ସମୟ ନଷ୍ଟ କରି ଯୋଗଦେଇଥିବାରୁ ମଲ୍ଲିକ ପରିବାର ପକ୍ଷରୁ କୃତଜ୍ଞତା ଜଣାଉଛି ବୋଲି କହିଥିଲେ। ଏହି ଅବସରରେ ଏହି ଅବସରରେ

### ବିଶାଳ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ଶିବିର

ତାଙ୍କ ଜନ୍ମ ସ୍ଥାନ ହସନାବାଦ ପଞ୍ଚାୟତଠାରେ ହୃଦାନନ୍ଦ କଲ୍ୟାଣ ମଣ୍ଡପଠାରେ ଏକ ବିଶାଳ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସମ୍ ହସପିଟାଲର ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟସେବା ଓ ଭୁବନେଶ୍ୱର ନେତ୍ରମ ପକ୍ଷରୁ ମାଗଣା ଚକ୍ଷୁ ଶିବିର ସହ ମାଗଣା ଚଷମା ଓ ଔଷଧ ପ୍ରଦାନ କରାଯଇଥିଲା। ଏଥିରେ ୫ ଶହରୁ ଅଧିକ ରୋଗୀ ଯୋଗ ଦେଇଥିଲେ। ଡାକ୍ତର, ସାମାଜିକ କର୍ମୀ, ଆଇନଜୀବୀ ଓ ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ସେକ ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ଦୀପ୍ତିରଞ୍ଜନ ନାୟକ, ସନ୍ତୋଷ ଦାସ, ସିଦ୍ଧାର୍ଥ ମିଶ୍ର, ରତିକାନ୍ତ ନାୟକ, ପ୍ରଦୀପ ମହାପାତ୍ର, ଦୀନବନ୍ଧୁ ଦାଶ, ସ୍ଥାନୀୟ ସରପଞ୍ଚ ଅଜୟ ମଲ୍ଲିକଙ୍କ ସମେତ ଅଞ୍ଚଳର କେତେକ ନିର୍ଦ୍ଦିଷ୍ଟ ବିଶିଷ୍ଟ ବ୍ୟକ୍ତିଙ୍କୁ ମାନସ ରଞ୍ଜନ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ସକାଳ
THE SAKALA



# ସମ୍ପାଦକୀୟ



ଗୋଟିଏ ଦେଶର ସଂସ୍କୃତି ଏହାର ଜନତାଙ୍କ ହୃଦୟ ଓ ଆତ୍ମାରେ ଲୁଚି ରହିଛି ।
-ମହାତ୍ମା ଗାନ୍ଧୀ

## ସନ୍ଦେହ ଦୂର ହେଉ

ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ଚରିତ୍ରକୁ ନେଇ ଗବେଷକ ଓ ବୈଜ୍ଞାନିକମାନେ ପ୍ରାୟତଃ ଦୁଇଭାଗ ହୋଇଯାଇଛନ୍ତି । ଗୋଟିଏ ମହଲ ଏଆଇର କ୍ରମବର୍ଦ୍ଧିଷ୍ଣୁ ଶକ୍ତିକୁ ସମର୍ଥନ କରୁଥିବା ବେଳେ ଅନ୍ୟ ଏକ ମହଲ ମାନବ ସଭ୍ୟତା ପ୍ରତି ଏହା ଭସ୍ମାସୁର ସାବ୍ୟସ୍ତ ହେବ ବୋଲି ଚେତାବନୀ ଦେଇସାରିଲେଣି । ଏଆଇରେ ଗବେଷଣା କରୁଥିବା କେତେଜଣ ଅଗ୍ରଣୀ ବୈଜ୍ଞାନିକ ଇତିମଧ୍ୟରେ ଇସ୍ତଫା ଦେଇସାରିଲେଣି ।

ଚତୁର୍ଥ ଶିଳ୍ପ ବିପ୍ଳବ ଯାହା ଇଣ୍ଡଷ୍ଟ୍ରୀ - ୪.୦ ନାମରେ ନୂଆ ପରିଚୟ ପାଇଛି, ତାହାର ଅବଧାରଣା ହେଲା ପ୍ରଯୁକ୍ତି, ଉଦ୍ୟୋଗ, ସାମାଜିକ ଢାଞ୍ଚା ଓ ପ୍ରକ୍ରିୟାକରଣରେ ନବଉନ୍ମେଷ ଆଣି ଏକବିଂଶ ଶତାବ୍ଦୀର ଆବଶ୍ୟକତା ପୂରଣ କରିବା । ଏଥିରେ ଇଣ୍ଟର କନେକ୍ଟିଭିଟି ଓ ସ୍ମାର୍ଟ ଅଟୋମେସନ ଅଗ୍ରାଧିକାର ପାଇଛି । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଆଡ୍‌ଭାନ୍ସ ରୋବୋଟିକ୍ସ, ଜିନ୍ ଏଡିଟିଂ, ଥ୍ରୀଡି ପ୍ରିଣ୍ଟିଂ, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ଡିଜିଟାଇଜେସନ, ଏମ୍‌ଟୁଏମ୍ ଓ ମେସିନ୍ ଲର୍ଣ୍ଣିଂ ଆଦି ଏହି ବିପ୍ଳବର ଅବଦାନ । ଏହିସବୁ ଅତ୍ୟାଧୁନିକ ଓ ବିସ୍ମୟକାରୀ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଔଦ୍ୟୋଗିକ ପୁଞ୍ଜିବାଦ କ୍ଷେତ୍ରରେ ନୂଆ ସଫଳତା ହାସଲ କରିବାକୁ ବିକଶିତ ରାଷ୍ଟ୍ରସମୂହ ବ୍ୟଗ୍ର । ଭାରତ ୨୦୪୭ ସୁଦ୍ଧା ବିଶ୍ୱର ଅନ୍ୟତମ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଲକ୍ଷ୍ୟ ରଖି ଏହି ବିକାଶ ଦୌଡ଼ରେ ସାମିଲ ହୋଇଛି ।

ଏସବୁ ଟେକ୍‌ନୋଲୋଜି ତାହାର ନିର୍ମାଣ ଓ ଉଦ୍ଭାବନାଗତ ବିଶେଷତ୍ୱ ଦୃଷ୍ଟିରୁ ମଣିଷଠାରୁ ଯଥେଷ୍ଟ ଅଧିକ ପରିମାଣର ଓ ଗୁଣାତ୍ମକ ମାନର କାମ କରିବାକୁ ସକ୍ଷମ । ସର୍ବୋପରି ଅଟୋମେସନ ଯୋଗୁଁ ଏହା ମଧ୍ୟ ମଣିଷ ହାତରୁ କାମ ଛଡ଼ାଇ ନେବାର କ୍ଷମତା ରଖିଛି । କିଛିଦିନ ତଳେ ବୈଜ୍ଞାନିକ ସମୁଦାୟ ଓ ବିଶେଷଜ୍ଞମାନେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ଭଳି ଟେକ୍‌ନୋଲୋଜିର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଥିଲେ । ସରଳ ଭାଷାରେ କହିଲେ ଏହି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସହିତ ଇଣ୍ଡଷ୍ଟ୍ରି ୪.୦ର ନୂଆ ନୂଆ ଟେକ୍‌ନୋଲୋଜି ସବୁ ମଣିଷର ବୁଦ୍ଧିମତ୍ତାକୁ ଅତିକ୍ରମ କରି ଭସ୍ମାସୁର ପାଲଟିବାର ଆଶଙ୍କା ପ୍ରକାଶ ପାଇଥିଲା । ଏହା କୌଣସି ଆଇ ମା'ର କାହାଣୀ ନୁହେଁ । ଜିନ୍ (ଭୂତ) ବୋତଲରୁ ବାହାରିବା ଭଳି ମଣିଷ ଏସବୁ ଟେକ୍‌ନୋଲୋଜିକୁ ବାହାର କରିବା ପରେ ସେ ସବୁ ସ୍ୱୟଂକ୍ରିୟତା ବା ଅଟୋମେସନ ପ୍ରକ୍ରିୟାରେ ଯେଉଁ ଭଳି ଭାବେ ବିବର୍ତ୍ତିତ ହେଉଛି, ସେଥିରେ ମଣିଷ ତାହାକୁ ନିୟନ୍ତ୍ରଣ କରିବା ବୋଧହୁଏ ସମ୍ଭବ ହୋଇ ନ ପାରେ । ଯେଉଁ ବିଜ୍ଞାନ ମଣିଷର କଲ୍ୟାଣ ପାଇଁ ସଦା ଉଦ୍ଦିଷ୍ଟ, ତାହା ଯଦି ବିପରୀତ ଆଚରଣ ଦେଖାଇବ, ତାହାଠାରୁ ଆଉ ବଡ଼ ବିପଦ ମଣିଷ ସମାଜ ପାଇଁ କ'ଣ ହୋଇପାରେ!

ବିଶ୍ୱର ସବୁଠୁ ଅଗ୍ରଣୀ ଓ ବିକଶିତ ଦେଶ ଆମେରିକା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଅନିୟନ୍ତ୍ରିତ (ଅବାଧ) ଅଭିବୃଦ୍ଧି ଏବଂ ସମ୍ଭାବ୍ୟ ବିନାଶକାରୀ କ୍ଷମତା ବିଷୟରେ ରିପୋର୍ଟ ପାଇବା ପରେ ବିଶେଷ ଚିନ୍ତିତ ହୋଇପଡ଼ିଛି । ଏ ସମ୍ପର୍କରେ ଆଲୋଚନା କରି ପ୍ରତିକାର ଉପାୟ ବାହାର କରିବା ପାଇଁ ବାଇଡେନ୍ ପ୍ରଶାସନ ଗୁଗୁଲର ସିଇଓ ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲାଙ୍କ ସମେତ କମ୍ପାନୀର ପରିଚାଳକମାନଙ୍କୁ ହ୍ୱାଇଟ୍‌ହାଉସକୁ ଡକାଇ ଆଲୋଚନା କରିଥିଲେ । ଯାହା ରିପୋର୍ଟ ମିଳୁଛି, ଆମେରିକା ସରକାର ଏ କ୍ଷେତ୍ରରେ କିଛି ସରକାରୀ ନିୟନ୍ତ୍ରଣ ଓ କଟକଣା ବ୍ୟବସ୍ଥା ରଖିବାକୁ ଚାହୁଁଛନ୍ତି ଏବଂ ଏଆଇ ଶିଳ୍ପକୁ ନିରଙ୍କୁଶ କ୍ଷମତା ଦେବାକୁ ଚାହୁଁନାହାନ୍ତି । ଆହୁରି ମଧ୍ୟ ରାଷ୍ଟ୍ରପତି ଜୋ ବାଇଡେନ୍ କମ୍ପ୍ୟୁଟର ଶିଳ୍ପକୁ ପରାମର୍ଶ ଦେଇଥିଲେ ଯେ ଘରୋଇ କ୍ଷେତ୍ରର କମ୍ପାନୀମାନେ ପ୍ରଥମେ ସୁନିଶ୍ଚିତ କରିବା ଆବଶ୍ୟକ ଯେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସାମଗ୍ରୀ ସବୁ ଉନ୍ମୋଚିତ ବା କାର୍ଯ୍ୟକ୍ଷମ ହେବା ପୂର୍ବରୁ ତାହାର ପରୀକ୍ଷା ନିରୀକ୍ଷା କରାଯାଇ ଏହା ନିରାପଦ ବୋଲି ସାବ୍ୟସ୍ତ ହେବା ଆବଶ୍ୟକ । ତା' ନହେଲେ ସେ ସବୁ ସାଧାରଣ ବ୍ୟବହାର ପାଇଁ ଛଡ଼ାଯିବା ଅନୁଚିତ । ଚାଟ୍‌ଜିପିଟି ରାତାରାତି ସଫଳ ହେବା ପରେ ନୀତି ନିର୍ଦ୍ଧାରକ ଓ ବିଶେଷଜ୍ଞମାନେ ଏ ଆଇର ବିପଦ ସମ୍ପର୍କରେ ସ୍ୱର ଉଠାଇଥିଲେ । ଏହା ଆମେରିକାରେ ଏକ ବଡ଼ ଜନପ୍ରସଙ୍ଗ ହେବାରୁ ସେଠା ସରକାର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ବିଭିନ୍ନ ସଫ୍ଟଓୟାର କମ୍ପାନୀର ସିଇଓମାନଙ୍କ ସହିତ ଆମେରିକାର ଉପରାଷ୍ଟ୍ରପତି, ରାଷ୍ଟ୍ରପତିଙ୍କ ଚିଫ୍ ଅଫ୍ ଷ୍ଟାଫ୍, ଜାତୀୟ ନିରାପତ୍ତା ପରାମର୍ଶଦାତା, ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ମହାନିର୍ଦ୍ଦେଶକଙ୍କ ସମେତ ଆହୁରି ଅନେକ କର୍ମକର୍ତ୍ତା ମଧ୍ୟ ଏହାର ନିରାପତ୍ତା ଦିଗ ସମ୍ପର୍କରେ କଥାବାର୍ତ୍ତା କରିଛନ୍ତି । ଏଥିସହିତ ବୈଠକ ପୂର୍ବରୁ ବାଇଡେନ୍ ପ୍ରଶାସନ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ବିଶ୍ୱାସଯୋଗ୍ୟ କରିବାକୁ ୧୪୦ ନିୟୁତ ଡଲାର ମୂଲ୍ୟର ଏକ ପାଣ୍ଠି ଗଠନ ଘୋଷଣା କରିଥିଲେ । କିନ୍ତୁ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ପଦ ସମ୍ଭାଳିବା ପରେ ଏହି ପ୍ରକ୍ରିୟା ମନ୍ଥର ହୋଇଯାଇଛି ।

ଏ ଆଇର ନିରଙ୍କୁଶ କ୍ଷମତା ଉପରେ ସରକାରୀ କଟକଣା ରହିବ କି ନାହିଁ, ତାହା ତର୍କସାପେକ୍ଷ । ଏହାର ଯେଉଁ ସାମର୍ଥ୍ୟ ଓ କ୍ଷମତା ରହିଛି, ତାହାର ଅନେକ ସୁଯୋଗ ସୁବିଧା ମଧ୍ୟ ଅଛି । ସବୁ ଜିନିଷ ଭଳି ଏହାର ମଧ୍ୟ ବିଭିନ୍ନ ଦିଗ ରହିଛି । ଏହାକୁ ସାଇବର ଅପରାଧ ଓ ଆଉ କେତେକ ଆପରାଧିକ କାର୍ଯ୍ୟକଳାପରେ ଦୁଷ୍ଟବୁଦ୍ଧି ସମ୍ପନ୍ନ ଲୋକ ବ୍ୟବହାର କରିପାରନ୍ତି । ବ୍ୟକ୍ତିଗତ ତଥ୍ୟ ଚୋରି ଓ ବ୍ୟାଙ୍କ ବ୍ୟବସ୍ଥାର ନିରାପତ୍ତା ମଧ୍ୟ ବିପନ୍ନ ହୋଇପାରେ । ସର୍ବୋପରି ଆମେରିକାବାସୀଙ୍କ ଧନଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇପାରେ । ଏହା ଯେତେବେଳେ ଆମେରିକା ପାଇଁ ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଉଛି, ସମଗ୍ର ବିଶ୍ୱ ଏହାଦ୍ୱାରା ପ୍ରଭାବିତ ହେବା ପ୍ରାୟ ନିଶ୍ଚିତ । ଭାରତ ଏଥିରୁ ବାଦ ପଡ଼ିବ ନାହିଁ । ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନିଃସନ୍ଦେହରେ ଆମ ସମୟର ଏକ ଅନ୍ୟତମ ଶକ୍ତିଶାଳୀ ବୈଷୟିକ ଜ୍ଞାନକୌଶଳ । ତେବେ ଏହା ଆଣିଥିବା ସୁବିଧା ସୁଯୋଗର ଲାଭ ଉଠାଇବା ପୂର୍ବରୁ ଆମକୁ ପ୍ରଥମେ ଏହାସହିତ ସଂଶ୍ଳିଷ୍ଟ ସମ୍ଭାବ୍ୟ ବିପଦକୁ ଏଡ଼ାଇବାକୁ ପଡ଼ିବ । ଆଜିର ବୈଷୟିକ ଜ୍ଞାନକୌଶଳ ଓ ବୈଜ୍ଞାନିକ ଉପଲବ୍ଧି ଏହି ସମସ୍ୟାର ସମାଧାନରେ ସଫଳ ହେବ ବୋଲି ଆଶା ।

## ଅନ୍ତରୀକ୍ଷରେ ଅସ୍ତ୍ର ପ୍ରତିଯୋଗିତା

**ସନ୍ତୋଷ କୁମାର ମିଶ୍ର**

ଗତ ସେପ୍ଟେମ୍ବର ୧୪ ତାରିଖରେ ଆମେରିକା ପ୍ରଥମ ଥର ପାଇଁ ସରକାରୀ ଭାବେ ସ୍ୱୀକାର କରିଛି ଯେ ଏହାର 'ଅନ୍-ଅର୍ବିଟ୍ ସ୍ପେସ୍ କଣ୍ଟ୍ରୋଲ୍ ୱେପନ୍ସ' (ମହାକାଶରେ ମୁତୟନ ଥିବା ଭୂପୃଷ୍ଠରୁ ନିୟନ୍ତ୍ରିତ ଅସ୍ତ୍ର) ରହିଛି । ଟ୍ରମ୍ପଙ୍କ କାର୍ଯ୍ୟକାଳ ମଧ୍ୟରେ ମହାକାଶ ଏବେ ଯୁଦ୍ଧର ନୂତନ କ୍ଷେତ୍ର ହୋଇଛି ଏବଂ ଆମେରିକା କିପରି ସେଠାରେ ଶକ୍ତିଶାଳୀ ରହିବ ସେଥିପାଇଁ ଅନେକଗୁଡ଼ିଏ ଯୋଜନା ଆରମ୍ଭ କରାଯାଇଛି । ୨୦୨୫ ଡିସେମ୍ବରରେ 'ସ୍ପେସ୍ ଫୋର୍ସ'ର ଷଷ୍ଠ ଜନ୍ମଦିନ ଅବସରରେ ସେ କହିଥିଲେ ଯେ ଶତ୍ରୁମାନେ ଆମେରିକୀୟ ଉପଗ୍ରହକୁ ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ 'ଗୋଲ୍ଡେନ୍ ଡୋମ୍' ଏବଂ ଏକ ସୁଦୃଢ଼ 'ସ୍ପେସ୍ ଫୋର୍ସ' ବା ମହାକାଶ ସୈନ୍ୟବାହିନୀ ଆବଶ୍ୟକ । ରୁଷିଆ ୟୁରୋପରେ ସାଟେଲାଇଟ୍ ଯୋଗାଯୋଗରେ ବାଧା ସୃଷ୍ଟି କରୁଛି ଏବଂ ମହାକାଶରେ ପରମାଣୁ ଅସ୍ତ୍ର ରଖିବାର ଯୋଜନା କରୁଛି ବୋଲି ଆମେରିକା ଆରୋପ କରି ଆସୁଛି । ଯଦିଓ ଆମେରିକା କି ପ୍ରକାରର ଓ କେତେ ପରିମାଣର ଅସ୍ତ୍ର ମହାକାଶକୁ ପଠାଇଛି ଏହାର କୌଣସି ସରକାରୀ ବା ଗୁଇନ୍ଦା ତଥ୍ୟ ନାହିଁ, ଏହା ଆନ୍ତର୍ଜାତିକସ୍ତରରେ ଏକ ବଡ଼ ଚର୍ଚ୍ଚା ଓ ଚିନ୍ତାର ବିଷୟ ହୋଇଛି ।

ମହାକାଶ ମାନବ ସଭ୍ୟତା ନିମନ୍ତେ ସର୍ବାଧିକ ରହସ୍ୟ ଓ ସମ୍ଭାବନାର କ୍ଷେତ୍ର । ଅନ୍ତରୀକ୍ଷ କେବଳ ତାରାମଣ୍ଡଳ ଓ ଗ୍ରହମାନଙ୍କ ସମଷ୍ଟି ନୁହେଁ, ବରଂ ମାନବର ବିଜ୍ଞାନ, ପ୍ରଯୁକ୍ତି ଓ ଭବିଷ୍ୟତ ବିକାଶର ମୂଳ ଭିତ୍ତିଭୂମି । ଏହାସତ୍ତ୍ୱେ ଏହି ଅସୀମ ଅନ୍ତରୀକ୍ଷରେ ଆଜି ଏକ ନୂତନ ଯୁଦ୍ଧଭୂମି ପ୍ରସ୍ତୁତ ହେଉଛି ବୋଲି ସ୍ପଷ୍ଟ ପ୍ରମାଣିତ ହୋଇସାରିଲାଣି । 'ମହାକାଶରେ ଅସ୍ତ୍ରୀକରଣ' ବା 'ସ୍ପେସ୍ ମିଲିଟାରିଜେସନ୍' ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବିବାଦୀୟ ବିଷୟ, ଯାହା ଆଜିର ବିଶ୍ୱ ରାଜନୀତି, ସୁରକ୍ଷା ଓ ଆନ୍ତର୍ଜାତିକ ସମ୍ପର୍କକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇଛି । ଶୀତଳ ଯୁଦ୍ଧ ସମୟରେ ନିଜକୁ ଆଗୁଆ ରଖିବା ପାଇଁ ଆମେରିକା ଓ ସୋଭିଏତ୍ ସଂଘ ମଧ୍ୟରେ ମହାକାଶରେ ଗବେଷଣା ଓ ଅନ୍ୱେଷଣ ପାଇଁ ବିଭିନ୍ନ ଉଦ୍ୟମ ଆରମ୍ଭ ହୋଇଥିଲା । ୧୯୫୭ ମସିହାରେ ସୋଭିଏତ୍ ସଂଘ ସ୍ପୁଟନିକ୍-୧ ଉତ୍‌କ୍ଷେପଣ କରି ମହାକାଶ ଯୁଗର ଆରମ୍ଭ କରିଥିଲା । ଏହାପରେ ଆମେରିକା ଓ ସୋଭିଏତ୍ ସଂଘ ମଧ୍ୟରେ ତୀବ୍ର ମହାକାଶ ପ୍ରତିଯୋଗିତା ଆରମ୍ଭ ହୋଇଥିଲା, ଯାହାକୁ 'ସ୍ପେସ୍ ରେସ୍' କୁହାଯାଏ । ଏହି ପ୍ରତିଯୋଗିତା କେବଳ ମହାକାଶ ବିଜ୍ଞାନରେ ଉନ୍ନତି ଆଣିବା ଏବଂ ଏହାର ରହସ୍ୟକୁ ଭେଦ କରିବା ପାଇଁ ଉଦ୍ଦିଷ୍ଟ ନଥିଲା, ବରଂ ଅନ୍ତରୀକ୍ଷରେ ନିଜର ଏକ ସୀମା ପ୍ରସ୍ତୁତ କରିବା ସହିତ ଏହାର ସୁରକ୍ଷା ଓ ସାମରିକ ରଣନୀତିକ ଶ୍ରେଷ୍ଠତା ପ୍ରଦର୍ଶନକୁ ପ୍ରାଥମିକତା ପ୍ରଦାନ କରାଯାଇଥିଲା । ସୋଭିଏତ୍ ସଂଘ ୧୯୬୧ରେ ମହାକାଶଚାରୀ ୟୁରି ଗାଗାରିନଙ୍କୁ ମହାକାଶକୁ ପଠାଇଥିଲା ଏବଂ ଆମେରିକା ୧୯୬୯ରେ ଚନ୍ଦ୍ରରେ ପଦାର୍ପଣ କରିଥିଲା । ଏହି ସମୟରେ ଉଭୟ ଦେଶ ବିଭିନ୍ନପ୍ରକାରର ମହାକାଶ ଯାନ, ସାଧାରଣ ଉପଗ୍ରହ, ଗୁପ୍ତଚର ଉପଗ୍ରହ ଏବଂ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଉପରେ ବ୍ୟାପକ ଗବେଷଣା କରିଥିଲେ ।

୧୯୬୭ ମସିହାରେ ଜାତିସଂଘ ତରଫରୁ 'ଆଉଟର୍ ସ୍ପେସ୍ ଟ୍ରିଟି' (ବାହ୍ୟ ମହାକାଶ ଚୁକ୍ତି) ସ୍ୱାକ୍ଷରିତ ହୋଇଥିଲା । ଅଳ୍ପକିଛି ଆଫ୍ରିକୀୟ ଦେଶକୁ ଛାଡ଼ି ବିଶ୍ୱର ସମସ୍ତ ଦେଶ ଏଥିରେ ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତି ଅନୁଯାୟୀ ମହାକାଶକୁ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ ଏବଂ କୌଣସି ଦେଶ ଚନ୍ଦ୍ର କିମ୍ବା ଅନ୍ୟ ଗ୍ରହ, ଉପଗ୍ରହରେ ସାମରିକ ଶିବିର ସ୍ଥାପନ ଓ ସେଠାରେ ପରମାଣୁ ଅସ୍ତ୍ର କିମ୍ବା ଅନ୍ୟ ଗଣବିନାଶକାରୀ ଅସ୍ତ୍ର ଗଚ୍ଛିତ କରିପାରିବେ ନାହିଁ । ଏହାସହିତ ଚୁକ୍ତିରେ ଉଲ୍ଲେଖ ରହିଛି ଯେ ମହାକାଶ ସମସ୍ତ ମାନବଜାତିର ମୌଳିକ ସମ୍ପତ୍ତି ଏବଂ କୌଣସି ଦେଶ ଏହାକୁ ଅଧିକାର କରିପାରିବ ନାହିଁ । ଏହି ଚୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ଆଦୌ ମହାକାଶରେ ଅସ୍ତ୍ରୀକରଣକୁ ରୋକିପାରିଲା ନାହିଁ । ଶୀତଳ ଯୁଦ୍ଧ ପରେ ମଧ୍ୟ 'ସ୍ପେସ ରେସ୍'ରେ ଭଟ୍ଟା ପଡ଼ି ନ ଥିଲା । ଆମେରିକା ଓ ସୋଭିଏତ୍ ସଂଘ ଉଭୟ ମହାକାଶରେ ଅଧିକ ଅସ୍ତ୍ର ବିକାଶ କରିବାରେ ଲାଗିଲେ । ଆମେରିକାର 'ଷ୍ଟାର୍ ୱାର୍ସ' କାର୍ଯ୍ୟକ୍ରମ ବା 'ଷ୍ଟ୍ରାଟେଜିକ୍ ଡିଫେନ୍ସ ଇନିସିଏଟିଭ୍' ୧୯୮୦ ଦଶକରେ ଆରମ୍ଭ ହୋଇଥିଲା । ଏହାର ଲକ୍ଷ୍ୟ ଥିଲା ମହାକାଶରୁ କ୍ଷେପଣାସ୍ତ୍ର ଆକ୍ରମଣକୁ ରୋକିବା ପାଇଁ ଏକ ପ୍ରତିରକ୍ଷା ବ୍ୟବସ୍ଥା ତିଆରି କରିବା । ସୋଭିଏତ୍ ସଂଘ ମଧ୍ୟ ଏହି ଦିଗରେ କାମ କରିଥିଲା । ଏହି ସମୟରେ ଉଭୟ ଦେଶ ଉପଗ୍ରହ ବିରୋଧୀ ଅସ୍ତ୍ର ପରୀକ୍ଷା କରିଥିଲେ । ଏହି ପରୀକ୍ଷାଗୁଡ଼ିକ ମହାକାଶରେ ଧ୍ୱଂସାବଶେଷ ସୃଷ୍ଟି କରିଥିଲା, ଯାହା ଆଜି ମଧ୍ୟ ଏକ ବଡ଼ ସମସ୍ୟା ।

ବର୍ତ୍ତମାନ ଅନ୍ତରୀକ୍ଷରେ ଅସ୍ତ୍ରୀକରଣର ମୁଖ୍ୟ କାରଣଗୁଡ଼ିକ ହେଉଛି ଜାତୀୟ ସୁରକ୍ଷା, ରଣନୀତିକ ଶ୍ରେଷ୍ଠତା ଏବଂ ପ୍ରଯୁକ୍ତିଗତ ଉନ୍ନତି । ନିତିଦିନିଆ ଜୀବନର କାର୍ଯ୍ୟ ସହିତ ଆଧୁନିକ ଯୁଦ୍ଧରେ ଉପଗ୍ରହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯୋଗାଯୋଗ, ନେଭିଗେସନ୍ (ଦିଗ ଓ ମାର୍ଗ ନିର୍ଣ୍ଣୟ ବିଜ୍ଞାନ), ଗୁପ୍ତ ତଥ୍ୟ ସଂଗ୍ରହ, ପାଣିପାଗ ପୂର୍ବାନୁମାନ ଏବଂ କ୍ଷେପଣାସ୍ତ୍ରକୁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ଉପଗ୍ରହ ଉପରେ ନିର୍ଭରଶୀଳତା ବଢ଼ିଛି । ଯଦି କୌଣସି ଦେଶର ଉପଗ୍ରହ ଧ୍ୱଂସ ହୁଏ, ତେବେ ତାହାର ସାଧାରଣ ଜୀବନର କାର୍ଯ୍ୟ ସହିତ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାର ଆଶଙ୍କା ରହିଛି । ଏହି କାରଣରୁ ଦେଶଗୁଡ଼ିକ ନିଜ ଉପଗ୍ରହକୁ ସୁରକ୍ଷିତ ରଖିବା ଏବଂ ଶତ୍ରୁର ଉପଗ୍ରହକୁ ନଷ୍ଟ କରିବାର କ୍ଷମତା ବିକାଶ କରୁଛନ୍ତି । ରୁଷ ଓ ଆମେରିକା ପାଖରେ ବିଂଶ ଶତାବ୍ଦୀର ଅଶୀଦଶକରୁ ଉପଗ୍ରହ ଧ୍ୱଂସ କରିବାର କୌଶଳ ରହିଛି । ଭାରତ ୨୦୧୯ ମସିହାରେ 'ମିସନ୍ ଶକ୍ତି' ମାଧ୍ୟମରେ ନିଜର ଏକ ଉପଗ୍ରହକୁ ଧ୍ୱଂସ କରି ଏପରି ବିରଳ କ୍ଷମତାର ଅଧିକାରୀ ହୋଇ ପାରିଥିଲା । ସେତେବେଳେ ଆମେରିକା ଓ ଚୀନ ଭାରତର ସଫଳତାକୁ ସହ୍ୟ କରିପାରି ନ ଥିଲେ ଏବଂ ଏହା 'ଆଉଟର୍ ସ୍ପେସ୍ ଟ୍ରିଟି'କୁ ଉଲ୍ଲଙ୍ଘନ କରିଛି ବୋଲି ଆରୋପ କରିଥିଲେ । କିନ୍ତୁ ଭାରତ ତାହାର ନିଜର ଏକ ଅତି କ୍ଷୁଦ୍ର ଉପଗ୍ରହକୁ ଧ୍ୱଂସ କରିଥିବାରୁ ଏହା ବେଆଇନ କାର୍ଯ୍ୟ ନ ଥିଲା ।

ମହାକାଶରେ ଅସ୍ତ୍ରୀକରଣର ବିପଦ ଅତ୍ୟନ୍ତ ଗମ୍ଭୀର । ପ୍ରଥମତଃ, ଏହା ମହାକାଶରେ ଧ୍ୱଂସାବଶେଷ ବୃଦ୍ଧି କରେ, ଯାହା ଅନ୍ୟ ଉପଗ୍ରହ ଏବଂ ମହାକାଶ ଯାନକୁ କ୍ଷତି ପହଞ୍ଚାଇପାରେ । ଏହାକୁ 'କେସଲର୍ ସିଣ୍ଡ୍ରୋମ୍' କୁହାଯାଏ, ଯେଉଁଥିରେ ଧ୍ୱଂସାବଶେଷ ଏକ ଚେନ୍ ରିଆକ୍ସନ୍ ସୃଷ୍ଟି କରି ମହାକାଶକୁ ବ୍ୟବହାର ଅଯୋଗ୍ୟ କରିଦେଇପାରେ । ଦ୍ୱିତୀୟତଃ, ଯଦି ଏକ ଦେଶ ଅନ୍ୟ ଦେଶର ଉପଗ୍ରହକୁ ଆକ୍ରମଣ କରେ, ତେବେ ଏହା ଯୁଦ୍ଧକୁ ଆରମ୍ଭ କରିପାରେ । ତୃତୀୟତଃ, ମହାକାଶରେ ଯୁଦ୍ଧ ହେଲେ ଏହା ପୃଥିବୀର ସାଧାରଣ ଜୀବନକୁ ମଧ୍ୟ ପ୍ରଭାବିତ କରିବ । ଯୋଗାଯୋଗ, ଇଣ୍ଟରନେଟ୍, ବ୍ୟାଙ୍କିଙ୍ଗ୍, ପରିବହନ ଏବଂ ଅନ୍ୟାନ୍ୟ ସେବା ଉପଗ୍ରହ ଉପରେ ନିର୍ଭର କରେ । ଏହାବ୍ୟତୀତ ମହାକାଶରେ ଅସ୍ତ୍ର ରଖିବା ଖର୍ଚ୍ଚବହୁଳ ଏବଂ ଏହା ଶାନ୍ତିପୂର୍ଣ୍ଣ ଅନ୍ୱେଷଣ ପାଇଁ ବ୍ୟୟ ହେଉଥିବା ଅର୍ଥକୁ ହ୍ରାସ କରେ ।

ଇତିହାସ କୁହେ ଯେ ଯେତେବେଳେ ମନୁଷ୍ୟ ନୂତନ କ୍ଷେତ୍ରକୁ ଅନ୍ୱେଷଣ କରେ, ସେତେବେଳେ ନିଜର ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ସେ ସେଠାରେ ଯୁଦ୍ଧର ବୀଜ ବୁଣେ । ଭବିଷ୍ୟତରେ ମହାକାଶରେ ଅସ୍ତ୍ରୀକରଣ ଆହୁରି ବଢ଼ିପାରେ ଯଦି ଆନ୍ତର୍ଜାତିକ ସହଯୋଗ ଓ ଉତ୍ତରଦାୟିତ୍ୱ ବଜାୟ ନ ରୁହେ । କୃତ୍ରିମ ବୁଦ୍ଧିମତ୍ତା, ସାଇବର୍ ୱାରଫେୟାର୍ ଏବଂ ଉନ୍ନତ ପ୍ରଯୁକ୍ତି ମହାକାଶ ଯୁଦ୍ଧକୁ ଆହୁରି ଜଟିଳ କରିବ । କିଛି ଦେଶ ମହାକାଶରେ ଲେଜର୍ ଅସ୍ତ୍ର, କାଇନେଟିକ୍ ୱେପନ୍ ଏବଂ ଇଲେକ୍ଟ୍ରୋନିକ୍ ୱାରଫେୟାର୍ ବ୍ୟବସ୍ଥା ବିକାଶ କରୁଛନ୍ତି । ଏହା ଏକ ନୂତନ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ କରିପାରେ । ଚୁକ୍ତି ଓ ରାଜିନାମା ଦ୍ୱାରା ଅନ୍ତରୀକ୍ଷରେ ଶାନ୍ତି ସ୍ଥାପନ କରିବା ସମ୍ଭବ ନୁହେଁ । ଆନ୍ତର୍ଜାତିକ ସହଯୋଗ, ବିଶ୍ୱାସ ଓ ସାମୂହିକ ଦାୟିତ୍ୱ ମାଧ୍ୟମରେ ଆମେ ମହାକାଶକୁ ଏକ ଶାନ୍ତିପୂର୍ଣ୍ଣ କ୍ଷେତ୍ର ଭାବରେ ରଖିପାରିବା । ଆନ୍ତର୍ଜାତିକ ମହାକାଶ କେନ୍ଦ୍ର ଭଳି ପ୍ରକଳ୍ପର ବିପୁଳ ସଫଳତା ପ୍ରମାଣିତ କରିପାରିଛି ଯେ ମହାକାଶରେ ଅନ୍ତର୍ଜାତୀୟ ସହଯୋଗ ସମ୍ଭବ ।

କଟକ, ମୋ: ୯୪୩୭୦୨୮୪୬୪ ।

### ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ୨୦୨୬

## ଗୁମର ଖୋଲିଲା ମସ୍ତିଷ୍କର

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

୨୦୨୬ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର ପାଇଁ ତିନିଜଣ ବିଜ୍ଞାନୀ ମନୋନୀତ ହୋଇଛନ୍ତି । ସେମାନେ ହେଲେ ୫୪ ବର୍ଷ ବୟସ୍କ ଆମେରିକୀୟ କାର୍ଲ ଡିସରୋଥ ଏବଂ ଜର୍ମାନୀର ଦୁଇ ବିଜ୍ଞାନୀ ୭୧ ବର୍ଷୀୟ ପିଟର ହେଗମାନ ଓ ୭୩ ବର୍ଷ ବୟସର ଜର୍ଜ ନାଗେଲ୍ । ଲାଇଟ-ଗେଟେଡ୍ ଆୟନ ଚ୍ୟାନେଲ ଏବଂ 'ଅପ୍ଟୋଜେନେଟିକ୍ସ' ସଂକ୍ରାନ୍ତ ସେମାନଙ୍କର ଆବିଷ୍କାର ନିମନ୍ତେ ସେମାନଙ୍କୁ ମିଳିଛି ଏହି ପୁରସ୍କାର । କୁହାଯାଉଛି ଯେ ସେମାନେ ମସ୍ତିଷ୍କ ଉପରେ ଆଲୋକ ପକେଇ ତାକୁ ଆଲୋକିତ କରିଦେଲେ ଏବଂ ଜଟିଳ ମସ୍ତିଷ୍କର ଅନ୍ଧକାରାଚ୍ଛନ୍ନ ଅଞ୍ଚଳଗୁଡ଼ିକ ଆଲୋକିତ ହୋଇଯାଇ ଜଣେଇ ଦେଲା ଅନେକ ଅଜଣା କଥା ତା' ବିଷୟରେ ।

ଆପଣମାନଙ୍କ ମଧ୍ୟରୁ କେହି ଯଦି କଣ୍ଢେଇନାଚ ଦେଖିଥିବେ, ତେବେ ଭାବି ନିଅନ୍ତୁ ଯେ ଆମ ମସ୍ତିଷ୍କଟି ହେଉଛି କଣ୍ଢେଇନଚାଳି । ଆମ ଦେହ ହେଉଛି କଣ୍ଢେଇ ନାଚ କରୁଥିବା କାଠ କଣ୍ଢେଇ । କଣ୍ଢେଇ ନଚାଳି ରହିଥାଏ ପରଦା ଅନ୍ତୁଆଳରେ । କିନ୍ତୁ ସେ ହାତରେ ଧରିଥିବା ସୂତାଗୁଡ଼ିକୁ ଟାଣି କଣ୍ଢେଇଗୁଡ଼ିକୁ ନଚେଇଥାଏ । କଣ୍ଢେଇଗୁଡ଼ିକରେ ନାଚରୁ ହିଁ ଆମେ ଦେଖିପାରୁ କଣ୍ଢେଇନଚାଳିର ହାତର ନିପୁଣତା । ହେଲେ ସେ କେଉଁପଦ୍ଧତିରେ ଏହା ସମ୍ଭବ କରେଇଥାଏ, ତାହା ଆମକୁ ମାଲୁମ ନ ଥାଏ । ମସ୍ତିଷ୍କ କ୍ଷେତ୍ରରେ ଠିକ୍ ସେଇଆ । ମସ୍ତିଷ୍କରେ ରହିଛି ଅସଂଖ୍ୟ ସ୍ନାୟୁକୋଷ । ସେଗୁଡ଼ିକ ପରସ୍ପର ସହିତ 'ଭାବ' ବା 'ସଙ୍କେତ' ଆଦାନପ୍ରଦାନ କରିଥା'ନ୍ତି ଏବଂ ନିୟନ୍ତ୍ରଣ କରିଥା'ନ୍ତି ଆମର ସ୍ମୃତି, ସୁଖ, ଦୁଃଖ, କ୍ରୋଧ ଇତ୍ୟାଦି ଆବେଗ, ନାନା ଆଚରଣ ଏବଂ ଅନ୍ୟାନ୍ୟ ଅନେକ କାର୍ଯ୍ୟକୁ । ଆମ ଶରୀର କରୁଥିବା ସବୁକାମର କର୍ତ୍ତା ହେଉଛି ୧ କିଲୋଗ୍ରାମ୍‌ରୁ ବେଶୀ ଓଜନବିଶିଷ୍ଟ ଆମର ଏହି ମସ୍ତିଷ୍କ । ହେଲେ ମସ୍ତିଷ୍କର କେଉଁ ଅଂଶ ଉପରେ କେଉଁ କାର୍ଯ୍ୟର ଦାୟିତ୍ୱ ନ୍ୟସ୍ତ? ତାହା ସନ୍ତୋଷଜନକ ଭାବରେ ଆଗରୁ ଜଣା ନଥିଲା । ନୋବେଲଜୟୀ ତିନି ବିଜ୍ଞାନୀଙ୍କର ଆବିଷ୍କାର ହିଁ ସେ ବିଷୟରେ ଆମକୁ ଜଣେଇ ଦେଇପାରିଛି ।

ମାତ୍ର ଲାଇଟ-ଗେଟେଡ ଆୟନ ଚ୍ୟାନେଲ ପୁଣି କ'ଣ? ଲାଇଟ ଗେଟେଡ ଆୟନ ଚ୍ୟାନେଲ୍ ହେଉଛି ଚ୍ୟାନେଲ ରୋଡୋପସିନ ନାମକ କୋଷ ଉପରିସ୍ଥ ଏକ ବିଶେଷ ଧରଣର ପ୍ରୋଟିନ । ସେହି ପ୍ରୋଟିନ ଉପରେ ଆଲୋକ ପଡ଼ିଲେ ଗେଟ ଖୋଲିବା ପରି ତାହା ଖୋଲିଯାଏ । ସୃଷ୍ଟି ହୋଇଯାଏ ଏକ ଚ୍ୟାନେଲ ବା ସୂକ୍ଷ୍ମନାଳୀ । ସେହି ନାଳୀ ମଧ୍ୟ ଦେଇ ଗର୍ଜିତ ଆୟନ କୋଷ ଭିତରକୁ ପଶିଯାଏ । କୋଷ ଭିତରେ ଆୟନଗୁଡ଼ିକ ପହଞ୍ଚିଯିବା ମାତ୍ରେ କୋଷର ବୈଦ୍ୟୁତିକ ଅବସ୍ଥା ବଦଳିଯାଏ । ଫଳରେ ଜାତ ହୋଇପଡ଼େ ବୈଦ୍ୟୁତିକ ସ୍ପନ୍ଦନ । 'ଅପ୍ଟୋଜେନେଟିକ୍ସ' ବୋଇଲେ ପୁଣି କଅଣ? ଅପ୍ଟୋ ହେଉଛି ଅପ୍ଟିକ୍ସ ବା ଆଲୋକ ବିଜ୍ଞାନ । ଜେନେଟିକ୍ସ ହେଉଛି ଜିନ ବିଜ୍ଞାନ । ସୁତରାଂ ଅପ୍ଟୋଜେନେଟିକ୍ସ ହେଉଛି ଆଲୋକ ବିଜ୍ଞାନ ଓ ଜିନ୍ ବିଜ୍ଞାନର ଏକ ମିଶ୍ରିତ ବୈଜ୍ଞାନିକ ପଦ୍ଧତି । ଏହି ପଦ୍ଧତିକୁ ଅବଲମ୍ବନ କରି ବିଜ୍ଞାନୀମାନେ ମସ୍ତିଷ୍କର ନିର୍ଦ୍ଦିଷ୍ଟ ସ୍ନାୟୁକୋଷକୁ ତଥାକଥିତ ଏକ ସୁଇଚ ଭାବେ ବିନିଯୋଗ କରିଥା'ନ୍ତି । ଆଲୋକ ପକେଇଲେ ସ୍ନାୟୁକୋଷ ସକ୍ରିୟ ବା ଅନ୍ ଏବଂ ନିଷ୍କ୍ରିୟ ବା ଅଫ୍ ଭାବେ ବ୍ୟବହାର ଦେଖେଇଥା'ନ୍ତି । ଅର୍ଥାତ୍ 'ଅପ୍ଟୋଜେନେଟିକ୍ସ' ପଦ୍ଧତି ସାହାଯ୍ୟରେ ମସ୍ତିଷ୍କର କୌଣସି ନିର୍ଦ୍ଦିଷ୍ଟ ସ୍ନାୟୁକୋଷ କି ନିର୍ଦ୍ଦିଷ୍ଟ ସ୍ନାୟୁ ପରିପଥ ବା ସର୍କିଟ୍‌କୁ ଚିହ୍ନଟ କରି ନିୟନ୍ତ୍ରଣ କରିହୁଏ ।

ଏହି ଗବେଷଣାର ଆରମ୍ଭ ପିଟର ହେଗେମାନଙ୍କ କୌତୂହଳରୁ । 'କ୍ଲାମାଇଡୋମୋନାସ' ନାମକ ଏକକୋଷୀ ଶୈବାଳ କିପରି ଆଲୋକଉତ୍ସ ଦିଗକୁ ସନ୍ତରଣ କରିଥାଏ ଏହା ଲକ୍ଷ୍ୟ କରି ସେ ବିସ୍ମିତ ହୋଇ ପଡ଼ିଥିଲେ । ୨୦୦୦ ଦଶକର ଆଦ୍ୟ ଭାଗରେ ସେ ଏବଂ ଜର୍ଜ ନାଗେଲ ଶୈବାଳଟିରେ ଆବିଷ୍କାର କରିଥିଲେ ଚ୍ୟାନେଲ ରୋଡୋପ୍ସିନ ନାମକ ପ୍ରୋଟିନ । ସେହି ପ୍ରୋଟିନ ଉପରେ ନୀଳ ରଙ୍ଗର ଆଲୋକ ପଡ଼ିଲେ କିପରି ବୈଦ୍ୟୁତିକ ସ୍ପନ୍ଦନ ଜାତ ହୁଏ ତାହା ପୂର୍ବରୁ କୁହାଯାଇଛି । ସେମାନେ ଏହା ମଧ୍ୟ ଦେଖିଲେ ଯେ ଯେଉଁକୋଷରେ ଚ୍ୟାନେଲ ରୋଡୋପ୍ସିନ ପ୍ରୋଟିନର ଜିନ୍‌କୁ ସ୍ଥାନିତ କରିଦିଆଯାଏ ସେହି କୋଷଗୁଡ଼ିକ ମଧ୍ୟ ହୋଇପଡ଼ନ୍ତି ସଂବେଦନଶୀଳ । କାର୍ଲ ଡିସରୋଥ ଚ୍ୟାନେଲ ରୋଡୋପ୍ସିନର ଜିନକୁ ମୂଷାର ସ୍ନାୟୁ କୋଷ ଭିତରକୁ ପ୍ରବେଶ କରେଇ ତା' ଉପରେ ନୀଳ ଆଲୋକ ପକେଇଲେ । ଏପରି କରିବାରୁ ସୃଷ୍ଟି ହେଲା ସ୍ନାୟୁ ସଙ୍କେତ । ସେହି ପ୍ରୋଟିନକୁ ସ୍ନାୟୁକୋଷଗୁଡ଼ିକ ପାଇଁ ଆଲୋକ ଦ୍ୱାରା ନିୟନ୍ତ୍ରିତ ସୁଇଚ୍ ଭାବରେ ରୂପାନ୍ତରିତ କରିଦେଲେ । ଏହାଫଳରେ ବିଜ୍ଞାନୀମାନେ ସ୍ନାୟୁକୋଷକୁ ଆଲୋକ ଦ୍ୱାରା ସକ୍ରିୟ ଓ ନିଷ୍କ୍ରିୟ ବା ଅନ୍ କି ଅଫ୍ କରିପାରୁଛନ୍ତି । ଏହି ପଦ୍ଧତିଟି ୨୦୦୬ ମସିହାରେ 'ଅପ୍ଟୋଜେନେଟିକ୍ସ' ଭାବରେ ନାମିତ ହୋଇଥିଲା ।

ଆମେ କିପରି ମନେ ରଖିପାରୁଛେ, କିପରି ଚିନ୍ତା କରିପାରୁଛେ, କିପରି ଅନୁଭବ କରିପାରୁଛେ, କିପରି ଆଚରଣ ପ୍ରଦର୍ଶନ କରିପାରୁଛେ ତାହା ଜାଣିବାରେ ସହାୟକ ହେବ ଏହି 'ଅପ୍ଟୋଜେନେଟିକ୍ସ' ପଦ୍ଧତି । ସ୍କିଜୋଫେନିଆ, ଏପିଲେପ୍ସି ବା ଅପସ୍ମାର, ଆଲ୍‌ଜାଇମର୍ସ, ପାର୍କିନସନସ, ଡିମେନସିଆ ବା ସ୍ମୃତିଭ୍ରଂଶ, ଦୀର୍ଘକାଳିକ ଯନ୍ତ୍ରଣା, ଅନିଦ୍ରା, ଦୃଷ୍ଟି ଅକ୍ଷମତା, ଶ୍ରବଣ ଅକ୍ଷମତା, ଅଟିଜମ୍ ସ୍ପେକ୍ଟ୍ରମ୍ ଡିଜଅର୍ଡର ଇତ୍ୟାଦି ମସ୍ତିଷ୍କ ସଂପର୍କିତ ଅନେକ ରୋଗର ଉପଶମରେ 'ଅପ୍ଟୋଜେନେଟିକ୍ସ' ପଦ୍ଧତି ଖୁବ ଉପାଦେୟ ସାବ୍ୟସ୍ତ ହୋଇପାରିବ । ମାତ୍ର ଏହି ପଦ୍ଧତିରେ ପ୍ରୟୋଗ ରହିଛି ତା'ର ପ୍ରାରମ୍ଭିକ ଅବସ୍ଥାରେ । ଏହାର ସଂପୂର୍ଣ୍ଣ ଉପଯୋଗିତା ପାଇଁ ସମୟ ଲାଗିବ । ତେବେ ଏହି ପଦ୍ଧତି ସାହାଯ୍ୟରେ ମସ୍ତିଷ୍କର ତ୍ରୁଟିଯୁକ୍ତ ସ୍ନାୟୁକୋଷ ଏବଂ ସ୍ନାୟୁ ପରିପଥକୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନଟ କରାଯାଇପାରିବା ସମ୍ଭବ ହେଉଥିବାରୁ ଚିକିତ୍ସାକୁ ତ୍ରୁଟିଯୁକ୍ତ ସ୍ଥାନଟିରେ ହିଁ କେନ୍ଦ୍ରିତ କରାଯାଇପାରିବ । ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ଏହି ଆବିଷ୍କାରଟି ନିଶ୍ଚିତ ଭାବରେ ଏକ ଅସାଧାରଣ ଅବଦାନ ।

କଟକ, ମୋ: ୯୪୩୭୭୬୬୧୧୭

## କଳିଙ୍ଗରେ ହୀନଯାନ ବୌଦ୍ଧ ଧର୍ମ

**ପ୍ରବୀର କୁମାର ପଟ୍ଟନାୟକ**

### ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

କଳିଙ୍ଗରେ ଜନପ୍ରିୟ ବୌଦ୍ଧ ଧର୍ମ: ନାଗାର୍ଜୁନ କୋଣ୍ଡା ଶିଳାଲେଖର ଅଧ୍ୟୟନରୁ ଜଣାପଡ଼େ ଯେ, ଉପାସିକା ବୋଧିଶ୍ରୀଙ୍କ ଧାର୍ମିକ ଅବଦାନ ଓ ଅନୁଦାନଗୁଡ଼ିକ ବୌଦ୍ଧଧର୍ମର ସେହି ଧାରା ସହିତ ସଂପୃକ୍ତ ଥିଲା, ଯାହା ହୀନଯାନର ସଂକୀର୍ଣ୍ଣତା ଓ ଏକଚାଟିଆ ଧାରଣା ବାହାରେ ବିକଶିତ ହୋଇଥିଲା । ବାସ୍ତବରେ ଏହି ଲୋକପ୍ରିୟ ତଥା ଜନାଦୃତ ବୌଦ୍ଧଧର୍ମ ଦେଶର ଧାର୍ମିକ ଜୀବନରେ ଏକ ପ୍ରଭାବଶାଳୀ ଶକ୍ତି ରୂପେ ଉଭବ ହୋଇଥିଲା । ପରବର୍ତ୍ତୀ କାଳରେ ବୌଦ୍ଧଧର୍ମର ଇତିହାସରେ ଦୂରଗାମୀ ପ୍ରଭାବ ପକାଇଥିଲା । ଅଶୋକଙ୍କ ଶାସନକାଳରେ ବୌଦ୍ଧଧର୍ମର ପୁନର୍ଗଠନ ପରେ ଏହି ଧର୍ମ ସାଧାରଣ ଲୋକମାନଙ୍କୁ ବହୁସଂଖ୍ୟାରେ ସାମିଲ କରିଥିଲା ଏବଂ ବିଭିନ୍ନ ଆଚାର୍ଯ୍ୟ ସଂପ୍ରଦାୟର ଧର୍ମପ୍ରଚାର କାର୍ଯ୍ୟକଳାପ ଏହାକୁ ବିହାରଗୁଡ଼ିକର ସୀମା ଅତିକ୍ରମ କରାଇ ସାଧାରଣ ଜନସମାଜ ମଧ୍ୟରେ ପହଞ୍ଚାଇ ପାରିଥିଲା ।

କଳା ଓ ପଥର ନିର୍ମାଣକଳାର ବିକାଶ ବୌଦ୍ଧ ଧର୍ମର ଗଭୀର ଓ ଦୁର୍ବୋଧ ଆଦର୍ଶଗୁଡ଼ିକୁ ଦୃଶ୍ୟମାନ ଓ ସ୍ପର୍ଶନୀୟ ରୂପରେ ପ୍ରକାଶ କରିବାକୁ ସମ୍ଭବ କରିପାରିଥିଲା । ଏହି କାରଣରୁ ଅଶୋକୋତ୍ତର ଯୁଗରେ ଭାରତର ବିଭିନ୍ନ ଅଞ୍ଚଳରେ ବହୁସଂଖ୍ୟକ ସ୍ତୂପ, ଚୈତ୍ୟ ଓ ଗୁମ୍ଫାର ନିର୍ମାଣ ହୋଇଥିଲା । କଳିଙ୍ଗରେ ଦନ୍ତପୁର, ତୋଷାଳୀ, ହିରୁମ୍ବ ଓ ପୁଷ୍ପଗିରିରେ ସ୍ତୂପ ଓ ଚୈତ୍ୟ ନିର୍ମାଣ ହୋଇଥିବାର ସୂଚନା ମିଳେ । ଏହି ସ୍ଥାନଗୁଡ଼ିକ ସେତେବେଳେ କଳିଙ୍ଗର ବୌଦ୍ଧଧର୍ମର ପ୍ରମୁଖ କେନ୍ଦ୍ର ଭାବେ ପ୍ରତିଷ୍ଠା ଲାଭ କରିଥିଲା ।

ସିଂହଳର 'ଦାଠାବଂଶ' ଗ୍ରନ୍ଥରେ ଦନ୍ତପୁରର ବିକଶିତ ଲୋକପ୍ରିୟ ବୌଦ୍ଧଧର୍ମ ସମ୍ବନ୍ଧରେ ରୋଚକ ବିବରଣୀ ମିଳେ । ସେଠାରେ ଏକ ମନୋରମ ସ୍ତୂପ ଅଥବା ଚୈତ୍ୟ ଥିବାର ଉଲ୍ଲେଖ ଅଛି, ଯେଉଁଠାରେ ଭଗବାନ ବୁଦ୍ଧଙ୍କ ପବିତ୍ର ଦନ୍ତଧାତୁ ସଂରକ୍ଷିତ ଥିଲା ବୋଲି ବିଶ୍ୱାସ କରାଯାଉଥିଲା । ଏହି କାରଣରୁ ଦନ୍ତପୁର ପ୍ରାଚୀନ କଳିଙ୍ଗରେ ଲୋକପ୍ରିୟ ବୌଦ୍ଧଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ପିଟକଗୁଡ଼ିକଠାରୁ ଆରମ୍ଭ କରି ସିଂହଳର ଇତିବୃତ୍ତ-ଗ୍ରନ୍ଥ ପର୍ଯ୍ୟନ୍ତ ପାଲି ସାହିତ୍ୟରେ ଦନ୍ତପୁରକୁ କଳିଙ୍ଗର ଗୌରବମୟ ରାଜଧାନୀ ଭାବେ ବର୍ଣ୍ଣନା କରାଯାଇଛି । ଏହି ପାଲି ସାହିତ୍ୟର ସାକ୍ଷ୍ୟଗୁଡ଼ିକୁ ମହାଭାରତର ପରମ୍ପରା ମଧ୍ୟ ସମର୍ଥନ କରେ । ଏହାସହିତ ଗ୍ରୀକ୍ ଲେଖକମାନେ ମଧ୍ୟ 'ଦଣ୍ଡଗୁଡ଼ା' ନାମକ ସ୍ଥାନକୁ କଳିଙ୍ଗମାନଙ୍କର ରାଜଧାନୀ ବୋଲି ଉଲ୍ଲେଖ କରିଥିବା ଦେଖାଯାଏ ।

**ପୁଷ୍ପଗିରି ବିହାର:** ଦନ୍ତପୁରର ପତନ ପରେ ପୁଷ୍ପଗିରି ଲୋକପ୍ରିୟ ବୌଦ୍ଧଧର୍ମର ଏକ ପ୍ରମୁଖ କେନ୍ଦ୍ର ଭାବେ ଖ୍ୟାତି ଲାଭ କଲା । ଭକ୍ତମାନଙ୍କ ମନ ଉପରେ ଏହାର ଅପାର ପ୍ରଭାବ ଥିଲା ଏବଂ ବହୁସଂଖ୍ୟାରେ ଭକ୍ତମାନେ ସେଠାକୁ ଆସୁଥିଲେ । ଖ୍ରୀଷ୍ଟିୟ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ମଧ୍ୟ ଏହା ବୌଦ୍ଧ ଜଗତର ଅନ୍ୟତମ 'ଅଦ୍ଭୁତ ବିହାର' ଭାବେ ପରିଗଣିତ ହେଉଥିଲା । ଚୀନ ପର୍ଯ୍ୟଟକ ହୁଏନ-ସାଂ ଏଠାକାର ସ୍ତୂପ ଓ ଚୈତ୍ୟଗୁଡ଼ିକର ଅଲୌକିକ ଶକ୍ତି ଦେଖି ଏତେ ଅଭିଭୂତ ଓ ପ୍ରଭାବିତ ହୋଇଥିଲେ ଯେ, ସେଗୁଡ଼ିକ ମଣିଷଙ୍କ ହାତରେ ନୁହେଁ ବରଂ ଦାନବ ଅଥବା ଦୈବୀଶକ୍ତି ସଂପନ୍ନ କାରିଗରଙ୍କ ଦ୍ୱାରା ନିର୍ମିତ ବୋଲି ସୂଚାଇଥିଲେ ।

ଏଠାରେ ଉଲ୍ଲେଖନୀୟ ବିଷୟ ହେଉଛି, ହୁଏନ୍ ସାଂ ବିହାରଟିର ମୂର୍ତ୍ତି ବା ପ୍ରତିମା ସଂପର୍କରେ କିଛି ବି ଉଲ୍ଲେଖ କରିନାହାନ୍ତି । ସେ କେବଳ ଏହି ବିହାରର ପଥରରେ ନିର୍ମିତ ସ୍ତୂପ ଓ ଚୈତ୍ୟର ଏକ ଅଦ୍ଭୁତ ବର୍ଣ୍ଣନା ଦେଇ ସନ୍ତୁଷ୍ଟ ହୋଇଛନ୍ତି । ପୁଷ୍ପଗିରି ସଂପର୍କରେ ତାଙ୍କ ବର୍ଣ୍ଣନାକୁ ଦନ୍ତପୁରର ଅଲୌକିକ ସ୍ତୂପ ସଂପର୍କରେ 'ଦାଠାବଂଶ'ରେ ମିଳୁଥିବା ବର୍ଣ୍ଣନା ସହିତ ତୁଳନା କରାଯାଇପାରେ । ଉଭୟ ବର୍ଣ୍ଣନାରେ ଅଲୌକିକତାର ଏକ ସ୍ପଷ୍ଟ ଛାପ ଏବଂ ରୂପକଥାର ଏକ ସ୍ପର୍ଶ ଦେଖିବାକୁ ମିଳିଥାଏ । ଏଥିରେ ସେହି ସମୟରେ ଦେଶରେ ପ୍ରଚଳିତ ବୌଦ୍ଧଧର୍ମର ଲୋକପ୍ରିୟ ସ୍ୱରୂପକୁ ଅତ୍ୟନ୍ତ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି । ନିଶ୍ଚିତ ଭାବରେ, ସପ୍ତମ ଶତାବ୍ଦୀ ସୁଦ୍ଧା ପୁଷ୍ପଗିରି ଓଡ଼ିଶାର ଲୋକପ୍ରିୟ ବୌଦ୍ଧଧର୍ମର ଏକ ମହାନ କେନ୍ଦ୍ର ଥିଲା । ଏହି ବିଶ୍ୱପ୍ରସିଦ୍ଧ ବୌଦ୍ଧକେନ୍ଦ୍ରର ଅବସ୍ଥାନକୁ ଯାଜପୁର ଜିଲ୍ଲାର ବୌଦ୍ଧ ଅଞ୍ଚଳ ଲାଙ୍ଗୁଡ଼ି ପାହାଡ଼ଠାରେ ଚିହ୍ନଟ କରାଯାଇଛି । (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## କକ୍ରୋଚ୍‌ଙ୍କୁ ଘେରାବନ୍ଦୀ...

ଦଳର ଅନ୍ୟ ନେତା ଅଭିଜିତ ଦୀପ୍‌କେ ଓ ଆଶୁତୋଷ ରଙ୍କା ମଧ୍ୟ ବିକ୍ଷୋଭକାରୀଙ୍କୁ ରୋକିବା ପାଇଁ ପ୍ରଶାସନ ଚାପ ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି। ଦିଲ୍ଲୀ ପୁଲିସ ଅକ୍ଟୋବର ୧୦ର ବିକ୍ଷୋଭ ପାଇଁ ଅନୁମତି ଦେଇନାହିଁ। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ଜାରି କଟକଣା ଏବଂ ଅନୁମତି ଆବେଦନ ବିଳମ୍ବରେ ଦାଖଲ ହେବାକୁ ପୁଲିସ ଏହାର କାରଣ ଦର୍ଶାଇଛି। ପୁଲିସ କମିସନର ନୂପୁର ପ୍ରସାଦଙ୍କ ଅନୁଯାୟୀ, ବିକ୍ଷୋଭର ସହ-ଆବାହକ ସୌରଭ ଦାସ ବୁଧବାର ଅନୁମତି ପାଇଁ ଆବେଦନ କରିଥିଲେ। କିନ୍ତୁ ନିୟମ ଅନୁସାରେ, ଅତି କମ୍‌ରେ ୧୦ ଦିନ ପୂର୍ବରୁ ଆବେଦନ କରିବା ଆବଶ୍ୟକ।

ଅକ୍ଟୋବର ୧୦ ତାରିଖ ସକାଳ ୪ଟାରୁ ଅପରାହ୍ଣ ୨ଟା ମଧ୍ୟରେ ନୂଆଦିଲ୍ଲୀ ଓ ହଜରତ ନିଜାମୁଦ୍ଦିନ ରେଳ ଷ୍ଟେସନ୍‌ରେ ପହଞ୍ଚିବାକୁ ଥିବା କେତେକ ମେଲ୍ ଓ ଏକ୍ସପ୍ରେସ୍ ଟ୍ରେନ୍‌କୁ ଉତ୍ପତ୍ତି ଷ୍ଟେସନ୍‌ରୁ ବାତିଲ୍ କରାଯାଉଛି। ଅକ୍ଟୋବର ୯ ତାରିଖ ଅପରାହ୍ଣ ୨ଟା ପରେ ଛାଡ଼ିବାକୁ ଥିବା ଟ୍ରେନ୍‌ଗୁଡ଼ିକ ଉପରେ ଏହି କଟକଣା ଲାଗୁ ହୋଇଛି। ରେଳ ଷ୍ଟେସନ୍ ଆଖପାଖରେ ଭିଡ଼ ଓ ରାସ୍ତା ଅବରୋଧ ଆଶଙ୍କାକୁ ଏହାର କାରଣ ଭାବେ ଦର୍ଶାଯାଇଛି। ମୋଟ ଉପରେ ୩୮ଟି ଟ୍ରେନ୍ ବାତିଲ କରାଯାଇଛି। ଏହାସହ ଶୁକ୍ରବାର ରାତି ୯ଟାରୁ ଦିଲ୍ଲୀର ୫୭ଟି ମେଟ୍ରୋ ଷ୍ଟେସନ୍‌ର ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ବନ୍ଦ ରଖିବାକୁ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ପୁଲିସ ପକ୍ଷରୁ କୁହାଯାଇଛି। ଶନିବାର ମେଟ୍ରୋ ଟ୍ରେନ୍ ଚଳାଚଳର ବ୍ୟବଧାନ ବଢ଼ାଇବା ନେଇ ମଧ୍ୟ ବିଚାର କରାଯାଉଛି। କେନ୍ଦ୍ରୀୟ ଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳକୁ ବଡ଼ ଭିଡ଼ ଯିବା ରୋକିବା ଏହାର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ସୁରକ୍ଷା ବ୍ୟବସ୍ଥା ପାଇଁ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ୨୨୧ କମ୍ପାନି ଅର୍ଥାତ୍ ପ୍ରାୟ ୨୩ ହଜାର ଯବାନଙ୍କୁ ଅକ୍ଟୋବର ୮ରୁ ୧୨ ମଧ୍ୟରେ ଦିଲ୍ଲୀ ପୁଲିସକୁ ଉପଲବ୍ଧ କରାଯାଇଛି। ସମ୍ଭାବ୍ୟ ରାସ୍ତା ଅବରୋଧ ସ୍ଥାନ ଚିହ୍ନଟ କରିବା, ଅଟକ କେନ୍ଦ୍ର ପ୍ରସ୍ତୁତ ରଖିବା ଏବଂ ପରିବହନ ଓ ହୋଟେଲ୍ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରିବା ଭଳି ପଦକ୍ଷେପ ମଧ୍ୟ ନିଆଯାଇଛି। ଆପ୍ ଆଧାରିତ ଟ୍ୟାକ୍ସି ଚଳାଚଳ ଉପରେ କଟକଣା ଲଗାଇବା ଏବଂ ହୋଟେଲ୍‌ଗୁଡ଼ିକୁ ନୂଆ ବୁକିଂ ବନ୍ଦ କରିବାକୁ କୁହାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ସିଜେପି ଓ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇସା) ପକ୍ଷରୁ ଏହି ବିକ୍ଷୋଭ ଡକାଯାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ଗହନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି ଆନ୍ଦୋଳନକାରୀ। ଭୋଟର ତାଲିକାରୁ ଲୋକଙ୍କ ନାମ ବାଦ୍ ଦେବାରେ ନିର୍ବାଚନ କମିସନ ସହଯୋଗ କରୁଥିବା ମଧ୍ୟ ଆୟୋଜକମାନେ ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗଗୁଡ଼ିକ ନେଇ ରାଜନୈତିକ ବିବାଦ ଜାରି ରହିଛି। ସିଜେପିର ପ୍ରତିଷ୍ଠାତା ତଥା ଆବାହକ ଅଭିଜିତ ଦୀପ୍‌କେ ଦାବି କରିଛନ୍ତି ଯେ ବିକ୍ଷୋଭ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ହଜାର ହଜାର ଯୁବକଙ୍କୁ ଅଟକ ରଖାଯାଇଛି। ଅନୁମତି ନ ମିଳିଲେ ମଧ୍ୟ ସେ ଦିଲ୍ଲୀ ଯାଇ ଯନ୍ତରମନ୍ତର ଅଭିମୁଖେ ପଦଯାତ୍ରା କରିବେ ବୋଲି କହିଛନ୍ତି। ଅନ୍ୟ ଜଣେ ସହ-ଆବାହକ ଆଶୁତୋଷ ରଙ୍କା ପୁଲିସକର୍ମୀଙ୍କୁ ଛାତ୍ର ଓ ଯୁବ ବିକ୍ଷୋଭକାରୀଙ୍କ ବିରୋଧରେ ବଳ ପ୍ରୟୋଗ ନ କରିବାକୁ ଅନୁରୋଧ କରିଛନ୍ତି। ଆନ୍‌ଦୋଳନ ଅହିଂସା ଓ ସମ୍ବିଧାନର ମୂଲ୍ୟବୋଧ ଉପରେ ଆଧାରିତ ବୋଲି ସେ କହିଛନ୍ତି। ସିଜେପି ନେତୃତ୍ୱ ପକ୍ଷରୁ ୧୦ଟି ବଡ଼ ଅଟକ କେନ୍ଦ୍ର ପ୍ରସ୍ତୁତ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ତେବେ ପୁଲିସ କହିଛି ଯେ ଏହି କଟକଣାର ଉଦ୍ଦେଶ୍ୟ ଆଇନଶୃଙ୍ଖଳା ରକ୍ଷା କରିବା ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା। ନିଷେଧାଦେଶ ଉଲ୍ଲଂଘନ କରି ବିକ୍ଷୋଭକାରୀ ଏକାଠି ହେଲେ କିମ୍ବା ପଦଯାତ୍ରା କଲେ ପୁଲିସ ହସ୍ତକ୍ଷେପ କରିପାରେ। ସୁରକ୍ଷା ବ୍ୟବସ୍ଥାକୁ ନେଇ ବିବାଦ ତୀବ୍ର ହୋଇଥିବାବେଳେ ଶନିବାରର ବିକ୍ଷୋଭକୁ ନେଇ ଦିଲ୍ଲୀରେ ଉତ୍ତେଜନା ଜାରି ରହିଛି।

## ଦିଲ୍ଲୀ ମେଟ୍ରୋ ବନ୍ଦ ନିଷ୍ପତ୍ତିକୁ...

ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ସମ୍ଭାବ୍ୟ ଅପ୍ରୀତିକର ପରିସ୍ଥିତି ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇପାରେ। କିନ୍ତୁ ଏହା ଏପରି ହେବା ଉଚିତ ନୁହେଁ, ଯାହା ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନକୁ ଅତ୍ୟଧିକ ପ୍ରଭାବିତ କରିବ। ଯାତାୟାତ ନିୟନ୍ତ୍ରଣ କରିବା ଓ ସମ୍ପୂର୍ଣ୍ଣ ବନ୍ଦ କରିଦେବା ମଧ୍ୟରେ ପାର୍ଥକ୍ୟ ରହିଛି ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ମେଟ୍ରୋ ଚଳାଚଳ ନିୟନ୍ତ୍ରିତ ଭାବେ ଜାରି ରଖିବାକୁ କର୍ତ୍ତୃପକ୍ଷଙ୍କୁ କୁହାଯିବ। ଏଥିସହ ବିକ୍ଷୋଭ ପାଇଁ ଜନ୍ତରମନ୍ତର ବ୍ୟତୀତ ଅନ୍ୟ ସ୍ଥାନ ନିର୍ଦ୍ଧାରଣ କରିବା ଉପରେ କେନ୍ଦ୍ର ବିଚାର କରିବ ବୋଲି ସେ ଜଣାଇଛନ୍ତି। ବିକ୍ଷୋଭ କରିବାର ଅଧିକାର ଓ ଅନ୍ୟ ନାଗରିକଙ୍କ ସ୍ୱାଭାବିକ ଯାତାୟାତ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସିଜେପି ଶନିବାର ବିକ୍ଷୋଭ ଡାକରା ଦେଇଛି। ଏହାକୁ ନେଇ ଦିଲ୍ଲୀରେ ୨୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ହୋଇଛନ୍ତି। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ, ଅଭିଷେକ ମନୁ ସିଂଘଭି ଓ ବୃନ୍ଦା ଗ୍ରୋଭରଙ୍କ ସମେତ ଅନ୍ୟମାନେ ମେଟ୍ରୋ ଷ୍ଟେସନ ବନ୍ଦ, ଟ୍ରେନ୍ ବାତିଲ ଏବଂ ଯାତାୟାତ କଟକଣାକୁ ନେଇ ଆପତ୍ତି ଉଠାଇଥିଲେ। ଏହାଦ୍ୱାରା ବିକ୍ଷୋଭରେ ଯୋଗ ନ ଦେଉଥିବା ସାଧାରଣ ଲୋକ ମଧ୍ୟ ଅସୁବିଧାରେ ପଡ଼ିବେ ବୋଲି ସେମାନେ ଯୁକ୍ତି ଦର୍ଶାଇଥିଲେ। କୋର୍ଟ ପୁଲିସର ପ୍ରକୃତ ଆଦେଶ ଦାଖଲ କରିବାକୁ ଆବେଦନକାରୀଙ୍କୁ କହିଛନ୍ତି। ରାସ୍ତା ଅବରୋଧ ନ କରିବା, ବିକ୍ଷୋଭକାରୀଙ୍କ ସଂଖ୍ୟା ନିୟନ୍ତ୍ରଣ ଏବଂ ଆଇନ ଅନୁଯାୟୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସୁନିଶ୍ଚିତ କରିବା ଉପରେ ମଧ୍ୟ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି।

## 'ଭାରତୀୟ ଯୁବାଙ୍କୁ...

ଏମାନଙ୍କୁ କେହି ଅଟକାଇ ପାରିବେ ନାହିଁ। ଲୋକଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବାକୁ ଯେଉଁମାନେ ଉଦ୍ୟମ କରୁଛନ୍ତି, ସେମାନେ କେତେ ଟ୍ରେନ୍ ଅଟକାଇବେ କେତେ ଯୋଗାଯୋଗ ବ୍ୟବସ୍ଥାକୁ ବାଧା ଦେବେ କେତେ ରାସ୍ତା ବନ୍ଦ କରିବେ'। ଭାରତର ଯୁବପିଢ଼ି ବିଶ୍ୱକୁ ଦିଗ୍‌ଦର୍ଶନ ଦେବାର କ୍ଷମତା ରଖିଛନ୍ତି ବୋଲି ଚିରାଗ କହିଥିଲେ। ପିଢ଼ି ପରେ ପିଢ଼ି ଭାରତୀୟ ଯୁବକଯୁବତୀ ଏହା ପ୍ରମାଣ କରି ଆସୁଛନ୍ତି ବୋଲି ସେ ମତ ଦେଇଥିଲେ। ଏହା ପୂର୍ବରୁ ବିହାର ଲୋକସେବା ଆୟୋଗର ଶିକ୍ଷକ ନିଯୁକ୍ତି ପରୀକ୍ଷା-୪ରେ ଦୁଇଟି ପର୍ଯ୍ୟାୟର ପରୀକ୍ଷା ବ୍ୟବସ୍ଥାକୁ ବିରୋଧ କରୁଥିବା ଛାତ୍ରଛାତ୍ରୀଙ୍କ ସମର୍ଥନରେ ମଧ୍ୟ ଚିରାଗ ମତ ରଖିଥିଲେ। ପରେ ରାଜ୍ୟ ସରକାର ପୁଣି ଥରେ ଏକକ ପରୀକ୍ଷା ବ୍ୟବସ୍ଥାକୁ ଫେରିଥିଲେ। ଚିରାଗଙ୍କ ଦଳର ଜମୁଇ ସାଂସଦ ଅରୁଣ ଭାରତୀ କହିଛନ୍ତି, ତାଙ୍କ ନେତାଙ୍କ ମନ୍ତବ୍ୟ ଯୁବପିଢ଼ିର ଆକାଂକ୍ଷା ଓ ଶକ୍ତିକୁ ପୁନଃସ୍ୱୀକାର କରୁଛି। କର୍ପୋରେଟ୍ ଜଗତ ସମେତ ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ି ହାସଲ କରୁଥିବା ସଫଳତା ଏହାର ଉଦାହରଣ ବୋଲି ସେ କହିଛନ୍ତି। ଆନ୍ଦୋଳନକୁ ନିୟନ୍ତ୍ରଣ କରିବା ଏବଂ ଅରାଜକତା ରୋକିବା ପାଇଁ ଯଦି ଟ୍ରେନ୍ ଓ ଅନ୍ୟ ଯୋଗାଯୋଗ ମାଧ୍ୟମ ଉପରେ କଟକଣା ଲଗାଯାଏ, ତେବେ ସରକାରଙ୍କର ଏହା କରିବାର ଅଧିକାର ରହିଛି ବୋଲି ଅରୁଣ କହିଛନ୍ତି। କିନ୍ତୁ ପ୍ରତିବାଦକାରୀଙ୍କୁ ଯଦି ନିଜ ଅଭିଯୋଗ ଜଣାଇବା ପାଇଁ ବୈଧ ଅନୁମତି ମିଳିଛି, ତେବେ ସେମାନଙ୍କୁ ରୋକିବା ଉଚିତ ନୁହେଁ ବୋଲି ସେ ମତ ଦେଇଛନ୍ତି। ଏନ୍‌ଡିଏରେ ଚିରାଗଙ୍କ ଦଳର ଭୂମିକା ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ଅରୁଣ କହିଥିଲେ, 'ଆମେ ସବୁବେଳେ ବିଶ୍ୱାସ କରୁ ଯେ ମେଣ୍ଟରେ ସହଯୋଗୀ ଦଳମାନେ ପରସ୍ପରକୁ ସମର୍ଥନ କରନ୍ତି; କାହା ନିକଟରେ ଆତ୍ମସମର୍ପଣ କରନ୍ତି ନାହିଁ।' ସମ୍ପ୍ରତି ଚିରାଗ ଏନ୍‌ଡିଏ ସରକାରଙ୍କ କେତେକ ନିଷ୍ପତ୍ତି ଉପରେ ନିଜର ଅସହମତି ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ନିର୍ବାଚନ ଆୟୋଗକୁ ସ୍ପଷ୍ଟୀକରଣ ଦେବାକୁ ସେ ଆହ୍ୱାନ କରିଥିଲେ। ଦେଶବ୍ୟାପୀ ଜାତିଭିତ୍ତିକ ଜନଗଣନା ପ୍ରସଙ୍ଗରେ ମଧ୍ୟ ସେ ବିଜେପିର ପ୍ରାରମ୍ଭିକ ଦ୍ୱିଧାରୁ ଭିନ୍ନ ମତ ରଖିଥିଲେ। ଅବହେଳିତ ବର୍ଗଙ୍କ ପାଇଁ ଲକ୍ଷ୍ୟଭିତ୍ତିକ କଲ୍ୟାଣକାରୀ ନୀତି ପ୍ରସ୍ତୁତ କରିବାରେ ଏହା ଆବଶ୍ୟକ ବୋଲି ସେ କହିଥିଲେ। ବିହାରରେ ମହିଳାଙ୍କ ବିରୋଧରେ ହିଂସା ଘଟଣାକୁ ନେଇ ମଧ୍ୟ ଚିରାଗ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

## ରାଷ୍ଟ୍ରପତିଙ୍କୁ ଭେଟିଲା...

ରାଷ୍ଟ୍ରପତି ଭବନ ଅଭିମୁଖେ ଯାଇଥିବା ବିରୋଧୀ ସାଂସଦଙ୍କୁ ବିଜୟ ଚୌକ୍‌ଠାରେ ପୁଲିସ ଅଟକାଇଥିଲା। ଏହା ପରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମହୁଆ ମୈତ୍ର ଓ ଅନ୍ୟ ନେତାଙ୍କ ସମେତ କେତେକ ସାଂସଦ ସେଠାରେ ଧାରଣା ଦେଇଥିଲେ। 'ଗଣତନ୍ତ୍ର ବଞ୍ଚାଅ' ବ୍ୟାନର ଧରି ସେମାନେ ପ୍ରତିବାଦ କରିଥିଲେ। ପ୍ରାୟ ଏକ ଘଣ୍ଟାର ବୈଠକ ପରେ ରାହୁଲ ଗାନ୍ଧୀ କହିଛନ୍ତି, ରାଷ୍ଟ୍ରପତି ସେମାନଙ୍କ ଅଭିଯୋଗର ପ୍ରମାଣ ମାଗିବା ସହ ଏହାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ତେବେ ନିର୍ବାଚନୀ ଅନିୟମିତତା ସମ୍ପର୍କରେ ବିରୋଧୀଙ୍କ ଅଭିଯୋଗକୁ ନେଇ ନିର୍ବାଚନ କମିସନ ଏପରି ଦାବିକୁ ସମର୍ଥନ କରିନାହାନ୍ତି। ସଂସ୍ଥାର ବିଚାରବିମର୍ଶରେ ଭିନ୍ନ ମତ ସ୍ୱାଭାବିକ ଏବଂ ନିଷ୍ପତ୍ତି ଆଇନ ଅନୁଯାୟୀ ନିଆଯାଏ ବୋଲି କମିସନ କହିଛନ୍ତି। ବିରୋଧୀଙ୍କ ଅନ୍ୟାନ୍ୟ ଦାବି ମଧ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟା ସ୍ଥଗିତ ରଖିବା, ୧୩.୮ କୋଟି ଲୋକଙ୍କ ନାମ ପୁନଃ ସାମିଲ କରିବା ଏବଂ ଭୋଟପତ୍ର ମାଧ୍ୟମରେ ନିର୍ବାଚନ କରାଇବା ରହିଛି। ଏଥିସହ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ତାଙ୍କୁ ମିଳୁଥିବା ଆଜୀବନ ଆଇନଗତ ସୁରକ୍ଷା ବ୍ୟବସ୍ଥାର ପୁନର୍ବିଚାର ପାଇଁ ମଧ୍ୟ ଦାବି ହୋଇଛି।

## ନବନୀତମ୍ ପିଲ୍ଲାଇଙ୍କୁ...

ଲଢେଇ ପାଇଁ ସମର୍ପିତ କରିଥିଲେ। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ନୀତି ବିରୋଧରେ ସଂଘର୍ଷ କରୁଥିବା କର୍ମୀମାନଙ୍କ ପକ୍ଷରେ ସେ ମାମଲା ଲଢ଼ିଥିଲେ। ୧୯୬୭ ମସିହାରେ ସେ ନିଜର ଆଇନ ସଂସ୍ଥା ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ସେ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଆଇନ ଶିକ୍ଷା ଗ୍ରହଣ କରି ୧୯୮୮ରେ ଡକ୍ଟର ଅଫ୍ ଜୁରିଡିକାଲ୍ ସାଇନ୍ସ ଡିଗ୍ରି ହାସଲ କରିଥିଲେ।

୧୯୯୫ରେ ସେ ଦକ୍ଷିଣ ଆଫ୍ରିକାର ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୧୯୯୯ରେ ପିଲ୍ଲାଇ ରୁଆଣ୍ଡା ପାଇଁ ଗଠିତ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲର ବିଚାରପତି ଓ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ଏହି ସମୟରେ ଯୌନ ହିଂସା, ବଳାତ୍କାର ଏବଂ ପ୍ରଚାର ମାଧ୍ୟମରେ ହିଂସାକୁ ଉସୁକାଇବା ଭଳି କାର୍ଯ୍ୟକୁ ମାନବତା ବିରୋଧୀ ଅପରାଧ ଓ ନରସଂହାର ସମ୍ପର୍କିତ ମାମଲାରେ ବିଚାର କରିବାର ଆଇନଗତ ଭିତ୍ତି ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ସେ ମିଳିତ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ଭାବେ କାର୍ଯ୍ୟ କରିଥିଲେ। ଏହାବ୍ୟତୀତ ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ଅଧିକୃତ ପାଲେଷ୍ଟାଇନ୍ ଅଞ୍ଚଳ ସମ୍ପର୍କିତ ମିଳିତ ଜାତିସଂଘର ସ୍ୱାଧୀନ ଅନ୍ତର୍ଜାତୀୟ ତଦନ୍ତ କମିଶନର ଅଧ୍ୟକ୍ଷତା କରିଥିଲେ। ୨୦୧୯ରେ ମ୍ୟାଁମାର ବିରୋଧରେ ନରସଂହାର ଅଭିଯୋଗ ସମ୍ପର୍କିତ ମାମଲାରେ ସେ ଅନ୍ତର୍ଜାତୀୟ ନ୍ୟାୟାଳୟରେ ଅସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ପିଲ୍ଲାଇଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିବା ଘୋଷଣାକୁ ମିଳିତ ଜାତିସଂଘର ମାନବାଧିକାର କାର୍ଯ୍ୟାଳୟ ସ୍ୱାଗତ କରିଛି। ଏହାର ମୁଖପାତ୍ର ଶାବିଆ ମାଣ୍ଟୁ କହିଛନ୍ତି, ମାନବାଧିକାର ପ୍ରତି ଅଧିକ ସମର୍ପଣ ଓ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଚଳିତ ବର୍ଷର ଏହି ପୁରସ୍କାରର ମୂଲ୍ୟ ୧ କୋଟି ୨୦ ଲକ୍ଷ ସ୍ୱିଡିସ୍ କ୍ରୋନା ଅର୍ଥାତ୍ ପ୍ରାୟ ୧୨ ଲକ୍ଷ ଆମେରିକୀୟ ଡଲାର। ଆସନ୍ତା ଡିସେମ୍ବର ୧୦ ତାରିଖରେ ନରୱେର ଓସ୍‌ଲୋଠାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସ୍ୱିଡେନର ଶିଳ୍ପପତି ଆଲଫ୍ରେଡ୍ ନୋବେଲଙ୍କ ମୃତ୍ୟୁବାର୍ଷିକୀରେ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଏ।

## ସରକାର ଅପାରଗ...

ସଚେତନ କରିବାକୁ ସେ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ପଦଯାତ୍ରା ପ୍ରାରମ୍ଭରେ ଶ୍ରୀ ପଟ୍ଟନାୟକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଲୋକ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ଏହି ସମାବେଶରେ ସ୍ଥାନୀୟ କର୍ପୋରେଟର ମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦ ହଜାରରୁ ଅଧିକ ଜନ ସମାବେଶ ହୋଇଥିଲା।

## ଛାପା ମାରିଲା...

ପରେ ଇଡି ଏହି ପଦକ୍ଷେପ ଗ୍ରହଣ କରିଛି। ଏହି ଘଟଣାରେ ପ୍ରଥମେ ବ୍ରହ୍ମପୁର ଜିଲା ପୁଲିସ ଓ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିଲା। ଏବେ ସିବିଆଇ ମାମଲାର ତଦନ୍ତ କରୁଛି। ଏହି ଜାଲିଆତି ଘଟଣାରେ ସିବିଆଇ ଗିରଫ ସଂଖ୍ୟା ୧୮ ହୋଇଥିବା ବେଳେ ମୋଟ ଗିରଫ ସଂଖ୍ୟା ୧୪୧ରେ ପହଞ୍ଚିଛି। ଗତବର୍ଷ ଡିସେମ୍ବର ଶେଷ ସପ୍ତାହରେ ୧୬ ଜଣଙ୍କ ବିରୋଧରେ ସିବିଆଇ ପ୍ରାଥମିକ ଚାର୍ଜଶିଟ୍ ଦାଖଲ କରିଥିଲା।

ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ଏସଆଇ ପରୀକ୍ଷାକୁ ଆଇଟିଆଇକୁ ଦିଆଯାଇଥିଲା। ଆଇଟିଆଇ ଏହାକୁ ସୁରେଶଙ୍କ ସଂସ୍ଥା ସିଲିକନ୍ ଟେକ୍‌ଲାବ୍ ପ୍ରାଇଭେଟ ଲିମିଟେଡକୁ ସବ୍‌କଣ୍ଟ୍ରାକ୍ଟ ଦେଇଥିଲା। ସିଲିକନ୍ ଏହି କାମକୁ ଶଙ୍କରଙ୍କ ମାଲିକାନାରେ ଥିବା ପଞ୍ଚସଫ୍ଟକୁ ଦେଇଥିଲା। ତେବେ ଓପିଆର୍‌ବିର କିଛି ଅଧିକାରୀଙ୍କ ସହ ମିଶି ଶଙ୍କର ଜାଲିଆତି ଯୋଜନା କରିଥିଲେ। ଶଙ୍କରଙ୍କ ନିର୍ଦ୍ଦେଶରେ ଦଲାଲ ମୁନା ଭୁବନେଶ୍ୱରର ଏକ ଟ୍ରାଭେଲ୍ ଏଜେନ୍ସିରୁ ୩ଟି ବସ୍ ଠିକ୍ କରିଥିଲେ। ସେଥିପାଇଁ ମୁନା ୨.୩୦ଲକ୍ଷ ଟଙ୍କା ମଧ୍ୟ ନିଜ ମାଆଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଦେଇଥିଲେ। ଏହି ଆପରାଧିକ କାର୍ଯ୍ୟରେ ସେ ନିଜ ଭଉଣୀ ତଥା ସହ-ଅଭିଯୁକ୍ତ ପ୍ରିୟଦର୍ଶିନୀ ସାମଲଙ୍କୁ ମଧ୍ୟ ସାମିଲ କରିଥିଲେ। ଗତବର୍ଷ ଅକ୍ଟୋବର ୫ ଓ ୬ରେ ଏସଆଇ ପରୀକ୍ଷା ହେବାର ଥିଲା। ସେପ୍ଟେମ୍ବର ୨୯ ରାତିରେ ବିଶ୍ୱସ୍ତ ସୂଚନା ଆଧାରରେ ବ୍ରହ୍ମପୁର ପୁଲିସ ଆନ୍ଧ୍ରପ୍ରଦେଶ ସୀମାରେ ୩ଟି ଏସି ସ୍ଲିପର ବସ୍‌କୁ ପିଛା କରିଥିଲା। ଶ୍ରୀକାକୁଲମ୍‌ରେ ୩ ପୁଲିସ ଟିମ୍ ପହଞ୍ଚି ୧୧୭ ଜଣଙ୍କୁ ଉଠାଇ ଆଣିଥିଲା। ୧୧୭ଜଣଙ୍କ ମଧ୍ୟରୁ ୧୧୪ ଜଣ ଏସଆଇ ପରୀକ୍ଷା ପାଇଁ ଆବେଦନ କରିଥିଲେ। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଟ୍ରେନିଂ ପାଇଁ ସେମାନେ ଭୁବନେଶ୍ୱରରୁ ବସ୍‌ରେ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଯାଉଥିଲେ। ଏନେଇ ଗୋଳନ୍ଥରା ଥାନାରେ ମାମଲା ରୁଜୁ କରାଯାଇ ୩ ଦଲାଲ ଓ ୧୧୪ ଜଣ ଚାକିରି ଆଶାୟୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହାପରେ ତଦନ୍ତକାରୀ ସଂସ୍ଥା ବଦଳିବା ସହ ଗିରଫଦାରୀ ସଂଖ୍ୟା ମଧ୍ୟ ବଢ଼ିବାକୁ ଲାଗିଥିଲା।

## ନାମାଙ୍କନ ବେଳେ...

ଅଶାନ୍ତ ହୋଇଛି। ନୟାଗଡ଼, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଜିଲ୍ଲାରେ ଛାତ୍ରଛାତ୍ରୀମାନେ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ଗଞ୍ଜାମରେ ନିର୍ବାଚନ ବଦଳରେ ମନୋନୟନ ପ୍ରକ୍ରିୟାକୁ ବିରୋଧ କରି ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ଟିଟିଲାଗଡ଼ରେ ଛାତ୍ରଛାତ୍ରୀମାନେ ଜିଲ୍ଲା ଘୋଷଣା ଦାବିରେ ନିର୍ବାଚନ ବର୍ଜନ କରିବାକୁ ଧମକ ଦେଇଛନ୍ତି।

ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ନିର୍ବାଚନ ପୂର୍ବରୁ ବୋମା ବିସ୍ଫୋରଣ ଘଟିବା ପରେ ଆତଙ୍କ ଖେଳିଯାଇଛି। ଅଜଣା ଦୁର୍ବୃତ୍ତମାନେ ଅଧ୍ୟକ୍ଷଙ୍କ ସରକାରୀ ବାସଭବନ ଓ ଛାତ୍ରାବାସ ନିକଟରେ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ କଲେଜ କର୍ତ୍ତୃପକ୍ଷ ନିର୍ବାଚନ ସ୍ଥଗିତ ରଖିବା ସହ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ କଲେଜ ବନ୍ଦ ଘୋଷଣା କରିଛନ୍ତି। ଛାତ୍ରାବାସର ଅନ୍ତେବାସୀଙ୍କୁ ମଧ୍ୟ ହଷ୍ଟେଲ ଛାଡ଼ିବାକୁ କୁହାଯାଇଛି। ଏହି ଘଟଣାର ତଦନ୍ତ କରୁଛି ପୁଲିସ। ଜିଲ୍ଲାର ଅନ୍ୟ ଏକ ମହାବିଦ୍ୟାଳୟରେ ମଧ୍ୟ ନିର୍ବାଚନ ବାତିଲ୍ କରାଯାଇଛି। ପରାଜୟ ଆଶଙ୍କାଥିବାରୁ ଜାଣିଶୁଣି ଅଶାନ୍ତ ପରିବେଶ ସୃଷ୍ଟି କରାଯାଇ ନିର୍ବାଚନ ବାତିଲ କରାଯାଇଥିବା ଅଭିଯୋଗ ହୋଇଛି।

ଭଦ୍ରକ ମହିଳା ମହାବିଦ୍ୟାଳୟ ଓ ଭଣ୍ଡାରିପୋଖରୀର ନାମୀ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ବାତିଲ୍ କରାଯାଇଛି। ସୁରକ୍ଷାଗତ କାରଣ ଓ କ୍ୟାମ୍ପସର ପରିସ୍ଥିତିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଥିବାବେଳେ ଭଦ୍ରକ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଏହାକୁ ବିରୋଧ କରି ପ୍ରତିବାଦ କରିଛନ୍ତି। ଉତ୍ତେଜନା ଏଡ଼ାଇବାକୁ କଲେଜ ନିକଟରେ ପୁଲିସ ମୁତୟନ କରାଯାଇଛି। ନୟାଗଡ଼ କଲେଜରେ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଛାତ୍ରମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକର କୋଙ୍କରୋଡ଼ା ବିଜ୍ଞାନ ମହାବିଦ୍ୟାଳୟରେ ନିର୍ବାଚନ ବଦଳରେ ମନୋନୟନ ବ୍ୟବସ୍ଥାକୁ ଛାତ୍ରଛାତ୍ରୀମାନେ ବିରୋଧ କରିଛନ୍ତି। ଏହାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ସୃଷ୍ଟି ହୋଇଛି। ଖୋର୍ଦ୍ଧା ଜିଲ୍ଲା ବାଣପୁରରେ ଶାସକ ଦଳ ସମର୍ଥିତ ଛାତ୍ରଙ୍କୁ ସଭାପତି ରୂପେ ମନୋନୟନକୁ ନେଇ ମଧ୍ୟ ବିରୋଧ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ତୁଳସୀ ମହାବିଦ୍ୟାଳୟରେ ନିର୍ବାଚନ ବାତିଲ କରିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଅନ୍ୟପଟେ ଟିଟିଲାଗଡ଼କୁ ଜିଲ୍ଲା ଘୋଷଣା ପାଇଁ ସେଠାରେ ଛାତ୍ରଗୋଷ୍ଠୀ ଦାବି କରିଛନ୍ତି। ଅନ୍ୟଥା ନିର୍ବାଚନ କରାଇ ଦିଆଯିବ ନାହିଁ ବୋଲି ଅଡ଼ି ବସିଛନ୍ତି।

ଶାସକ ଦଳର ନେତାମାନଙ୍କ ପାଇଁ ଛାତ୍ରସଂସଦ ନିର୍ବାଚନରେ ନିଜ ପ୍ରାର୍ଥୀଙ୍କ ବିଜୟ ସମ୍ମାନର ପ୍ରଶ୍ନ ପାଲଟିଛି। ଦେଶ ପରି ଓଡ଼ିଶାରେ ବି ଜେନ୍-ଜେଡ୍ ମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ସରକାରଙ୍କ ଉପରେ କ୍ଷୁବ୍ଧ। ଶିକ୍ଷା, ଚାକିରି, ସଂରକ୍ଷଣ ଆଦି ପ୍ରସଙ୍ଗରେ କ୍ରୋଧିତ ଛାତ୍ରଗୋଷ୍ଠୀଙ୍କୁ ହାତଛଡ଼ା ନ କରିବା ପାଇଁ ଶାସକ ଦଳ ପୁରା ଦମ୍ ଲଗାଇ ଦେଇଛି। ନିଜ ଅଞ୍ଚଳରେ ଥିବା ସବୁ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଦଳ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ନିମନ୍ତେ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ହିଁ ଦଳୀୟ ନେତାମାନଙ୍କ ପାଇଁ ଶିରପୀଡ଼ା ପାଲଟିଛି। ଏହାମଧ୍ୟରେ ଆଜି ବିଭିନ୍ନ କଲେଜରେ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିଛନ୍ତି। ଆସନ୍ତାକାଲି ନାମାଙ୍କନ ପ୍ରତ୍ୟାହାର ପାଇଁ ସମୟ ରହିଛି ଓ ଛାତ୍ରସଂସଦ ନିର୍ବାଚନ ୧୫ ତାରିଖରେ ହେବ।


**AFFIDAVIT**

By virtue of an affidavit sworn before Executive Magistrate Bhubaneswar CFM. 55, on Dated 07/10/2026, I, **Mr. AYUS KUMAR SAHU**, S/o Bipra Charan Sahoo resident of Vill. AT- Pradhan Sahi (Pratap Sasan), PO- Balakati, PS- Balianta, DIST- Khordha, PIN- 752100, Odisha, declare that I have changed my name from **AYUSH SAHOO (Old Name)** to **Mr. AYUS KUMAR SAHU (New Name)**. Henceforth, I shall be known as **Mr. AYUS KUMAR SAHU** for all purposes.

Sd/- **Mr. AYUS KUMAR SAHU**

**AFFIDAVIT**

By virtue of an affidavit sworn before The EXECUTIVE MAGISTRATE, G.UDAYAGIRI, DIST: KANDHAMALA (ODISHA), dated: 22/09/2026, I, Mukunda Pradhan, resident of Village: Kalinga (Ganjuguda), P.O.: Kalinga, P.S..: G.Udayagiri, Dist: Kandhamala, State: Odisha, PIN: 762022, declare that I have changed the name of my son from Soham Pradhan to Sonaj Pradhan. Henceforth, he shall be known as **Sonaj Pradhan** for all purposes.

**AFFIDAVIT**

I, Ashma Firdosh, aged about 45 years, W/o- SK Anjarul Haque, resident of At-Jamadhar,Po-Rekabibazar, PS- Jajpur Sadar, Dist- Jajpur, Odisha declared by this affidavit No. 12355, dtd-21/09/2026 that now onwards I shall be known as **ASMA FIRDOSH AKHTAR** for all future purposes.

**NOTICE(FOR MINOR)**

By virtue of an affidavit sworn before the Executive Magistrate, Mahanga, Katak dtd 05/10/2026. I, Kabita Satapathy, At- Chahapada Po/Ps- Mahanga, Dist.- Katak, Pin-754206 declare that I have changed the name of my minor son from Ritesh Kumar Panda (old name) to Ritesh Kumar Satapathy (New name). Henceforth he shall be known as **Ritesh Kumar Satapathy** for all purpose.

**Kabita Satapathy**

**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIVBBS2026030 ତା.25.08.2026 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.27.10.2026 ରିଖ 1200 ଘଟିକାରେ | ତା.**17.11.2026**ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-221/CJ/26-27

**AFFIDAVIT**

By virtue of an affidavit no 4470, sworn before the Executive Magistrate Kamakhyanagar on dtd 29/09/2026. I Debashis Sahu, aged-20years, S/o-Prahallad Sahu, permanent resident of Vill/P.o/P.s- Mahabirod, Dist- Dhenkanal, Odisha declared that I have changed my name from DEBASISH SAHU(Old Name) to DEBASHIS SAHU(New Name), Henceforth I shall be known as **DEBASHIS SAHU** for all future purposes.

**Debashis Sahu**

**NOTICE**

We, 1. **Nabin Kumar Sahu,** aged about 48 years, 2. **Mahendra Kumar Sahu**, aged 42 years, both sons of Puran Sahu, R/O /P.O. Mithapali, P.S./Tahasil: Paikmal, Dist: Bargarh, Odisha declare that we are recorded tenant of Khata No. 119/282, bearing Plot No.1138 - Ac.0.75dc. Gharbari of Mouza Mithapali It's original previous link Original Registered Sale Deed No. 316 dated- 11.4.1997 in respect of land of Plot No.1138 - Ac.0.75dc. - Kisam Ma.Pa.2 previously of Khata No. 119/104, Plot No.1138 of Mouza Mithapali executed by Jasoda Sahu wife of late Krushna Chandra Sahu in favour of Amar Prasad Sahu son of Maheshram Sahu has been misplaced / lost somewhere and inspite of our strenuous search we could not find it out above noted Original Registered Sale Deed No. 316, dated- 11.4.1997. We have not used the aforesaid original document anywhere such as Bank, F.I., individual , Govt. or institution for security or for any other purpose. Now we along with Tikeswari Sahu have offered the said property as security for a loan to be availed from State Bank of India, Paikmak by mortgaging the property. If anybody has any objection may kindly draw notice before abovementioned Bank within 7 days of publication of this notice. Later on no objection or claim will be acceptable in any circumstances.

**AFFIDAVIT**

By virtue of an affidavit no 0224 sworn before the Executive Magistrate Patna, Keonjhar on dtd 07/10/2026. I Menka Rani Mohanta, daughter of Lalmohan Mohanta and W/o- Purna Chandra Mohanta, permanent resident of Vill - Kundala, P.o-Mirigikhoji, P.s-Patna, Dist- Keonjhar, Pin-758081, declared that I have changed my name from MENAKA MAHANTA (Old Name) to MENKA RANI MOHANTA (New Name) Henceforth she shall be known as MENKA RANI MOHANTA for all future purposes.

**MENKA RANI MOHANTA**

**GOVT. OF ODISHA** 25001/1300/2627

**OFFICE OF THE SUPERINTENDING ENGINEER RURAL WORKS DIVISION-II, NAYAGADA**

E-mail: Nayagadarw2@yahoo.in

**e-Procurement Notice**

1. Name of the work : Road works.
2. Total No. of Projects : 14 Nos of projects
3. Class of contractor :
   a) Estimated cost above Rs. 20.00 Lakhs & up to Rs. 3.00 Crore : **B Class** ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : **C Class** ( of Odisha PWD) or relevant class of other licensing authorities.
   c) Estimated cost up to Rs. 20.00 Lakhs : **D Class** ( of Odisha PWD) or relevant class of other licensing authorities.
4. Estimated cost put to tender : Rs. 7.63 Lakhs & Rs. 33.90 lakhs
5. Time for completion : Sl. No. 1, 3, 4, 5, 7 & 11 to 14 : 02 (Two) calendar month. Sl. No. 2, 6 & 8 to 10 : 03 (Three) calendar month.
6. Other details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender | Date & Time of Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II, Nayagada | Tender – Online – Divn.-II NAYAGADA – 08/2026-27 | 12.10.2026 at 10.00 A.M. | 26.10.2026 upto 5.00 P.M. | Dt. 26.10.2026 upto 5.00 P.M. | 27.10.2026 at 11.00 A.M. |

Further details can be seen from the website www.tendersorissa.gov.in.

Sd/- Superintending Engineer R.W. Division-II, Nayagada

OIPR-25001/25144/1/26-27/0011

**GOVERNMENT OF ODISHA, DEPARTMENT OF WATER RESOURCES OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION** 32001/1013/2627

Ph. No. 06724-220038, E-mail – eejspurirr@gmail.com

**"e" Procurement Notice No.JID-09 of 2026-27**

1 Total number of Works : 21 (twenty-one) Nos.
2 Tender Amount : Varies from Rs.34.00 Lakh to Rs.84.67 Lakh (Approx.)
3 Class of Contractor : "C" & "B" Class
4 Cost of tender paper (Non-refundable) : Mentioned as per DTCN
5 Cost of EMD required : Mentioned as per DTCN
6 Period of completion : 06 (Six) Calendar Months
7 Availability of Tender (Online) : From 14.10.2026 at 10.00 Hours to 28.10.2026 at 17.30 Hours
8 Date of opening of the Bid 29.10.2026 at 11.00 Hours

Further details can be seen from the Govt. web site "**https://tendersodisha.gov.in**"
All corrigendum / cancellation of tender if any, will only be uploaded in the above web site

Sd/- Superintending Engineer, Jagatsinghpur Irrigation Division, Jagatsinghpur

OIPR-32001/32050/1/26-27/0005

**ODISHA HYDRO POWER CORPORATION LTD**

*(A Gold Rated State PSU)*

O/O Sr. GENERAL MANAGER, Rengali Hydro Electric Project, Rengali
P.O: RENGALI DAM SITE, DIST: ANGUL (ODISHA) INDIA, PIN: 759105
TEL: 06760-277214, FAX: 06760 – 277324, Email: sgmel500@gmail.com
CIN: U40101OR1995SGC003963

4001/359/2627

No. OHPC/RHEP/TW/PUR-III/10/6710 Dated, 07.10.2026.

**TENDER CALL NOTICE NO. RHEP- 16/26-27**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the manufacturers / authorized dealers / Reputed suppliers for supply of the following materials as mentioned below:

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD /BC only (Refundable) in Rs. | Period of availability of tender at OHPC website. (Sale) | Last date & Time of receipt of Tender. | Date & Time of opening of Techno Commercial bid. |
|---|---|---|---|---|---|---|
| 1. | Supply of Silica Gel (size 8mm-12 mm) for GT, UAT, SST and Bus-Duct Breathers of RPH, Rengali | Rs. 2360.00 (Including GST@18%) | 3000.00 | From Dt. 09.10.2026 to 01:00 P.M of Dt. 22.10.2026 | Dt. 22.10.2026 (Upto 01:30 PM) | Dt. 22.10.2026 at 04:30 PM |

For details of the tender documents, terms & conditions please visit our website www.ohpcltd.com.

(If the Submission and opening date of Tender paper happens to be a holiday, the next working day. will be the corresponding effective date.)

C & P Head RHEP, Rengali.

OIPR-4001/4022/1/26-27/0016

**Government of Odisha "e" procurement Notice** 34001/984/2627

**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**

**Bid Identification No. S.E (R&B) KPT- 12/ 2026-27**

1. Name of the work: Building works
2. Total No. of works: 03 Nos.
3. Estimated cost: Rs. 14.18 to 20.64 Lakhs
4. Period of completion: 03 (Three) Months
5. Date & Time of availability of bid document in the portal: From 13.010.2026 at 11.00 hours to 23.10.2026 upto 17.00 hours
6. Last date/ Time for receipt of bids in the portal: 23.10.2026 upto 17.00 hours
7. Date of opening of Tender: 26.10.2026 at 12.00 hours
8. Name and address of the Officer Inviting Bid: Superintending Engineer, Koraput (R&B) Division

**Further details can be seen from the e-procurement portal https://tendersorissa.gov.in**

**Superintending Engineer Koraput (R&B) Division**

OIPR-34001/34096/1/26-27/0011

**GOVERNMENT OF ODISHA** 34001/983/2627

**E-procurement notice**

OFFICE OF THE SUPERINTENDING ENGINEER: SONEPUR (R&B;) DIVISION, SONEPUR
E-mail - eepwdsnpr@gmail.com Phone - 06654-221081
**BID IDENTIFICATION No. SE/R&B;/SNPR/06/2026-27**
No. **3154** Dt. **05.10.2026**

**1.** The Superintending Engineer, Sonepur (R&B;) Division, Sonepur on behalf of Governor of Odisha, invites **Percentage Rate bids in Single cover system in Online Mode** for Road/Building & Electrical works detailed in the DTCN from the eligible Class of Contractors.
**2.** No. of work : **02 (Two)**
**3.** Tender Cost : **Rs.6,000/- for Serial No.1 and 2**
**4.** Class of Contractor : **"D" & "C" Class Contractor for Serial No.1 "OEM/Specialized agency/ Registered firm for Lift related work having MOU with associate electrical contractor (MV/HT or above) having valid license from ELBO" for Serial No.2**
**5.** Date and time Available in Web site & receipt of Bids: **From 10.00 A.M. of 12.10.2026 to 5.00 P.M. of 22.10.2026**
**6.** Date of Opening of Tender: **23.10.2026 at 11.00 A.M.**
**7.** The Bidders have to participate in Online bidding only further details can be seen from the Web Site.
**8.** Any Corrigendum / Addendum will be displayed in the website **www.tendersodisha.gov.in** only.

**Superintending Engineer** Sonepur (R&B;) Division, Sonepur

OIPR-34001/34081/1/26-27/0006

ସକାଳ THE SAKALA



## ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ ପର୍ବ ଓ ଦୁର୍ଗା ପୂଜା

# ପ୍ରଶାସନର ପ୍ରସ୍ତୁତି ଓ ଶାନ୍ତି କମିଟି ବୈଠକ

ଧାମନଗର, ୯ ।୧୦(ସମିସ)





ପୀରବାବା ହଜରତ ମୁଜାହିଦ-ଏ-ମିଲ୍ଲତଙ୍କ ୪୭ତମ ଉର୍ସ ଉତ୍ସବ ଚଳିତ ମାସ ୧୭, ୧୮ ଦୁଇ ଦିନ ଧରି ଉର୍ସ ପର୍ବ ଏବଂ ଦୁର୍ଗାପୂଜା କିପରି ଶାନ୍ତିଶୃଙ୍ଖଳାରେ ପାଳନ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଓ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜି ଧାମନଗର ବ୍ଲକ ସଭାଗୃହରେ ଶାନ୍ତି କମିଟି ଆବାହକ ତଥା ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଭ୍ୟମାନଙ୍କୁ ସ୍ୱାଗତ କରିବା ସହ ସାମୂହିକ ସୂଚନା ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଏନଏସି ଅଧ୍ୟକ୍ଷା ନିବେଦିତା ଜେନା, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, ଏସଡିପିଓ କୃଷ୍ଣ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶ, ଏନଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦେବବ୍ରତ ମହାପାତ୍ର, ବିଦ୍ୟୁତ ବିଭାଗର(ଏସଡିଓ) ସୀତାଂଶୁଶେଖର ଶତପଥୀ, କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦି, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ, ଆରଡି ଏସଡିଓ କୃତିବାସ ମହାପାତ୍ର, ସହକାରୀ ଯନ୍ତ୍ରୀ ରୁପ୍ କୁମାର ମଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ, ପିଏଚ୍‌ଡି ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଯାତାୟାତର ସୁବ୍ୟବସ୍ଥା ପାଇଁ ଜାତୀୟ ରାଜପଥ ବାରିକପୁରଠାରୁ-ଧାମନଗର କଲେଜ, ପଲିକିରୀ ଛକଠାରୁ ଭାୟା କେନାଲ ବାଟଦେଇ ଦକ୍ଷିଣବାଡ ପୋଲ ପର୍ଯ୍ୟନ୍ତ ବାଇପାସ୍ ରାସ୍ତାର ମରାମତି, ଗାଡ଼ି ପାର୍କିଂ ବ୍ୟବସ୍ଥା, ସହରରେ ଅନ୍ଧାର ସ୍ଥାନରେ ଆଲୋକିକରଣ, ଅସ୍ଥାୟୀ ଶୌଚାଳୟ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ପାନୀୟ ଜଳଯୋଗାଣ ପରିମଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟା ଆଦି ବିଭିନ୍ନ ପ୍ରସ୍ତାବର ଅଗ୍ରଗତି ଏବଂ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କମିଟି ପକ୍ଷରୁ ଦାବି କରିଥିଲେ । ସୂଚନା ଥାଉକି, ଉର୍ସର ଦ୍ୱିତୀୟ ଦିନ ୧୮ ତାରିଖ ଅପରାହ୍ନ ୪ଟାରୁ ୫ଟା ୧୫ଟା ପର୍ଯ୍ୟନ୍ତ ସମୂହ ପ୍ରାର୍ଥନା (କୁଲ ସରିଫ) ସମୟରେ ଚାଦର ଶୋଭାଯାତ୍ରା ସହ ମଜାର ସରିଫର ସମସ୍ତ ଫାଟକ ବନ୍ଧ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି, ଏମଡି ଫଜଲେ ବାରି ହବିବି, ଏମଡି ଇସ୍ରାଇଲ ହବିବି, ମହେଶ୍ୱର ସ୍ୱାଇଁ, ଲମ୍ବୋଦର ଜେନା, କୃଷ୍ଣଚନ୍ଦ୍ର ଜେନା, ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ, ସେକ ଗୋଲାମ ଅଲ୍ଲୀ, ଅବଦୂର ରହେମାନ ହବିବି, ସୁଶାନ୍ତ କୁମାର ରାଉତ, ପ୍ରତାପ ସାମଲ, ସେକ ରୋସ୍ତମ, ଏମଡି ମଞ୍ଜୁରୁଲ ହକ, ଏମଡି ହବିବୁର ରହେମାନ, ଏମଡି ଫକିରୁଦ୍ଦିନ, ସେକ ଅସଲମ, ସେକ ମୁସ୍ତାକ, ଜ୍ଞାନରଞ୍ଜନ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ । ତହସିଲଦାରଙ୍କ ପ୍ରସ୍ତାବକ୍ରମେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ ଓ ତାଙ୍କ ପତ୍ନୀଙ୍କ ପାଇଁ ପବିତ୍ର ଗୃହରେ ଉଭୟଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି ।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ସାଇନ୍-ଏ-ଡାଏ



ଭଦ୍ରକ, ୯ ।୧୦(ସମିସ): ଛାତ୍ର ସଂସଦ ନିର୍ବାଚନ ବାତିଲକୁ ନେଇ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଓ ଆନ୍ଦୋଳନ ଜାରି ରହିଥିବାରୁ ଭଦ୍ରକ ମହିଳା ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ (ସାଇନ ଏ ଡାଏ) ଘୋଷଣା କରାଯାଇଛି ।

ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୯ ତାରିଖରେ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ଅକ୍ଟୋବର ୮ ତାରିଖରେ ଛାତ୍ର ସଂସଦ ନିର୍ବାଚନ ବାତିଲ ହେବା ପରେ କଲେଜ ପରିସରରେ ବିଭିନ୍ନ ଛାତ୍ରଗୋଷ୍ଠୀଙ୍କ ଆନ୍ଦୋଳନ ଯୋଗୁଁ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ପରିବେଶ ବ୍ୟାହତ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୦ ତାରିଖଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଲେଜ ବନ୍ଦ ରଖିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି । ଏହି ସମୟରେ ପାଠପଢ଼ା, ଶ୍ରେଣୀକାର୍ଯ୍ୟ ଓ ଅତ୍ୟାବଶ୍ୟକ ସେବା ବ୍ୟତୀତ ଅନ୍ୟ ସମସ୍ତ ପ୍ରଶାସନିକ କାର୍ଯ୍ୟ ବନ୍ଦ ରହିବ । ଛାତ୍ରୀମାନଙ୍କୁ ଶାନ୍ତି ବଜାୟ ରଖିବା ସହ କଲେଜର ଅଫିସିଆଲ୍ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ନୋଟିସ୍ ବୋର୍ଡ ମାଧ୍ୟମରେ ପୁନଃ ଖୋଲିବା ସମ୍ପର୍କିତ ସୂଚନା ଜାଣିବାକୁ ପରାମର୍ଶ ଦିଆଯାଇଛି । ପରବର୍ତ୍ତୀ ନିର୍ଦ୍ଦେଶ ଜାରି ହେବା ପର୍ଯ୍ୟନ୍ତ ଏହି ବନ୍ଦ ନିଷ୍ପତ୍ତି ବଳବତର ରହିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ବାଲି ଟ୍ରକ୍ ଚଳାଚଳକୁ ନେଇ ଜନଅସନ୍ତୋଷ

ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ଥାନାଞ୍ଚଳରେ ବେଆଇନ ବାଲି ଗାଡି ଚଳାଚଳକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି । କେତେବେଳେ ଯେ କେଉଁଠି କିଛି ଦୁର୍ଘଟଣା ନ ଘଟିବ କହି ହେଉନାହିଁ । ସ୍ଥାନୀୟ ବୈତରଣୀ ନଦୀରୁ ଚୋରାରେ ଅହରହ ବାଲି ଚାଲାଣ ଏକ ନିତିଦିନିଆ ଘଟଣା ହୋଇଛି । ଏହାଛଡା ବୈତରଣୀ ଶାଖା ବୁଢା ନଦୀରୁ ମଧ୍ୟ ଅହରହ ବେଆଇନ ବାଲି ଚାଲାଣ ହେଉଛି । ନଦୀର କମଳପୁର ଘାଟର ବଡବଡ ଟ୍ରକରେ ବାଲି ପରିବହନ ହେଉଛି । ଟ୍ରକଗୁଡ଼ିକ ବାଲି ବୋଝେଇ କରି ଛତାବର ବଳୀଘାଇ ଓ ପାଳଦା ମଣୀନାଥପୁର ପୂର୍ତ୍ତ ରାସ୍ତା ଅତିକ୍ରମ କରି ବିଭିନ୍ନ ସ୍ଥାନକୁ ଯାଉଛି । ବିଶେଷ କରି ରାତି ୧୨ଟାଠାରୁ ସକାଳ ୯ଟା ଯାଏଁ ଏହି ଗ୍ରାମ୍ୟ ରାସ୍ତା ଦେଇ ବାଲି ପରିବହନ ହେଉଛି । ସକାଳୁ ସକାଳୁ ଗାଁ ବଜାରଗୁଡ଼ିକରେ ଜନଗହଳି ରହୁଥିବା ବେଳେ ବାଲି ବୋଝେଇ ଟ୍ରକ ବଜାର ଅତିକ୍ରମ କରୁଥିବା ଦେଖିବାକୁ ମିଳିଛି । ଛାତ୍ର ଛାତ୍ରୀ ମାନେ ସକାଳୁଆ ଟିଉସନ ଯାଉଛନ୍ତି । ଏପରିସ୍ଥଳେ ଅତି ବେପରୁଆ ଭାବେ ଗାଡି ଚଳାଚଳ ହେଉଛି । ଯାହାକୁ ନେଇ ମାଳଦା, ରାଢୋ, ପଟାପୋଲ, ମଞ୍ଜୁରୀ, ସରସଦା, ମଣୀନାଥପୁର ପ୍ରମୁଖ ଗ୍ରାମ୍ୟ ବଜାର ବ୍ୟବସାୟୀ ଓ ଜନସାଧାରଣମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏପରିକି କେତେକ ସ୍ଥାନରେ ବେଆଇନ ଅବାଧ ବାଲି ଗାଡ଼ିଗୁଡ଼ିକୁ ତୀବ୍ର ବିରୋଧ କରାଯାଇଛି । ଏହାଉପରେ ପ୍ରଶାସନ ଦୃଷ୍ଟି ନଦେଲେ ଜନଅସନ୍ତୋଷ ଭବିଷ୍ୟତରେ ଗଣଆନ୍ଦୋଳନରେ ପରିଣତ ହେବ ଏଥିରେ ସନ୍ଦେହ ନାହିଁ ।

## ଖୋଲା ନାଳରୁ ଅଚିହ୍ନା ଶବ ଉଦ୍ଧାର

ବାରିକପୁର, ୯।୧୦(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ବାହାଣିଆ ଓ ଶାସନ ମଧ୍ୟସ୍ଥଳ ଖୋଲା ନାଳରୁ ଏକ ଅଚିହ୍ନା ଶବ ଉଦ୍ଧାର ହୋଇଛି । ଆଜି ସକାଳୁ ନାଳରେ ଏକ ଶବ ଭାସୁଥିବା ସ୍ଥାନୀୟ ଲୋକମାନେ ଦେଖିଥିଲେ । ଏନେଇ ଦମକଳ ଓ ପୁଲିସ ବାହିନୀକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀକର୍ମଚାରୀମାନେ ନାଳରୁ ଶବଟିକୁ ଉଦ୍ଧାର କରିଥିଲେ । ଏହାପରେ ପୁଲିସ ଶବ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଶବଟି ପଚି ସଢ଼ି ଯାଇଥିବା ବେଳେ ଗତ ବନ୍ୟା ସମୟରେ ଏହା କେଉଁଠୁ ଭାସି ଆସିଥିବା ଅନୁମାନ କରାଯାଉଛି । ଶବଟି ପଚି ସଢ଼ି ଯାଇଥିବା ବେଳେ ଗତ ବନ୍ୟା ସମୟରେ ଏହା କେଉଁଠୁ ଭାସି ଆସିଥିବା ଅନୁମାନ କରାଯାଉଛି ।

## ଗୋଟିଏ ରାତିରେ ୬ ଚୋରି

ବାରିକପୁର, ୯ ।୧୦(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ବାଲି ପୋଖରୀ ପଞ୍ଚାୟତ କୋରକରା ଗ୍ରାମରୁ ଚୋରି ହୋଇଛି । ଗତ ଗୁରୁବାର ରାତିରେ ଗ୍ରାମର ୬ଟି ସ୍ଥାନରୁ ଚୋରମାନେ ଲୁଟ କରିଛନ୍ତି । ଗାଁ ଛକରେ ଥିବା ନବ ଜେନା ଓ ସଞ୍ଜୟ ସାହୁଙ୍କ ଦୋକାନରୁ ବିଭିନ୍ନ ସାମଗ୍ରୀ ଏବଂ ଟଙ୍କା ଚୋରି ହୋଇଛି । ସେହିଭଳି ଗାଁ ଭିତରେ ଚୋରମାନେ ପ୍ରବେଶ କରି ବାବୁଲି ବେହେରା, ଦେବ ବେହେରା, ସୁବାସ ରାଉତ ଓ ଗୁଲୁ ଜେନାଙ୍କ ବାସଗୃହରୁ ସୁନା ଅଳଙ୍କାର ସମେତ ନଗଦ ଟଙ୍କା ଲୁଟପାଟ କରିଛନ୍ତି । ଏନେଇ ଆଜି ସକାଳୁ ଜଣେ ଗୃହସ୍ଥ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି । ଏହାଛଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଚୋରମାନଙ୍କ ସମ୍ପର୍କରେ ପୋଲିସ ଏଯାଏଁ କିଛି ସୁରାକ ପାଇ ନଥିବା ଜଣାପଡ଼ିଛି । ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହିତ ପୁନଃ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଗୋପବନ୍ଧୁ ଜୟନ୍ତୀ ପାଳିତ

ଅସୁରାଳି, ୯ ।୧୦(ସମିସ): ଧାମନଗର ବ୍ଲକ ଧୂଷୁରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ରମାପଦ ରଣାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଗୁରୁମା କଳ୍ପନା ଦେବତା, ଦମୟନ୍ତୀ ସାହୁ, ରଶ୍ମିତା



ସାହୁ ଓ ମାନିନୀ ସାହୁ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପିଲାମାନେ ବିଦ୍ୟାଳୟ ପ୍ରାନ୍ତରେ ବୃକ୍ଷ ରୋପଣ କରିଥିଲେ । ବିଦ୍ୟାଳୟ ପରିବେଶକୁ ଗୁରୁଜୀ ଗୁରୁମା ଓ ପିଲାମାନେ ମିଶି ପରିଷ୍କାର କରିଥିଲେ । ରଶ୍ମିତା ବେହେରା ଅତିଥି ପରିଚୟ କରିଥିଲା ବେଳେ ପିଙ୍କିରାଣୀ ମାଝୀ ଧନ୍ୟବାଦ ଦେଇଥିଲେ । ଅନନ୍ୟା ହାଜରା, ଜୟଶ୍ରୀ ଦାଶ, ଆରତୀ ହୋତା, କମଳା ସାହୁ, ଦିବାକର ମାଝୀ, ମାମିନା ସେଠୀ ଓ ପିଜୁଳିଲତା ପଣ୍ଡା ସେବିକା ମାମିନା ମହାପାତ୍ର ଓ ସୁମତି ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କାଁପଡ଼ା ପଞ୍ଚାୟତବାସୀଙ୍କ ୫ ଦଫା ଦାବି

ଦୋଳସାହି, ୯ ।୧୦(ସମିସ): ତିହିଡ଼ି ବ୍ଲକ କାଁପଡ଼ା ପଞ୍ଚାୟତର ସମସ୍ତ ବାସିନ୍ଦା ଅନୁସୂଚିତ । ୯୫ ପ୍ରତିଶତ ସାଧାରଣ ଜନତା କୃଷି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ତେବେ ଚଳିତ ବନ୍ୟାରେ ଧାନଚାଷ ନଷ୍ଟ ହୋଇଯାଇଛି । ଏହି ଧାନ ଚାଷ ପାଇଁ ଦୁଇ ସେବା ସମବାୟ ସମିତିରୁ ଋଣ କରି ଏହି ଚାଷ କରିଥିବା ଋଣ ଛାଡ କରିବାକୁ ଦାବି କରିଥିଲେ । ସେହିପରି ଏହି ବନ୍ୟା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ସ୍ଥାୟୀ



ପ୍ରତିକାର ସହ ପଞ୍ଚାୟତକୁ ସ୍ୱତନ୍ତ୍ର ଅନୁସୂଚିତ ଜାତି ବର୍ଗର ପଞ୍ଚାୟତ ରୂପେ ପରିଗଣିତ କରିବା ସହ ଏହି ପଞ୍ଚାୟତରେ ଏକ ଆୟୁର୍ବେଦିକ ମେଡିକାଲ ପାଇଁ ସ୍ଥାନୀୟ ବାସିନ୍ଦା ଦ୍ୱାରା ଜମି ଯୋଗାଇ ଦିଆଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ୨୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥାଇଲା । ଠିକାଦାର ଜଣକ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ସମସ୍ତ ଅନୁଦାନ ହଡପ କରିଥିବା ଅଭିଯୋଗ କରିବା ସହ ଏକ ଆୟୁର୍ବେଦିକ ଡାକ୍ତରଖାନା ଦାବି କରିଛନ୍ତି କାଁପଡ଼ା ପଞ୍ଚାୟତବାସୀ । ସେହିପରି ଏହି ପଞ୍ଚାୟତରେ କ୍ଷତି ହୋଇଥିବା କଚା ଛପର ଘରକୁ ପଲିଥିନ ଯୋଗାଇଦେବାରେ ଅନିୟମିତତା ହୋଇଥିବା ନେଇ ତହସିଲଦାର ସୁବାଷିସ ସାହୁଙ୍କୁ ୫ ଦଫା ଦାବି ସମ୍ବଳିତ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି ।

## ଭଦ୍ରକ ଦୁର୍ଗାପୂଜା-୨୦୨୬ ପାଳନ ପ୍ରସ୍ତୁତି



ଭଦ୍ରକ, ୯ ।୧୦(ସମିସ): ଭଦ୍ରକ ସହରରେ ଦୁର୍ଗାପୂଜା-୨୦୨୬କୁ ଶାନ୍ତିଶୃଙ୍ଖଳା, ସୁରକ୍ଷା ଓ ସୁବ୍ୟବସ୍ଥିତ ଭାବେ ଆୟୋଜନ କରିବା ନିମନ୍ତେ ଆଜି ଭଦ୍ରକ ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ ଓ ସ୍ୱଚ୍ଛତା ବ୍ୟବସ୍ଥା, ସିସିଟିଭି ନିରୀକ୍ଷଣ, ବିଦ୍ୟୁତ୍ ଯୋଗାଣ, ଆମ୍ବୁଲାନ୍ସ ଓ ମେଡିକାଲ ଟିମ୍ ପ୍ରସ୍ତୁତି, ଅବକାରୀ ବିଭାଗ ଦ୍ୱାରା ଅବୈଧ ମଦ କାରବାର ଉପରେ ସ୍ୱତନ୍ତ୍ର ଚଢ଼ାଉ, ଶବ୍ଦ ପ୍ରଦୂଷଣ ନିୟମ ପାଳନ, ପୂଜା ସାମଗ୍ରୀକୁ ନିର୍ଦ୍ଧାରିତ ସ୍ଥାନରେ ବିସର୍ଜନ ଏବଂ ଜନସାଧାରଣଙ୍କ ସୁବିଧାକୁ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ପ୍ରଶାସନ, ପୋଲିସ ଓ ସମ୍ପୃକ୍ତ ବିଭାଗଗୁଡ଼ିକର ମିଳିତ ସହଯୋଗରେ ଦୁର୍ଗାପୂଜାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ଭାବେ ପାଳନ କରିବା ନିମନ୍ତେ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯାଇଥିଲା ।

## ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ଆଲୋଚନାଚକ୍ର

ତିହିଡ଼ି, ୯ ।୧୦(ସମିସ): ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନାରାୟଣ ସ୍ମୃତି ଗବେଷଣା ପରିଷଦ ମତୋ ଡିଗ୍ରୀ କଲେଜ ଓ ନରେନ୍ଦ୍ରପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠର ଅନ୍ୟୁନ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଆଲୋଚନାଚକ୍ର ଅଧ୍ୟକ୍ଷ ବିଭୂତିଭୂଷଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୧୯୦୯ ମସିହାରୁ ଆରମ୍ଭ ବନବିଦ୍ୟାଳୟ, ପ୍ରତିଭା, ଧର୍ମପଦ ଓ କାରାକବିତା ପ୍ରଭୃତି କବିତା ପୁସ୍ତକ ଓ ଭାରତର ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ଭୂମିକା ସମ୍ପର୍କରେ ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଓ ମୁଖ୍ୟ ବକ୍ତା ପରିଷଦର ସଭାପତି ବିଭୂତିଭୂଷଣ ସେନାପତି, ସମ୍ମାନିତ ଅତିଥି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠ ଶ୍ରୀକାନ୍ତ ମଲ୍ଲିକ, ଡିଗ୍ରୀ କଲେଜ ଉପଦେଷ୍ଟା ସୁବାସଚନ୍ଦ୍ର ମଲ୍ଲ, ଶିକ୍ଷା ବିଭାଗ ଅଧ୍ୟାପିକା ନିରୁପମା ସୂତାର, ଅଧ୍ୟାପକ ଶଶିଭୂଷଣ ମଲ୍ଲିକ, ଶିକ୍ଷାବିତ୍ ଶୀତଳ କୁମାର ବେହେରା, ସମ୍ପାଦିକା ସଂଯୁକ୍ତାଭାରତୀ, ଶିକ୍ଷାବିତ୍ ସୁରୁଚିପ୍ରଭା ଦାସ ଓ ନିତ୍ୟାନନ୍ଦ ମଲ୍ଲିକ ବକ୍ତବ୍ୟ ରଖିଥିଲେ । ବୌଦ୍ଧିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ଡିଗ୍ରୀ କଲେଜ ପ୍ରଥମବର୍ଷ କଳା ସମ୍ମାନ ସ୍ମୃତିରେଖା କର, ତୃତୀୟବର୍ଷ ଦୀପକ ନାଥ, କବିତା ନାୟକ ପ୍ରଥମବର୍ଷ, ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠ ଅଷ୍ଟମ ଶ୍ରେଣୀ ଅମ୍ବିକା ସାମଲ, ହର୍ଷିତା ପତି, ନବମ ଶ୍ରେଣୀ ଆଦିତ୍ୟ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ବେଳେ ୧୩ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି । ଅଧ୍ୟାପକ ଶଶିଭୂଷଣ ମଲିକ୍‌ଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଛି । ଛାତ୍ରଛାତ୍ରୀଙ୍କ ବନ୍ଦେଉତ୍କଳ ଜନନୀ ସଙ୍ଗୀତ ଓ ମନୋ ମୁଗ୍ଧକର ନୃତ୍ୟ ସମସ୍ତଙ୍କ ପାଇଁ ଆକର୍ଷଣୀୟ ଥିଲା । ଶଶିଭୂଷଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଲଟିଲା ହାଇୱା



ଭଦ୍ରକ, ୯।୧୦(ସମିସ): ମଧ୍ୟାହ୍ନରେ ଭଦ୍ରକ ଚରମ୍ପା ଏନଏଚ-୧୬ ଓଭରବ୍ରିଜ ଉପରୁ ତଳକୁ ଖସିପଡ଼ିଲା ହାଇୱା ଟ୍ରକ । ଏଥିରେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପଥଚାରୀ । ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଦମକଳ ବାହିନୀ ସହାୟତାରେ ଭଦ୍ରକ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି । ଟ୍ରକ୍‌ଟି ବାଲେଶ୍ୱର ପଟୁ ଆସି କଟକ ଆଡକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି ।

## ମହିଳାଙ୍କ ଘରୁ ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାସ

ବେତାଳିଗାଁ, ୯ ।୧୦(ସମିସ): ଧୂଷୁରୀ ଥାନା ଅନ୍ତର୍ଗତ ପାଳସାହି ପଞ୍ଚାୟତର ସାଆଁଳପୁର ଗ୍ରାମରେ ଜଣେ ମହିଳାଙ୍କ ଘରୁ ସୁନା ଗହଣା ଚୋରି ଘଟଣାର ପର୍ଦ୍ଦାଫାସ କରିଛି ଧୂଷୁରୀ ପୁଲିସ । ଏହି ଘଟଣାରେ ସମ୍ପୃକ୍ତ ଭାଇଭଉଣୀଙ୍କ ସମେତ ଚୋରି ଗହଣା କିଣିଥିବା ଜୁଏଲାରୀ ମାଲିକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏଥିସହ ଚୋରି ହୋଇଥିବା ସୁନା ଗହଣା ମଧ୍ୟ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ, ସାଆଁଳପୁର ଗ୍ରାମର ନୀଳାଦ୍ରି ନାୟକଙ୍କ ପତ୍ନୀ ପୂଜାରାଣୀ ନାୟକ ଗତ ଅକ୍ଟୋବର ୧ ତାରିଖରେ ତାଙ୍କ ଘରୁ ସୁନା ଚେନ୍, ଚିକ୍, କାନଫୁଲ, ବାହୁଟି ଆଦି ବହୁମୂଲ୍ୟ ଅଳଙ୍କାର ଚୋରି ହୋଇଥିବା ନେଇ ଧୂଷୁରୀ ଥାନାରେ ଅଭିଯୋଗ କରିଥିଲେ । ତଦନ୍ତ ସମୟରେ ପୁଲିସର ସନ୍ଦେହ ସାଆଁଳପୁର ଗ୍ରାମର ସମରେନ୍ଦ୍ର ନାୟକଙ୍କ ଝିଅ ଶୁଭଲକ୍ଷ୍ମୀ ନାୟକଙ୍କ ଉପରେ ପଡ଼ିଥିଲା । ଅଭିଯୋଗ ଅନୁସାରେ, ପୂଜାରାଣୀଙ୍କ ସ୍ୱାମୀ ଘରେ ଅନୁପସ୍ଥିତ ଥିବା ସମୟରେ ଶୁଭଲକ୍ଷ୍ମୀ ତାଙ୍କ ଘରକୁ ଯାତାୟାତ କରୁଥିଲେ । ପରେ ତାଙ୍କ ଭାଇ ଶୁଭମୟ ନାୟକଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଥିଲା । ପୁଲିସର ତଦନ୍ତ ଅନୁଯାୟୀ, ଅଭିଯୁକ୍ତ ଭାଇଭଉଣୀ ଚୋରି ହୋଇଥିବା ସୁନା ଗହଣା ମଧ୍ୟରୁ ଆନୁମାନିକ ୩ ଲକ୍ଷ ଟଙ୍କା ମୂଲ୍ୟର ଗହଣା ବେତାଳିଗାଁ ବଜାରସ୍ଥିତ ଶିବପ୍ରସାଦ ଜୁଏଲାରୀରେ ବିକ୍ରି କରିଥିଲେ । ଏହାକୁ ନେଇ ପୁଲିସ ଗତ ଦୁଇ ଦିନ ଧରି ଜୁଏଲାରୀ ମାଲିକଙ୍କ ସମେତ ଅଭିଯୁକ୍ତ ଭାଇଭଉଣୀ ଓ ଅନ୍ୟ ସନ୍ଦିଗ୍ଧଙ୍କୁ ଜେରା କରିଥିଲା । ତଦନ୍ତରୁ ତଥ୍ୟ ସାମ୍ନାକୁ ଆସିବା ପରେ ପୁଲିସ ଚୋରି ଗହଣା ଉଦ୍ଧାର କରିବା ସହ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ସାଆଁଳପୁର ଗ୍ରାମର ଶୁଭଲକ୍ଷ୍ମୀ ନାୟକ (୨୦), ଶୁଭମୟ ନାୟକ (୧୮) ଏବଂ ପଣ୍ଡାପାଟଣା ଗ୍ରାମର ଶ୍ରୀ ଶିବ ପ୍ରସାଦ ଜୁଏଲାରୀ ମାଲିକ ପ୍ରଭାତ ପଣ୍ଡା (୪୮) । ଶୁକ୍ରବାର ସେମାନଙ୍କୁ ଗିରଫ କରାଯାଇ ଧାମନଗର କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଜାମିନ ଆବେଦନ ଖାରଜ ହୋଇଥିବା ଜଣାପଡ଼ିଛି ।

# ବିଭିନ୍ନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

### ● ତୋଫାବିବି କ୍ଲଷ୍ଟର

ବନ୍ତ/ଆଗରପଡ଼ା, ୯।୧୦(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆଗରପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ନିରଞ୍ଜନ ଖିଲାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ମହାନ୍ତି



ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ହରେକୃଷ୍ଣ ଆପଟ, ମୁଖ୍ୟବକ୍ତା ଭାବେ ବଉଳା ମହାବିଦ୍ୟାଳୟ, ସୋସୋ ଅଧ୍ୟାପକ ଫକିର ଚରଣ ଶଙ୍ଖୁଆ, ସମ୍ମାନିତ ଅତିଥି ଭାବେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଗରପଡ଼ା ଅଧ୍ୟକ୍ଷ ଡ଼ଃ ନଳିନୀ ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, କୃଷ୍ଣଚରଣ ବିଦ୍ୟାମନ୍ଦିର ପ୍ରଧାନଶିକ୍ଷକ ଶରତ ଜେନା, ଅଶାମଣୀ ଉଚ୍ଚ ବିଦ୍ୟାପୀଠ କେ.ମହାନ୍ତିପଡ଼ା ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତି, ପରିଚାଳନା କମିଟି ସଭାପତି କୁଳମଣି ସାହୁ, ବି.ଟି.ପୁର ପଞ୍ଚାୟତ ସରପଞ୍ଚ ସୁଭଦ୍ରା ସିଂହ ପ୍ରମୁଖ ଯୋଗ ଦେଇଥିଲେ । ଏକାଦଶୀ ମ.ଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜଗନ୍ନାଥ ମଲ୍ଲିକ ଅତିଥିଙ୍କୁ ଆହ୍ୱାନ କରିଥିବା ବେଳେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ରଞ୍ଜିତା ସିଅଳ ବେଦପାଠ କରିଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅଜିତ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲଷ୍ଟରର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ● ବାଲୁଙ୍କେଶ୍ୱର କ୍ଲଷ୍ଟର

ବାଲୁଙ୍କେଶ୍ୱର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବାଲୁଙ୍କେଶ୍ୱର ସରକାରୀ ଉ.ପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବାଲୁଙ୍କେଶ୍ୱର ସରକାରୀ ଉ.ପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୌରାଙ୍ଗଚନ୍ଦ୍ର ନାଥଙ୍କ ସଭାପତିତ୍ୱ ଓ ସିଆରସିସି



ସନ୍ତୋଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାମକୃଷ୍ଣପୁର ପଞ୍ଚାୟତ ସରପଞ୍ଚ ହିରେନ୍ଦ୍ର ଖିଲାର, ମୁଖ୍ୟବକ୍ତା ଭାବେ ବାଲୋ ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ସନାତନ ପେଡ଼ି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀଧର ନାୟକ, ପର୍ଶୁରାମ ନାୟକ, ସୁଧିର ରାଉତ, ଦିନବନ୍ଧୁ ରାଉତ, ରତିକାନ୍ତ ମଲ୍ଲିକ, ସନ୍ଧ୍ୟାରାଣୀ ମହାନ୍ତି, ପ୍ରଜ୍ଞା ପରମିତା ଦାସ, କରୁଣାକର ନାୟକ, ପଦ୍ମନାଭ ବିନ୍ଧାଣୀ ଏବଂ ଦେବେନ୍ଦ୍ର ନାଥ ପ୍ରମୁଖ ଯୋଗ ଦେଇଥିଲେ । ଶରତଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ଓ ଅନିରୁଦ୍ଧ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ । ୧୨ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

### ● ପି.ଏସ.ଏରେଣ୍ଡେଇ କ୍ଲଷ୍ଟର

ପି.ଏସ.ଏରେଣ୍ଡେଇ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଗଣ୍ଡଗରା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଗଣ୍ଡଗରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋରଞ୍ଜନ ଦାସଙ୍କ ସଭାପତିତ୍ୱ ଓ ସିଆରସିସି ସନ୍ତୋଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଆପଦା ପଞ୍ଚାୟତ ସରପଞ୍ଚ ପ୍ରମୋଦ ଯେନା, ମୁଖ୍ୟବକ୍ତା ଭାବେ



ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାମଲ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କରଚନ୍ଦ୍ର ପାଢ଼ୀ, ସୁନାଗଡିଆ ପ୍ରଧାନଶିକ୍ଷକ ଧର୍ମେନ୍ଦ୍ର ନାରାୟଣ ଜେନା, ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ଜେନା, ପର୍ଶୁରାମ ନାୟକ, ପରିଚାଳନା କମିଟି ସଭାପତି ସସ୍ମିତା ରାଉତ ପ୍ରମୁଖ ଯୋଗ ଦେଇଥିଲେ । ମନୋରମା ଖିଲାର ପରିଚୟ ପ୍ରଦାନ କରିଥିବା ବେଳେ ମାନସୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

### ● ତରାପୁର କ୍ଲଷ୍ଟର

ତରାପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପୋଡ଼ାପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନସ ସାହୁଙ୍କ ସଭାପତିତ୍ୱ ଓ ସିଆରସିସି ଜଗନ୍ନାଥ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିକାଶ ଦାସ, ଗିରିଧାରୀ ନୋଡ଼ାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନାୟକ, ବି.ବି.ନୋଡ଼ାଲ ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁ, ଅରୁଣ ବାରିକ ଏବଂ ଟିଲୋ କ୍ଲଷ୍ଟର ସିଆରସିସି ଅଶୋକ ଦାସ



ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ ସୁଧିର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମୂଲ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୧୪ଟି ବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

### ● ଓଡ଼ଙ୍ଗ କ୍ଲଷ୍ଟର

ଓଡ଼ଙ୍ଗ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଜୟକୃଷ୍ଣ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ପରମେଶ୍ୱର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଧବାନନ୍ଦ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ । ବୋଡ଼କପାଟଣା ବିଦ୍ୟାଳୟର ପ୍ରଧାନଶିକ୍ଷକ ବାରିଆଲ ଟୁଡୁ ମଞ୍ଚ ପରିଚାଳନା କରିଥିଲେ । ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରମାକାନ୍ତ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବିନୋଦ ବିହାରୀ ଜେନା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ



ମଙ୍ଗୁଲି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁପମା ବେଜ ଓ ପରିଚାଳନା କମିଟି ସଭାପତି ରାଜୀବ କୁମାର ଦାସ ଉପସ୍ଥିତ ଥିଲେ । ଏଥିରେ ୯ଟି ବିଦ୍ୟାଳୟର ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୨ଟି ବିଭାଗରେ ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେଥିମଧ୍ୟରୁ ୯୬ ଜଣ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ । ସଫଳ ପ୍ରତିଯୋଗୀମାନେ ପରବର୍ତ୍ତୀ ସମୟରେ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ନାୟକ, ପ୍ରିୟମ୍ବଦା ରାଉତ, ରଞ୍ଜିତା ମଲ୍ଲିକ, ହଳଧର ସେଠୀ, ପ୍ରମୋଦ ରାଉତ ଓ ଅମିତା ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ପରିଚାଳନା କମିଟିର ସଦସ୍ୟସଦସ୍ୟା ସହଯୋଗ କରିଥିଲେ ।

# ଛାତ୍ରସଂସଦ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ

## ୮ ବର୍ଷ ପରେ ନିର୍ବାଚନକୁ ନେଇ ଉତ୍ସାହ



**ଯାଜପୁର, ୯।୧୦(ସମିସ):** ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଯାଜପୁର ଟାଉନସ୍ଥିତ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ (ଏନ୍‌ସି ଅଟୋନୋମସ୍ କଲେଜ)ରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଛି। ଆଜି କଲେଜର ବିଭିନ୍ନ ପଦପଦବୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ସମର୍ଥକ ଓ ପ୍ରସ୍ତାବକଙ୍କ ସହ ପଟୁଆରରେ ଆସି ନାମାଙ୍କନ ଦାଖଲ କରିବା ସହ ନିଜ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ କଲେଜ ପରିସରରେ ନିର୍ବାଚନୀ ମାହୋଲ ସୃଷ୍ଟି ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କଲେଜର ଛାତ୍ର ସଂସଦ ନିର୍ବାଚନରେ ସଭାପତି ପଦ ପାଇଁ ଆଦିତ୍ୟ ନାରାୟଣ ଶତପଥି, ସନ୍ଧ୍ୟାରାଣୀ ବେହେରା ଏବଂ ସଂଜମ ମହାନ୍ତି ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଉପସଭାପତି ପଦ ପାଇଁ ଅର୍ପିତା ରାଉତ, ପୃଥ୍ୱୀରାଜ ଜେନା, ରୁଦ୍ରନାରାୟଣ ଲେଙ୍କା, ସାଗର ମଲ୍ଲିକ, ସମ୍ପାଦକ ପଦ ପାଇଁ ଜଗନ୍ନାଥ ମଲ୍ଲିକ, ନନ୍ଦିତା ଦାସ, ନିର୍ମାଲ୍ୟ ପଣ୍ଡା, ସୁସ୍ମିତା ପଣ୍ଡା ଏବଂ ସହକାରୀ ସମ୍ପାଦକ ପଦ ପାଇଁ ଦିପ୍ତିମୟୀ ସାହୁ ଏବଂ ତ୍ରିସା ବେହୁରିଆ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଆଥଲେଟିକ୍ସ ସମ୍ପାଦକ ପଦ ପାଇଁ ୨ ଜଣ, ଡିଏସ୍‌ଏ ସମ୍ପାଦକ ପଦ ପାଇଁ ୨ ଜଣ ଏବଂ ଅନ୍ୟାନ୍ୟ ପଦବୀ ପାଇଁ ମଧ୍ୟ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ଦୀର୍ଘ ବର୍ଷ ପରେ ନିର୍ବାଚନ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜ ପ୍ରତିନିଧି ବାଛିବାକୁ ନେଇ ଉତ୍କଣ୍ଠା ବଢ଼ିଛି। ପ୍ରାର୍ଥୀମାନେ ମଧ୍ୟ ନିଜ ନିଜର ସମର୍ଥକଙ୍କ ସହ ନିର୍ବାଚନୀ ପ୍ରଚାର ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କଲେଜରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନକୁ ପ୍ରାର୍ଥୀମାନେ ନିଜର ପ୍ରମୁଖ ଲକ୍ଷ୍ୟ ଭାବେ ଉପସ୍ଥାପନ କରିଛନ୍ତି। କଲେଜର ପାଚେରି ନିର୍ମାଣ, ପାନୀୟ ଜଳର ସୁବିଧା, ଶୌଚାଳୟ ସମସ୍ୟାର ସମାଧାନ ଏବଂ ପାଠପଢ଼ା କ୍ଷେତ୍ରରେ ରହିଥିବା ବିଭିନ୍ନ ଅସୁବିଧା ଦୂର କରିବା ଉପରେ ପ୍ରାର୍ଥୀମାନେ ଗୁରୁତ୍ୱ ଦେଇଛନ୍ତି। ଏଥିସହ କଲେଜ ପରିସରରେ ରାଗିଂ ରୋକିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପ୍ରାର୍ଥୀମାନଙ୍କ ମଧ୍ୟରୁ କାହାକୁ ଛାତ୍ରଛାତ୍ରୀ ନିଜର ପ୍ରତିନିଧି ଭାବେ ବାଛିବେ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ିବା ସହ କଲେଜ ପରିସରରେ ରାଜନୈତିକ ଉଷ୍ମତା ବଢ଼ିବାର ଲାଗିଛି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି କଲେଜ୍ ପରିସରରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି।

## ଏସ୍‌ଜିରେ ନାମାଙ୍କନ ଭରିଲେ ବିସିଜେଡି ପ୍ରାର୍ଥୀ



**ମଙ୍ଗଳପୁର, ୯।୧୦(ସମିସ):** ଛାତ୍ର ସଂସଦ ନିର୍ବାଚନ ପାଇଁ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟ (ଏସଜି କଲେଜ)ରେ ପ୍ରମୁଖ ବିଜେଡି, ବିଜେପି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ର ବିଜେଡିର ସମର୍ଥିତ ପ୍ରାର୍ଥୀମାନେ ସାଧୁଗୌରେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ବାଜା ବାଣ ବଜାଇ ଏକ ବିରାଟ ରାଲିରେ ଯାଇ କଲେଜରେ ପହଞ୍ଚିଥିଲେ। ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭାପତି ଦେବାଶିଷ ଦାସ, ଉପସଭାପତି ସତ୍ୟ ନାରାୟଣ ପରିଡା, ସମ୍ପାଦିକା ପ୍ରଜ୍ଞା ପରମିତା ପତି, ସହସମ୍ପାଦକ ସବ୍ୟସାଚୀ ବିଶ୍ୱାଳ, ଡ୍ରାମାଟିକ ସେକ୍ରେଟାରୀ ଶୁଭମ ଦାସ, ଆଥଲେଟିକ ସେକ୍ରେଟାରୀ ସଂଗ୍ରାମ ରାଉତ, ଡିଏସଏ ସତ୍ୟଜିତ ମଲ୍ଲିକ, କମର୍ସ ସୋସାଇଟି ସମ୍ପାଦକ ସନ୍ତୋଷ କୁମାର ଦାସ, ବାଳିକା କମନରୁମ ରିପ୍ରେଜେଣ୍ଟିଭି ଶୁଭଶ୍ରୀ ମହାପାତ୍ର, କ୍ଲାସ ରିପ୍ରେଜେଣ୍ଟିଭ ସକ୍ଷମ ବେହେରା, ସାଇନ୍ସ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଏସଏସଜି ହିମାଂଶୁ ଶେଖର ଦାସ, ସହ କ୍ରୀଡା ସମ୍ପାଦକ ସତ୍ୟନାରାୟଣ ଦାସ ପ୍ରାର୍ଥପତ୍ର ଦାଖଲ କରିଥିଲେ। ସେହିପରି ଏବିଭିପିରୁ ସଭାପତି ଭାବେ କେ. ଦେବାଶିଷ ନାୟକ ଓ ସମ୍ପାଦକ ଭାବେ ତ୍ରିପର୍ଣ୍ଣା ପାଣିଗ୍ରାହୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ କଂଗ୍ରେସରୁ ସଭାପତି ଭାବେ ରାଜଲକ୍ଷ୍ମୀ ଦାଶ ଓ ସମ୍ପାଦକ ଭାବେ ରଶ୍ମିକାନ୍ତ ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଖରସ୍ରୋତାରେ ନାମାଙ୍କନ ଦାଖଲ




**ସିଂହପୁର, ୯।୧୦(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ସଞ୍ଚାଳନ କରିଥିଲେ। ସଭାପତି ପ୍ରାର୍ଥୀ ଭାବେ ସୋନାଲି ଦାସ, ଶୁଭଶ୍ରୀ ସାହୁ, ସୁହାସ ରଞ୍ଜନ ପ୍ରଧାନ, ଉପସଭାପତି ଆଶୁତୋଷ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ସରୋଜ କୁମାର ବାରିକ, ଶୁଭମ ସାମଲ, ସାଧାରଣ ସଂପାଦକ ବାଣିଶ୍ରୀ ପୃଷ୍ଟି, ଜ୍ୟୋତି ବାରିକ, ସହ ସମ୍ପାଦକ ଅନିଶ କୁମାର ଦାଶ, ରିତୁପ୍ରଭା ରାଉତ, କ୍ରୀଡା ସଂପାଦକ ଐଶ୍ୱର୍ଯ୍ୟା ପରିଡ଼ା, ମନୋରଞ୍ଜନ ସାହୁ, ରୁଦ୍ର ପ୍ରତାପ ବାରିକ, ସାଗର ଦାସଙ୍କ ସମେତ ସାଂସ୍କୃତିକ ପରିଷଦ ସଂପାଦକ ପାଇଁ ୪ ଜଣ, ଡିଏସଏ ସଂପାଦକରେ ୨ ଜଣ, ବିଜ୍ଞାନ ବିଭାଗ ସଂପାଦକ ୨ ଜଣ, ବାଣିଜ୍ୟ ବିଭାଗ ସଂପାଦକ ୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଶାନ୍ତିଶୃଙ୍ଖଳାର ସହିତ ନାମାଙ୍କନପତ୍ର ଦାଖଲ ହୋଇଥିଲା ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ଦାସ କହିଛନ୍ତି।

## ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ



**ବଡଚଣା, ୯।୧୦(ସମିସ):** ଛାତ୍ରସଂସଦ ନିର୍ବାଚନ ପାଇଁ ଆଜି ନାମାଙ୍କନ ପତ୍ର ଦାଖଲ ପରେ ଯାଞ୍ଚ କରାଯାଇ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ପ୍ରାର୍ଥୀ ଭାବେ ଅନିମା ପୃଷ୍ଟି, ନବୀନ କୁମାର ପଣ୍ଡା, ରାଜ୍‌କୁମାର ଯାଦବ, ଉପସଭାପତି ଭାବେ ଲିଟୁ ରାଉଳ, ସତ୍ୟପ୍ରେମ୍ ବିଶ୍ୱାଳ, ସାଧାରଣ ସଂପାଦକ ଭାବେ ବିଷ୍ଣୁପ୍ରିୟା ମଲ୍ଲିକ, ଦେବସ୍ମିତା ଜେନା, ମନୋଜ୍ କୁମାର ନାଥ ଶର୍ମାଙ୍କର ପ୍ରାର୍ଥୀପତ୍ର କାଏମ୍ ରହିଥିବ ନିର୍ବାଚନ ଅଧିକାରୀ ମଥୁରୀ ବେହେରାଙ୍କଠାରୁ ଜଣାଯାଇଛି। ସେହିପରି ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନ ପାଇଁ ସଭାପତି ପଦ ପାଇଁ ଅଭିଜିତ ନାୟକ, ସୌମ୍ୟରଞ୍ଜନ ଲେଙ୍କା, ଉପ ସଭାପତି ପଦ ପାଇଁ ରାହୁଲ ବିଶ୍ୱାଳ, ପ୍ରସନ୍ନଜିତ ସ୍ୱାଇଁ, ସାଧାରଣ ସଂପାଦକ ପଦ ପାଇଁ ସୁପ୍ରଭା ସିଂହ, ଶୁଭଶ୍ରୀ ସାମଲଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଥିବା ନିର୍ବାଚନ ଅଧିକାରୀ ଡ. ଅମ୍ବିକା ତ୍ରିପାଠୀ ଜଣାଇଛନ୍ତି। ଆସନ୍ତାକାଲି ପ୍ରାର୍ଥିପତ୍ର ପ୍ରତ୍ୟାହାର ହେଲା ପରେ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

## ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଣଛାତ୍ରଙ୍କ ଦ୍ୱାରା ସାମ୍ବାଦିକଙ୍କୁ ଦୁର୍ବ୍ୟବହାର

ଯାଜପୁର ଟାଉନ, ୯।୧୦(ସମିସ): ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ଚାଲିଥିବା ବେଳେ ଅସାମାଜିକ ଅଣଛାତ୍ରଙ୍କ ଅବାଧ ପ୍ରବେଶ ଦେଖିବାକୁ ମିଳିଥିଲା। ଅଣଛାତ୍ର ମାନେ କ୍ୟାମ୍ପସରେ ପଶି ଛାତ୍ର ଛାତ୍ରୀଙ୍କୁ ଗାଳିଗୁଲଜ କରୁଥିବା ଦେଖି ଖବର ସଂଗ୍ରହ କରିବାକୁ ଯାଇଥିବା ସାମ୍ବାଦିକ ମାନଙ୍କୁ ଅଶାଳୀନ ବ୍ୟବହାର କରାଯାଇଥିଲା। ଏ ସଂକ୍ରାନ୍ତରେ ସାମ୍ବାଦିକଙ୍କ ପକ୍ଷରୁ ଏକ ମାମଲା ଯାଜପୁର ଟାଉନ ଥାନାରେ ରୁଜୁ ହୋଇଥିବା ଜଣାପଡିଛି। ଅଭିଯୋଗ ମୁତାବକ କିଛି ଅଣଛାତ୍ର କଲେଜ୍ ପରିସରକୁ ପ୍ରବେଶ ନେଇ ହୋ ହାଲ୍ଲା ହେବା ବେଳେ ଉପସ୍ଥିତ ସାମ୍ବାଦିକମାନେ ସେହି ଦୃଶ୍ୟକୁ ସେମାନଙ୍କ ମୋବାଇଲରେ ରେକର୍ଡ କରୁଥିଲେ। ଏହି ସମୟରେ ହଠାତ୍ ଅମିତ କୁମାର ନାୟକ ନାମକ ଜଣେ ସନ୍ଦିଗ୍ଧ ଯୁବକ ଉପସ୍ଥିତ ସାମ୍ବାଦିକମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହେବାରୁ ଯୁବକଙ୍କ ସାଥୀ ଅଣ ଛାତ୍ରମାନେ ତୁରନ୍ତ ଘଟଣାସ୍ଥଳରୁ ଫେରାର କରି ଦେଇଥିଲେ। ଏହାପରେ ସାମ୍ବାଦିକମାନଙ୍କ ସମ୍ମାନକୁ ସର୍ବସାଧାରଣରେ କ୍ଷୁଣ୍ଣ କରିଥିବାରୁ ଯାଜପୁର ପ୍ରେସ୍ କ୍ଲବ୍ ପକ୍ଷରୁ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଫଳ ସ୍ୱରୂପ ଆଜି ସନ୍ଧ୍ୟାରେ ପ୍ରେସ୍ କ୍ଲବ୍ ପକ୍ଷରୁ ସଭାପତି ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଭ୍ୟ ମାନେ ଯାଜପୁର ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରି ତୁରନ୍ତ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯିବା ପାଇଁ ଦାବି କରାଯାଇଛି। ଏହାପରେ ଯାଜପୁର ଏସ୍‌ପି ଯଶପ୍ରତାପ ଶ୍ରୀମଲ୍‌ଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରାଯିବାରେ ଏସପି ତୁରନ୍ତ ଥାନା ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ସାମ୍ବାଦିକ ସୁରେନ୍ଦ୍ର ସାମଲ ଏତଲା ପ୍ରଦାନ କରିଥିବା ବେଳେ ପ୍ରତ୍ୟକ୍ଷଦର୍ଶୀ ଭାବେ ସମର ବିଜୟ ଶରଣ, ଦେବାଶିଷ ସାହୁ, ବିଜୟ ସାହୁ, ପରମେଶ୍ୱର ବେହୁରିଆ, ସୁରେନ୍ଦ୍ର ସାମଲ, ମନୋଜ କୁମାର ରଣା, କୃଷ୍ଣଚନ୍ଦ୍ର ନାୟକ, ତାପସ ପାଲ, ସୌମ୍ୟ ରଞ୍ଜନ ଦାସ, ପରମେଶ୍ୱର ପଣ୍ଡା ପ୍ରମୁଖ ଏହି ଏତଲାରେ ସ୍ୱାକ୍ଷର କରିଛନ୍ତି। ସେହିପରି କ୍ଲବର ବରିଷ୍ଠ ଉପଦେଷ୍ଟା ଅକ୍ଷୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଅରୁଣ କୁମାର ରାଉତରାୟ, ବରିଷ୍ଠ ସଭ୍ୟ ତପନ ମହାନ୍ତି ଓ ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



## ରାଣୀପଡ଼ା ପଞ୍ଚାୟତରେ କଂଗ୍ରେସର ବୈଠକ



**ଦାନଗଦି, ୯।୧୦(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ରଣିପଡା ଗ୍ରାମପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ ଓ ମିଶ୍ରଣ ପର୍ବ କଙ୍କଡ଼ାଝର ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗଦେଇଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ ପ୍ରାର୍ଥି ଇଂ. ବିଭୂଭୂଷଣ ରାଉତ, ପିସିସିର ସମ୍ପାଦକ ମହେନ୍ଦ୍ର କୁମାର ଦାଶ, ବ୍ଲକ ସଭାପତି ଦାୟାନିଧି ପଲେଇ, ସାଧାରଣ ସମ୍ପାଦକ ଉମାକାନ୍ତ ଜେନାମାଣି, ଗୋପାଳ ଚାନ୍ଦ, ପଞ୍ଚାୟତ ସଭାପତି ଅଭିନ ପେରାଇ, ମହିଳା ନେତ୍ରୀ ବାସନ୍ତୀ ଦାଶ, କବିର ଯେନା, ଅନିଲ ଯେନା, ବାବୁଲି ଯେନା, ପିତାମ୍ବର ପାତ୍ର, ବନମାଳୀ ଭୂଇଁଆ, କାଳନ୍ଦୀ ସିଂ, ସୁଶାନ୍ତ ମଲ୍ଲିକ ସମେତ ମହିଳା, ଯୁବକ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଗୋଲ୍ଡେନ ଲଜରେ ପୁଲିସ ଚଢ଼ଉ, ୨ ଅଟକ

**ବ୍ରହ୍ମବରଦା, ୯।୧୦(ସମିସ):** ବ୍ରହ୍ମବରଦା ଥାନା ଅଧୀନ ଇଦଘାଛକ ଅଞ୍ଚଳରେ ଥିବା ଦୁଇ ମହଲା ବିଶିଷ୍ଟ ଗୋଲ୍ଡେନ ଲଜରେ ବେଆଇନ କାରବାର ନେଇ ଅଭିଯୋଗ ପରେ ବ୍ରହ୍ମବରଦା ପୁଲିସ ଚଢ଼ଉ କରିଛି। ଚଢ଼ଉ ବେଳେ ଲଜରୁ ଜଣେ ମହିଳା ଓ ଜଣେ ଯୁବକଙ୍କୁ ପୁଲିସ ଥାନାକୁ ନେଇ ପଚରାଉଚରା କରିଥିବା ଜଣାପଡିଛି। ଉକ୍ତ ଲଜରେ ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗରେ ଚଢ଼ଉ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜୁଆ ଖେଳ ନେଇ ମଧ୍ୟ ଅଭିଯୋଗ ହୋଇଛି। ଲଜରେ କିପରି କାରବାର ଚାଲିଥିଲା, ଏଥିରେ ଆଉ କିଏ ସମ୍ପୃକ୍ତ ଅଛି ଓ ପଛରେ କୌଣସି ନେଟ୍‌ୱାର୍କ ଅଛି କି ନାହିଁ ସେନେଇ ପୁଲିସ ତଦନ୍ତ କରୁଛି। ଏନେଇ ବ୍ରହ୍ମବରଦା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡାଙ୍କୁ ପଚରାଯିବାରୁ ଲଜ୍‌ର ପଞ୍ଜୀକରଣ ସମ୍ପର୍କିତ ତଥ୍ୟ ମଗାଯାଇଛି, ତଥ୍ୟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

## ଲକ୍ଷ୍ମୀନଗର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ବ୍ୟାସନଗର, ୯।୧୦(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ଲକ୍ଷ୍ମୀନଗର ଗ୍ରାମର ଦୁର୍ଗା ମନ୍ଦିର ପରିସରରେ କମିଟିର ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୨୦୪ତମ ଶାରଦୀୟ ଦୁର୍ଗାପୂଜା ଧୁମ୍‌ଧାମରେ ପାଳନ କରିବା ପାଇଁ ସ୍ଥିର ହୋଇଛି। ୧୬ ତାରିଖ ଶୁକ୍ରବାର ମା'ଙ୍କ ଷଷ୍ଠିପୂଜା, ସପ୍ତମୀ ପୂଜା, ଅଷ୍ଟମୀ ପୂଜାରେ ବଳି ଭୋଗ, ନବମୀ ପୂଜା ବଳି ଭୋଗ, ବିଜୟା ଦଶମୀ ଦିନ ଦଶହରା ବଳଦ ପ୍ରତିଯୋଗିତା, ଗୁରୁବାର ମା'ଙ୍କ ଭସାଣି ଶୋଭାଯାତ୍ରା ଧୁମ୍‌ଧାମରେ ପାଳନ କରାଯିବ। ମା'ଙ୍କ ପୀଠରେ ଅଷ୍ଟମୀଠାରୁ ୨ ଦିନ ଧରି ଦୁର୍ଗାଶ୍ରୀ ଲୋକନାଟ୍ୟ ତାହାର ନାଟକ ପରିବେଷଣ କରିବ। ପ୍ରସ୍ତୁତି ବୈଠକରେ ରମେଶ ଚନ୍ଦ୍ର ସାହୁ, ଅନନ୍ତ ଚରଣ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ସତ୍ୟାନନ୍ଦ ସାହୁ, ଦୀନବନ୍ଧୁ ସାହୁ, ହରିହର ସାହୁ, ପ୍ରଭାତ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାହୁ(ଖ), ନାଣ୍ଡୁ ଚରଣ ସାହୁ, ଧରଣୀଧର ପରିଡ଼ା, ରଞ୍ଜନ କୁମାର ନାୟକ, ଦେବ ଦୁର୍ଲଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସଂପାଦକ ସୁବଳ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଜେନାପୁରରେ ଗୋପବନ୍ଧୁଙ୍କ ଜୟନ୍ତୀ



**ଜେନାପୁର, ୯।୧୦(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ବ୍ରାହ୍ମଣୀ ନଦୀକୂଳ ବାଲିଯାତ୍ରା ପଡିଆରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମିନତୀ ସାହୁ ସଙ୍ଗଠନର ଉପଦେଷ୍ଟା ଅଶ୍ୱିନୀ ପଟ୍ଟନାୟକ, ଅଜୟ କୁମାର ଦାସ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପରେ ବଗିଚାରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯାଇଥିଲା। ସଭାରେ ସଙ୍ଗଠନର ସଭାପତି ଲୋକନାଥ ପୁରୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ମିନତୀ ସାହୁ, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟାପକ ଭିକାରୀ ଚରଣ ସାମଲ, ଶିକ୍ଷାବିତ ରଘୁନାଥ ବେହେରା, କାହ୍ନୁଚରଣ ସାହୁ, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମହେଶ୍ୱର ଖଟୁଆ, ଉପସଭାପତି ମାନସ ମହାନ୍ତି, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଯୁଗ୍ମ କୋଷାଧ୍ୟକ୍ଷ କୁନିଲ ରାଉତ, ସଂଯୋଜକ ନିଷ୍କାନ୍ତ ଖଟୁଆ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରମୋଦ ମଲ୍ଲିକ, ସୁଦର୍ଶନ ପ୍ରଧାନ, ରଘୁନାଥ ଶତପଥୀ, ବିଷ୍ଣୁଚରଣ ଓଝା, କ୍ଷେତ୍ରବାସୀ ରାଉତ, ରବିନାରାୟଣ ଦାସ, ଅଶ୍ୱିନୀ ପଟ୍ଟନାୟକ, ଅର୍ଜୁନ କୁମାର ଦାସ, ପ୍ରତାପ ଦାସ, ସଭ୍ୟ କ୍ଷିରୋଦ ଦଳାଇ, ରୁଦ୍ରପ୍ରସନ୍ନ ଓଝା, ସୁରେନ୍ଦ୍ର ଦାସ, ବିଭୁପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ସଫଳ କରିଥିଲେ।

## ଓଜେସି ଯୁବଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ



**ବ୍ୟାସନଗର, ୯।୧୦(ସମିସ):** ଓଡିଶା ଜନତା କଂଗ୍ରେସ ବ୍ୟାସନଗର ଯୁବ ଶାଖା ପକ୍ଷରୁ ସହରର ବିଭିନ୍ନ ଦାବିକୁ ନେଇ ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ତତସହିତ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରସଂସଦ ନିର୍ବାଚନ ବାତିଲ ସରକାରୀ ଦଳ ଷଡ଼ଯନ୍ତ୍ର ବୋଲି ଶ୍ରୀ ମହାନ୍ତି ଦୃଢ଼ ନିନ୍ଦା କରିଥିଲେ। ଏହାପରେ ସେଠାରୁ ଯୁବ ଓଜେସି ନେତା ପ୍ରତାପ କୁମାର ଦାସ, ସେକ ବଦ୍ରିଉଦ୍ଦିନ, ପ୍ରଦୀପ ସେଠୀ, ବିଶ୍ୱଜିତ ପ୍ରଧାନ, ରାକେଶ କୁମାର, ବିଦ୍ୟାଧର ଯେନା, ମୀନକେତନ ମହାନ୍ତିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ କଳିଙ୍ଗନଗର ଅତିରିକ୍ତ- ଜିଲ୍ଲାପାଳଙ୍କ ଜରିଆରେ ୫ ଦଫା ଦାବି ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବ୍ୟାସନଗର ପୌରପାଳିକାର ୨୬ ଗୋଟି ୱାର୍ଡରେ ଥିବା ବହୁ ସମସ୍ୟା ମଧ୍ୟରୁ ବିଶେଷ କରି ତୁରନ୍ତ ଜଣେ ସ୍ଥାୟୀ ନିର୍ବାହୀ ଅଧିକାରୀ ନିଯୁକ୍ତ କରିବା, କେଏନଡିଏ ଦୈନିକ ମାର୍କେଟଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ନୂତନ ଅଟାଳିକା ନିର୍ମାଣ କରି ସ୍ଥାନୀୟ ବେକାରୀ ଯୁବକ ଯୁବତୀମାନଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା, ସେଲେବେସନ ମଣ୍ଡପ କୁ ଭାଙ୍ଗି ନୂତନ ମଣ୍ଡପ ନିର୍ମାଣକରି ପୌରସଂସ୍ଥାକୁ ହସ୍ତାନ୍ତର କରିବା ସହିତ କଳିଙ୍ଗନଗର ଶିଳ୍ପାଞ୍ଚଳରୁ ଆସୁଥିବା ଭାରୀଯାନ ଓ ବସଗୁଡିକୁ ସହର ମଧ୍ୟକୁ ପ୍ରବେଶ ନିଷେଧ କରିବା ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବା ଉପରେ ଯୁବ, ଓଜେସି ପକ୍ଷରୁ ଦାବିର ସମାଧାନ ନକଲେ ଅତିରିକ୍ତ -ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦେବାକୁ ଚେତାବନୀ ଦେଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ଆଲୋଚନା କରିବା ସହିତ ତ୍ୱରିତ ପଦକ୍ଷେପ ନେବାକୁ ଦୃଷ୍ଟି ଆକର୍ଷଣ କରିଥିଲେ।

## ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**ପାଣିକୋଇଲି, ୯।୧୦(ସମିସ):** ଚୋରି ମାମଲାରେ ଅନ୍ୟ ଅଭିଯୁକ୍ତକୁ ପାଣିକୋଇଲି ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି। ପ୍ରକାଶଯେ ଶଙ୍କଚିଲା ରାସ୍ତା କଡରେ ଦାସ ଫ୍ରେବିକେଶନ ନାମକ ଏକ ଦୋକାନରୁ ଗତ ୧୩ ଜୁଲାଇ ୨୦୨୬ରେ ଚୋରି ହେବା ନେଇ ଅଭିଯୋଗ ଥାନାରେ କରାଯାଇଥିଲା। ଏନେଇ ପୁଲିସ ଏକ ମାମଲା ୨୭୪/୨୬ ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମନାଥ ଦାସଙ୍କ ପତ୍ନୀ ବୈଜୟନ୍ତୀ ଦାସ ତାଙ୍କ ଦୋକାନରୁ ବିଭିନ୍ନ ଯନ୍ତ୍ରାଂଶ ସହ ନଗଦ ୧୨ ହଜାର ଟଙ୍କା ଚୋରି ହେବା ନେଇ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ସାମଗ୍ରୀ ଯାଜପୁରରୋଡ ଥାନା ତରାପୁର ଗ୍ରାମର ଦୀପକ ରଣାଙ୍କ ଘରେ ଥିବା ଜାଣିବା ପରେ ପୁଲିସ ସେଠାରେ ପହଞ୍ଚିଥିଲା। ପୂର୍ବରୁ ଦିପକ ରଣାକୁ ଗିରଫ କରାଯାଇଥିବା ବେଳେ କୋରେଇ ଥାନା ଅନ୍ତର୍ଗତ ମୃତ୍ୟୁଂଜୟପୁର ପଣ୍ଡୁଲା ଗ୍ରାମର ଟିକୁ ଓରଫ ବିଶ୍ୱେଶ୍ୱର ମାଝୀ ଏହି ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ଚଢ଼ଉ ବେଳେ ସେ ଫେରାର ହୋଇଯାଇଥିଲା। ପରେ ପୁଲିସ ଟିକୁକୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଆଜି ଟିକୁକୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## 'ଗୋପବନ୍ଧୁଙ୍କ ଜୀବନ ମାଟି, ମଣିଷ ଓ ମାତୃଭାଷା ପାଇଁ ସମର୍ପିତ ଥିଲା'

**ଧର୍ମଶାଳା, ୯।୧୦(ସମିସ):** ଓଡିଆ ଜାତିର ଇତିହାସରେ ପଣ୍ଡିତ ଗୋପବନ୍ଧୁ ଦାସ ଏକ ଉଜ୍ଜ୍ୱଳତମ ନକ୍ଷତ୍ର। ସେ ଥିଲେ ଏକାଧାରରେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ଶିକ୍ଷାବିତ, ସାହିତ୍ୟିକ, ଆଇନଜୀବୀ ଓ ପ୍ରବୀଣ ସାମ୍ବାଦିକ। ଗୋପବନ୍ଧୁଙ୍କ ଜୀବନ ମାଟି, ମଣିଷ ଓ ମାତୃଭାଷା ପାଇଁ ସମର୍ପିତ ଥିଲା ବୋଲି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇ ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦସ୍ଥିତ ଶ୍ୟାମସୁନ୍ଦରଜୀଉ କଲ୍ୟାଣ ମଣ୍ଡପଠାରେ ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବର୍ଷିୟାନ ସାମ୍ବାଦିକ ବିଶ୍ୱନାଥ ସାମଲ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ତଥା ଗୋକର୍ଣ୍ଣିକା ସମ୍ପାଦକ ଡ. ରମାକାନ୍ତ ଜେନା ମୁଖ୍ୟବକ୍ତା ଓ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସ୍ୱରୁପାନନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଏହି ଅବସରରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ର କର୍ମକର୍ତ୍ତା ମାନେ ମଞ୍ଚାସୀନ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ସ୍ମୃତି ଚାରଣ କରିଥିଲେ। ରସାନନ୍ଦ ଦାସ, ବିବେକାନନ୍ଦ ଦାସ, ରାମଚନ୍ଦ୍ର ସେଠୀ, କୃଷ୍ଣଚନ୍ଦ୍ର ଦଳେଇ, ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ଜେନା, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ କେଶବ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ ଦାଶ, ଭରତ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାସ, ସୁଶାନ୍ତ ବିଶ୍ୱାଳ, ବିଶ୍ୱରଞ୍ଜନ ପ୍ରଧାନ, କିଶୋର ଜେନା, ନିତ୍ୟାନନ୍ଦ ବେହେରା, ପ୍ରଭାତ କୁମାର ପଣ୍ଡା, ଦୟାନିଧି ଦାଶ, ରବିନ୍ଦ୍ର ନାୟକ, ସୁଦର୍ଶନ ପଣ୍ଡା, ଧନେଶ୍ୱର ସାହୁ, ଭୀମସେନ ସାହୁ, ଶ୍ୟାମସୁନ୍ଦର ଦାସ, ରଘୁନାଥ ବେହେରା, ମହାରାଜ ରବୀନ୍ଦ୍ର ଦାଶ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ସଭାନେତ୍ରୀ ଶୈଳବାଳା ବେହେରା, ଉପସଭାନେତ୍ରୀ ପଦ୍ମିନୀ ମିଶ୍ର, ସୁମିତ୍ରା ବାରିକ, ସମ୍ପାଦିକା ମୀନତି ପଣ୍ଡା, ଝୁନାରାଣୀ ମିଶ୍ର, ରଶ୍ମିତା ନାୟକ, ରାଧାରାଣୀ ପଣ୍ଡା, ଦୀପିକା ବରାଳ, ସବିତା ବିଶ୍ୱାଳ, ସରସ୍ୱତୀ ସାହୁ, ରଞ୍ଜିତା ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ଜେନାଙ୍କ ସମେତ ଶତାଧିକ ମହିଳା ସଦସ୍ୟା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୁବାସ ସାହୁ, ସୁଧାକର ରଣା, ରଶ୍ମିରଞ୍ଜନ ବାରିକ କାର୍ଯ୍ୟକ୍ରମ ପରିଚାଳାରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

**ଖଣି ନିଗମ ପୋଷ୍ୟ ଗ୍ରାମର ବିକଳ ଚିତ୍ର**

# ରାସ୍ତା ଅବସ୍ଥା ଦୟନୀୟ, ଛାତ୍ରଛାତ୍ରୀ ହନ୍ତସନ୍ତ

ଆନନ୍ଦପୁର, ୯।୧୦(ସମିସ): ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ସ୍କୁଲ ବସ ବନ୍ଦ ହେଲେ ଛାତ୍ରଛାତ୍ରୀମାନେ ଦୁର୍ଗମ ଇଲାକାରୁ ଜଙ୍ଗଲ ରାସ୍ତାରେ ଦୀର୍ଘ ୫ କିଲୋମିଟର ଅତିକ୍ରମ କରି ସ୍କୁଲକୁ ଆସୁଥିବା ଏବଂ ଅଭିଭାବକମାନେ ଅସୁରକ୍ଷିତ ମନେକରି ପିଲାଙ୍କୁ ସ୍କୁଲ ବନ୍ଦ କରିଦେବା ପାଇଁ ହାରିଗୁହାରି କରିବା ଘଟଣା ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନଥିବାରୁ କ୍ଷୋଭ ପ୍ରକାଶ ପାଇଛି। ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ହରିଚନ୍ଦନପୁର ବ୍ଲକ ବରେଇଗୋଡା ପଞ୍ଚାୟତ ତାଳପଦା ଗ୍ରାମରେ। ଏହି ଗାଁକୁ ଓଡ଼ିଶା ଖଣିନିଗମ ପୌଷ୍ୟ ଗ୍ରାମ ଘୋଷଣା କରି ଏହାର ସର୍ବାଙ୍ଗୀନ ବିକାଶ ପାଇଁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରୁଥିବା ବେଳେ ଏହାର ବାସ୍ତବ ଚିତ୍ର ଅଲଗା ହୋଇପଡ଼େ। ଏହି ଗାଁର ଛାତ୍ରଛାତ୍ରୀ ୫ କିମି ବାଟ ଚାଲିଚାଲି ବିଦ୍ୟାଳୟ ଯାଉଛନ୍ତି। ସଂରକ୍ଷିତ ଜଙ୍ଗଲ ରାସ୍ତାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଦୈତାରିରୁ ତାଳପଦା ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ରାସ୍ତାର ବିଭିନ୍ନ ସ୍ଥାନରେ କାଦୁଅ ହେବା ସହ ବଡବଡ଼ ଖାଲ ହୋଇଛି। ନିକଟରେ ଦୈତାରିରୁ ସ୍କୁଲ ବସ ତାଳପଦା ଗ୍ରାମକୁ ଯିବା ସମୟରେ ଖାଲରେ ଫସି ରହିଥିଲା। ଏହାପରଠାରୁ ଛାତ୍ରଛାତ୍ରୀଙ୍କୁ ବିପଦସଙ୍କୁଳ ରାସ୍ତାରେ ନେବାଆଣିବା କରିବାରେ ବସ ଚାଳକମାନେ ଅକ୍ଷମତା ପ୍ରକାଶ କରିବାରୁ ସ୍କୁଲ ବସ ବନ୍ଦ। କିଛି ଅଭିଭାବକ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ବେଳେ କିଛି ଛାତ୍ରଛାତ୍ରୀ ସାଇକଲ ଯୋଗେ ଆଉ କିଛି ଛାତ୍ରଛାତ୍ରୀ ପାଦରେ ଚାଲିଚାଲି ଯିବା ଆସିବା କରୁଛନ୍ତି। ଏହି ରାସ୍ତାରେ ମୋବାଇଲ ଟାୱାର କେବୁଲ୍ ବିଛାଇବା ପାଇଁ ଠିକାସଂସ୍ଥା ପକ୍ଷରୁ ରାସ୍ତାକୁ ଖୋଳା ଯାଇଥିଲା। କାମ ସରିବା ପରେ ବେପରୁଆ ଭାବେ ଖୋଳା ଯାଇଥିବା ସ୍ଥାନକୁ ପୋତା ଯାଇ ନଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ରାସ୍ତାକଡ଼ରେ ବନ ବିଭାଗ ପକ୍ଷରୁ ପାହାଡ଼ରୁ ଆସୁଥିବା ବର୍ଷାଜଳ ନିଷ୍କାସନ ପାଇଁ ଖୋଳା ଯାଇଥିବା ଡ୍ରେନ୍ ମଧ୍ୟ ପୋତି ହୋଇଗଲାଣି। ଦୈତାରିଠାରୁ ଭାୟା ତାଳପଦା ଦେଇ ରେବଣା ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ହୋଇପାରିନାହିଁ। କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ତାଳପଦା ଗ୍ରାମରୁ ଦୈତାରୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ପାଦରେ ଚାଲି ଚାଲି ଯିବା କଷ୍ଟକର। ଅସରାଏ ବର୍ଷା ହେଲେ ରାସ୍ତା କାଦୁଅ ପଚ ପଚ



## ଜାତୀୟ ଶିକ୍ଷା ନୀତି କର୍ମଶାଳା

ବାରିପଦା, ୯।୧୦(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ନୀତି (ଏନଇପି)-୨୦୨୦ ଉପରେ ଏକ ଆଲୋଚନାଚକ୍ର ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ "ଜେନେସିସ୍ ଅଫ୍ ଏନଇପି-୨୦୨୦ ଆଣ୍ଡ ଇଟ୍ସ ରିଲେଭାନ୍ସ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। କୁଳପତି ପ୍ରଫେସର ମହେନ୍ଦ୍ର ମହାନ୍ତିଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗ ପ୍ରଫେସର ତଥା ଏନଇପି ସଂଯୋଜକ ଡ କବିତା କୁମାରୀ ସାହୁ ସଂଯୋଜନା କରିଥିଲେ। ଜାତୀୟ ଶିକ୍ଷା ନୀତିର ମୂଳଲକ୍ଷ୍ୟ, ଭବିଷ୍ୟତ ଦୃଷ୍ଟିକୋଣ ଓ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ନୂତନ ଶିକ୍ଷାନୀତିରେ ଅଭିଜ୍ଞତାଭିତ୍ତିକ ଶିକ୍ଷାଦାନ, ବହୁବିଷୟକ (ମଲ୍ଟି-ଡିସିପ୍ଲିନାରୀ) ଶିକ୍ଷା ବ୍ୟବସ୍ଥା, ସମୃଦ୍ଧ ଭାରତୀୟ ଜ୍ଞାନ ପରମ୍ପରାକୁ ଆଧୁନିକ ପାଠ୍ୟକ୍ରମ ସହ ସାମିଲ କରିବା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ଅଧ୍ୟାପକଅଧ୍ୟାପିକା, ଗବେଷକ ଓ ବରିଷ୍ଠ ନାଗରିକ ଉପସ୍ଥିତ ରହି ଏନଇପି-୨୦୨୦ର ସଫଳ ରୂପାୟନ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହାର ସୁଦୂରପ୍ରସାରୀ ପ୍ରଭାବ ନେଇ ମତ ଉପସ୍ଥାପନ କରିଥିଲେ।

## ସଂକୀର୍ତ୍ତନ ଦଳର ଶ୍ରୀକ୍ଷେତ୍ର ପଦଯାତ୍ରା



ଆନନ୍ଦପୁର, ୯।୧୦ (ସମିସ): ଘସିପୁରା ବ୍ଲକ ତରୁଆଁ ଓ ଶାଳଦେଇ ପଞ୍ଚାୟତର ବଣିଆପଶି, ଉଜୁଣୀ, ତରୁଆଁ, ଅଳିଗାଁ, ସାଇଁପାଳ ଲୁଣହାର, ବ୍ରାହ୍ମଣଦା, ଓ ଶଙ୍କରପୁର ଗ୍ରାମର ଶତ୍ରୁଘ୍ନ ଭଞ୍ଜ, ନବଘନ ବେହେରା, କୃଷ୍ଣଚନ୍ଦ୍ର ପାତ୍ର, ହରିହର ବାରିକ, କୃଷ୍ଣଚନ୍ଦ୍ର ଗାହାଣ, ଅବିନାଶ ପ୍ରକାଶ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ସାଗର ମଳିକ, ପର୍ଶୁରାମ ଖଟୁଆ, ଶରତ ଦାସ, ପାଗଳ ଦାସ, ମଦନ ମୋହନ ଜେନା, ଗୋଲଖଚନ୍ଦ୍ର ସ୍ୱାଇଁ, ମୃଷିକଚନ୍ଦ୍ର ନାଥ, ରମାକାନ୍ତ ସା, ସୁଦର୍ଶନ ସା ଅନିରୁଦ୍ଧ ଜେନାଙ୍କ ସହିତ ଅତା ମଠ ବାବା ରଘୁବର ଦାସ ଓ ମଉାବାଦର ସୁରେନ୍ଦ୍ର କୁମାର ସେନାପତି ମିଳିତ ହୋଇ ଉଜୁଣୀ ଭାଗବତ ଟୁଙ୍ଗି ଠାରେ ପୂଜାର୍ଚ୍ଚନା କରି ସଂକୀର୍ତ୍ତନ ସହିତ ପୁରୀ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି। ସୁଆଁପଦା ଠାରେ ପ୍ରଫୁଲ ବେହେରା ବନବିହାରୀ ଘଡେଇ ବଡପଦନା ଛକରେ ମଳୟ ସାହୁ, ଅଶୋକ ସାହୁ ଉତ୍ତମ ସାହୁ ସ୍ୱାଗତ କରିଥିଲେ। ଜରଦାରେ ଦୁର୍ଯ୍ୟୋଧନ ବିଶ୍ୱାଳ ଓ ଅଚ୍ୟୁତାନନ୍ଦ ଜେନା ସେମାନଙ୍କୁ ସ୍ୱାଗତ କରିଥିଲେ। ବାଂଛେଶ୍ୱର ମହାଦେବ ମନ୍ଦିର, ଶନିଶ୍ଚର ପୀଠ, ମା ମଙ୍ଗଳା ପୀଠ, ବ୍ରାହ୍ମଣୀ ଦେବୀ ପୀଠ, ହିଙ୍ଗୁଳା ମନ୍ଦିର, ଆଖଣ୍ଡଳମଣି ମନ୍ଦିର ଓ ଜଗନ୍ନାଥ ମନ୍ଦିରଠାରେ ପୂଜା ଓ ସଂକୀର୍ତ୍ତନ କରି ପୁରୀ ଯାତ୍ରା କରିଥିଲେ।

## ଚାଲାଣ ବଦଳରେ ହେଲ୍‌ମେଟ୍ ସଚେତନତା

ଯୋଡ଼ା/ବଡ଼ବିଲ, ୯।୧୦ (ସମିସ): ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଥିବା ଚାଳକଙ୍କୁ ଜରିମାନା କରିବା ପରିବର୍ତ୍ତେ ସେମାନଙ୍କୁ ସଡ଼କ ସୁରକ୍ଷାର ମହତ୍ତ୍ୱ ବୁଝାଇ ହେଲମେଟ୍ ପ୍ରଦାନ କରି ଚର୍ଚ୍ଚାକୁ ଆସିଛନ୍ତି ବଡ଼ବିଲ ଏଆରଟିଓ। କେନ୍ଦୁଝର ଜିଲ୍ଲାର ବଡ଼ବିଲ ସହରସ୍ଥିତ କିରିବୁରୁ ଛକରେ ଅଧିକାରୀଙ୍କ ଏହି ଅଭିନବ ପଦକ୍ଷେପ ଲୋକଙ୍କ ମଧ୍ୟରେ ସକାରାତ୍ମକ ବାର୍ତ୍ତା ଦେଇଛି। କିରିବୁରୁ ଛକ ନିକଟରେ ହେଲମେଟ୍ ନ ପିନ୍ଧି ଦୁଇଚକିଆ ଯାନ ଚଳାଉଥିବା କିଛି ଚାଳକଙ୍କୁ ବଡ଼ବିଲର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ) ଓ ମୋଟର ଯାନ ନିରୀକ୍ଷକ (ଏମ୍‌ଭିଆଇ) ଅଟକାଇଥିଲେ। ଦଣ୍ଡ ଅପେକ୍ଷା ସଚେତନତା ମାଧ୍ୟମରେ ଚାଳକଙ୍କ ମନରେ ସୁରକ୍ଷିତ ଯାତାୟାତ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏହି ପ୍ରୟାସ ସଡ଼କ ସୁରକ୍ଷା ଅଭିଯାନକୁ ଏକ ନୂଆ ଦିଗ ଦେଇଛି। ଏଭଳି ପଦକ୍ଷେପ ଚାଳକମାନଙ୍କୁ ନିୟମ ପାଳନ ସହ ସୁରକ୍ଷିତ ଯାତ୍ରା ପାଇଁ ପ୍ରେରଣା ଯୋଗାଇବ ବୋଲି ଆଶା କରାଯାଉଛି।

## ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ

କୁଆମରା, ୯।୧୦(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଆଜି ପୁରୁଣା ବାରିପଦା ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋପବନ୍ଧୁଙ୍କ ଜୟନ୍ତୀ ଓ ପ୍ରେସ କ୍ଲବର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଆରସିସି କୁଳମଣି ନାଏକ, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ ପ୍ରମୁଖ ଯୋଗଦେଇ ଗୋପବନ୍ଧୁ ଜଣେ ସୁସଂଗଠକ, ସମାଜସେବୀ ଓ ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିବା ସହ ତାଙ୍କ ଆଦର୍ଶ ଓ ନୀତିକୁ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରାଯାଇଥିଲା। ଏଥିପୂର୍ବରୁ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର ତିନି କୃତୀ ଛାତ୍ରଛାତ୍ରୀ ଶୁଭମ ମହାପାତ୍ର, ସୁଗନ୍ଧା ପୃଷ୍ଟି, ବାଦଲ ବାସ୍କେଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଶେଷରେ କପ୍ତିପଦା ଉପଖଣ୍ଡର ବରିଷ୍ଠ ସାମ୍ବାଦିକ ତଥା କବି ଇନ୍ଦ୍ରମଣୀ ବିନ୍ଧାଣୀଙ୍କ ପରଲୋକରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରେସ କ୍ଲବର ଉପସଭାପତି ଚିତ୍ତରଞ୍ଜନ ଦଳେଇ ଅତିଥି ପରିଚୟ ଓ ସଂପାଦକ ଡଃ କୁମାର ବାବୁଲି ଧନ୍ୟବାଦ ଦେଇଥିଲେ। ଶାନ୍ତନୁ କୁମାର ମଢୁଆଳ, ଦୀପକ ଚୌଧୁରୀ, ରଞ୍ଜନ ମଢୁଆଳ, ସମ୍ବିତ ରାଉତ, ବିଶ୍ୱଜିତ ଦାଶ, ସୂର୍ଯ୍ୟକାନ୍ତୀ ପୁହାଣ, ଜୟନ୍ତ କୁମାର ସ, ଯୋଗେଶ୍ୱର ସାହୁ, ମାଣିକ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ରାସଗୋବିନ୍ଦପୁରର ଦୁଇଟି କଲେଜରେ ୬୧ଟି ନାମାଙ୍କନ

ରାସଗୋବିନ୍ଦପୁର, ୯।୧୦(ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ରାସଗୋବିନ୍ଦପୁର ବ୍ଲକର ଦୁଇଟି କଲେଜରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ନଳଗଜାସ୍ଥ ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଅନ୍ୟ ଏକ ଛାତ୍ର ସଂଗଠନ ପକ୍ଷରୁ ୨୬ଟି ପଦବୀ ପାଇଁ ୪୯ ଜଣ ଛାତ୍ରଛାତ୍ରୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଶହୀଦ ମେମୋରିଆଲ ଡିଗ୍ରୀ କଲେଜରେ ପ୍ରଥମଥର ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ୬ଟି ପଦବୀ ପାଇଁ ଏବିଭିପି ଓ ବିସିଜେଡି ପକ୍ଷରୁ ୧୨ ଜଣ ଛାତ୍ରଛାତ୍ରୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।



## ଖୁଣ୍ଟା ଡିଗ୍ରୀ କଲେଜରେ ୨୪ ପ୍ରାର୍ଥୀ

କୁଆମରା, ୯।୧୦(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ସଂସଦର ବିଭିନ୍ନ ପଦବୀ ନିମନ୍ତେ ୨୪ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମହାବିଦ୍ୟାଳୟ ଯାଞ୍ଚ କମିଟି ମାଧ୍ୟମରେ ସମସ୍ତ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ୭ଟି ପଦବୀ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, ଡିଏସ୍ଏ ସମ୍ପାଦକ, କ୍ରୀଡ଼ା ସମ୍ପାଦକ, ନାଟ୍ୟ ସମ୍ପାଦକ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇଥିବା ଜଣାପଡ଼ିଛି।

## ଚିତ୍ରଡ଼ା ମହାବିଦ୍ୟାଳୟରେ ୨୫ ପ୍ରାର୍ଥିପତ୍ର ଦାଖଲ, ୫ ନାକଚ

ମୋରଡା, ୯।୧୦(ସମିସ): କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଚଳଚଞ୍ଚଳ ହୋଇଉଠିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକରେ ଥିବା ବିଭିନ୍ନ କଲେଜ କ୍ୟାମ୍ପସ୍। ଆଜି ନାମାଙ୍କନ ପ୍ରକ୍ରିୟା ଶେଷ ହେବା ସହ ବିଭିନ୍ନ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୋରଡା ବ୍ଲକର ଚିତ୍ରଡା ମହାବିଦ୍ୟାଳୟରେ ସମସ୍ତ ପଦବୀ ପାଇଁ ୨୫ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ବିଭିନ୍ନ କାରଣରୁ ୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ତେବେ ସଭାପତି ପଦବୀ ନିମନ୍ତେ ତିନିଜଣ ପ୍ରାର୍ଥୀ ଲଢୁଥିବାବେଳେ ସାଧାରଣ ସମ୍ପାଦକ ପାଇଁ ତିନିଜଣ ଓ ଅନ୍ୟ ପଦବୀକୁ ମିଶାଇ ୨୦ ଜଣ ପ୍ରାର୍ଥୀ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରଙ୍କ ସମର୍ଥନ ହାସଲ କରିବା ସହ କଲେଜର ବିଭିନ୍ନ ସମସ୍ୟାର ସମାଧାନ, ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଧିକାର ପାଇଁ କାମ କରିବାକୁ ପ୍ରାର୍ଥୀମାନେ ଗୁରୁତ୍ୱ ଦେଉଛନ୍ତି। ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଓ ନିରପେକ୍ଷ ମତଦାନ ସୁନିଶ୍ଚିତ କରିବା ଉପରେ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି।

## ତାଳପଦା ଫରେଷ୍ଟ ବିଟ୍‌ରେ ବନ୍ୟପ୍ରାଣୀ ସୁରକ୍ଷା ସଚେତନତା

ଠାକୁରମୁଣ୍ଡା, ୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ତାଳପଦା ବିଟ୍‌ରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସହିତ ପରିବେଶର ସନ୍ତୁଳନ ବଜାୟ ରଖିବା ଓ ସାଧାରଣ ଲୋକଙ୍କୁ ଏ ଦିଗରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ କରଞ୍ଜିଆ ବନଖଣ୍ଡ ଅଧିକାରୀ ଅଜୟ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ତାଳପଦା ପଞ୍ଚାୟତର ସମିତି ସଭ୍ୟ ସାହେବ ସାମାଡ଼, ସମାଜସେବୀ ସତ୍ୟାନନ୍ଦ ପଲେଇ, ଫରେଷ୍ଟ ଗାର୍ଡ ସବିତା ମହାନ୍ତ ଓ ସାମ୍ବାଦିକ ଶରତ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ପରିବେଶର ସୁରକ୍ଷା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ଏ ଅବସରରେ ବନ୍ୟପ୍ରାଣୀ ପ୍ରକୃତିର ଅମୂଲ୍ୟ ସମ୍ପଦ ହୋଇଥିବାରୁ ସେମାନଙ୍କ ସୁରକ୍ଷା ଦିଗରେ ସମସ୍ତଙ୍କର ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସେହିପରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକେ ବନ୍ୟପ୍ରାଣୀଙ୍କ ଗତିବିଧି ଦେଖିଲେ ସତର୍କ ରହିବା ସହ ନିଜ ଆଡୁ ସେମାନଙ୍କୁ ଆକ୍ରମଣ କିମ୍ବା ଉତ୍ତେଜିତ ନ କରିବା ଉଚିତ। କୌଣସି ବନ୍ୟପ୍ରାଣୀ ଗାଁ କିମ୍ବା ଜନବସତି ନିକଟକୁ ଆସିଲେ ତୁରନ୍ତ ବନ ବିଭାଗକୁ ଖବର ଦେବା ସହ ବିଭାଗୀୟ କର୍ମଚାରୀଙ୍କୁ ସହଯୋଗ କରିବା ଉପରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରକୃତିର ସନ୍ତୁଳନ ରକ୍ଷା କରିବା ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ। ଏଥିପାଇଁ କେବଳ ବନ ବିଭାଗ ନୁହେଁ, ବରଂ ସ୍ଥାନୀୟ ଜନସାଧାରଣ, ଯୁବଗୋଷ୍ଠୀ ଓ ସମାଜର ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ଭାଗୀଦାରି ଆବଶ୍ୟକ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ।



## ପାଟଣାରେ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର

ତୁରୁମୁଙ୍ଗା, ୯।୧୦(ସମିସ): ସେବା ସଂକଳ୍ପ ଅଭିଯାନ ଅବସରରେ ପାଟଣା ବ୍ଲକ ପାଠାଗାରରେ ଶୁକ୍ରବାର ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାଏକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ଼ାକ୍ତର ସୁବାସ ପାତ୍ର, ଅତିରିକ୍ତ ତହସିଲଦାର ଶରଣ ଜେନା, ରବିଶଙ୍କର ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ପାଟଣା ବିଡ଼ିଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ହୋମିଓପାଥି, ଚକ୍ଷୁ, ଭେଷଜ ଓ ସ୍ତ୍ରୀ ଓ ଶିଶୁ ରୋଗ ବିଭାଗ ସମେତ ବିଭିନ୍ନ ବିଭାଗର ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ। ରୋଗୀଙ୍କର ରକ୍ତ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଶିବିରରୁ ମୋଟ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସହକାରୀ ଯନ୍ତ୍ରୀ ସସ୍ମିତା ବେହେରା, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଦେହୁରୀ, ଏପିଓ ମଧୁସୂଦନ ପ୍ରଧାନ ପ୍ରକଳ୍ପ ସଂଯୋଜକ ଜୀବିକା ମିଶନ ସୁସ୍ମିତା ସାହୁ, ବିପିସି ସୁରେନ୍ଦ୍ରନାଥ ଖଣ୍ଡା, ବିଆରସି ଜମାଲ ଉଦ୍ଦିନ ଖାନ, ବିପିଏମ ଦୀପକ ନାୟକ, ଯନ୍ତ୍ରୀ ଅଜୟ ଝା, ମନୋଜ ପଣ୍ଡାଙ୍କ ସହ ବ୍ଲକ କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀ, ଶ୍ରୀସାଇନର୍ସିଂ କଲେଜର ଛାତ୍ରଛାତ୍ରୀ ଆଞ୍ଚଳିକ ମହାବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

**● ଋଣ କରାଇଦେବା ପ୍ରଲୋଭନ ଦେଖାଇ ଠକେଇ**

## ଶତାଧିକ ମହିଳାଙ୍କୁ ଠକିଥିବା ମହିଳା ଗିରଫ

ବେତନଟୀ, ୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଥାନା ଅଧୀନ ବାହାନଡ଼ା ଗ୍ରାମର ହେମନ୍ତ ପଲେଇଙ୍କ ପତ୍ନୀ ମୋନାଲିସା ପଲେଇ ବେତନଟୀ ସମେତ ଚାରୋଟି ବ୍ଲକ ଅଞ୍ଚଳରୁ ଶତାଧିକ ମହିଳାଙ୍କୁ ସବସିଡି ଯୁକ୍ତ ଋଣ କରାଇଦେବା କହି ନ ଦେବାରୁ ଏହି ବିଷୟରେ ଗତ ବୁଧବାର ଦିନ ବେତନଟୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ବେତନଟୀ ଥାନା ଅଧୀନ ଭୋଗବାଟୀ ଗ୍ରାମର ସୋରଜ କୁମାର ପରିଡାଙ୍କ ପତ୍ନୀ ଶୁଭଶ୍ରୀ ପରିଡାଙ୍କ ଲିଖିତ ଅଭଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୪୦୦/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ମୋନାଲିସାଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି।

ମୋନାଲିସା ପଲେଇ ପ୍ରତ୍ୟେକ ସ୍ୱୟଂସହାୟକ ଗୋଷ୍ଠୀରୁ ପ୍ରତି ସଦସ୍ୟଙ୍କଠାରୁ ୨ ହଜାର ହିସାବରେ ପ୍ରାୟ ୩ ଶହରୁ ଅଧିକ ସଦସ୍ୟଙ୍କଠାରୁ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏକ ବର୍ଷ ପୂର୍ବରୁ ନେଇଥିଲେ। ଏହି ଟଙ୍କା ନେବା ଦିନଠାରୁ ଋଣ ଓ ସବସିଡି ପ୍ରଦାନ କରିବା ପାଇଁ ବାରମ୍ବାର ତାରିଖ ବଦଳାଇ ଟଙ୍କା ପ୍ରଦାନ କରିଥିବା ମହିଳାଙ୍କୁ ଠକି ଚାଲିଥିଲେ।

ଶେଷରେ ମହିଳାମାନେ ସବସିଡି ଯୁକ୍ତ ଋଣ ଟଙ୍କା ସ୍ଥାନୀୟ ବିଭିନ୍ନ ବ୍ୟାଙ୍କରୁ ଋଣ ନ ମିଳବାରୁ ସେମାନେ ହତାଶ ହୋଇଥିଲେ। ଗତ ସେପ୍ଟେମ୍ବର ୨୧ ତାରିଖରେ ମହିଳାମାନେ ମିଳିତ ହୋଇ ଅଭିଯୁକ୍ତ ମହିଳାଙ୍କଠାରୁ ଜଣେ ଓକିଲଙ୍କ ମାଧ୍ୟମରେ ଲିଖିତ ଚୁକ୍ତିପତ୍ର କରାଇଥିଲେ। ଏହି ଚୁକ୍ତି ଅନୁସାରେ ଗତ ଅକ୍ଟୋବର ୭ ତାରିଖରେ ମହିଳାଙ୍କଠାରୁ ଠକି ନେଇଥିବା ଟଙ୍କା ଫେରସ୍ତ କରିବା ପାଇଁ ଲେଖାଯାଇଥିଲା। ଚୁକ୍ତିପତ୍ର ଅନୁସାରେ ଏହି ତାରିଖ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଟଙ୍କା ଫେରସ୍ତ ନ କରିବାରୁ ମହିଳାମାନେ ମିଳିତ ଭାବେ ବେତନଟୀ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ।

ଏହି ଅଭିଯୋଗ ଶୁଭଶ୍ରୀ ପରିଡା କରିଥିବାବେଳେ ମୋନାଲିସା ପଲେଇଙ୍କ ସହିତ ଆମ୍ବଯୋଡ଼ା ଗ୍ରାମର ମନୋଜ ବେହେରା, ତୁଳସୀଚଉରା ଗ୍ରାମର ସଂଯୁକ୍ତା ମହାନ୍ତ, ଶାନ୍ତିଲତା ମହାନ୍ତ, ବାହାନଡ଼ା ଗ୍ରାମର କଟି ପଲେଇ, ମମତା ସିଂହ, ବାରିପଦାର ଚିପଟଅଷ୍ଟିଆର ଶୀତଳ ପଣ୍ଡାଙ୍କ ନାମରେ ଅଭିଯୋଗ ରହିଛି। ଥାନାରେ ଅଭିଯୋଗ କରିଥିବା ଶୁଭଶ୍ରୀ ପରିଡ଼ାଙ୍କ ସହିତ ପ୍ରିୟଦର୍ଶନୀ ସିଂ, ମାମାଲି ଦେହୁରୀ, ନମିତା ସାହୁ, ସବିତା ଦାସ, ସଂକ୍ରି ଜେନା, ଲତା ମହାନ୍ତ, ସନ୍ଧ୍ୟାରାଣୀ ଦେହୁରୀ, ଗଂଜିତା ଦେହୁରୀ, ରୁପାଲୀ ପ୍ରଧାନ ପ୍ରମୁଖ ମହିଳା ଥାନାରେ ଉପସ୍ଥିତ ରହି ଅଭିଯୋଗ ଦେବାରେ ସହଯୋଗ କରିଥିଲେ।

**■ ଅଦାଲତ ଅବମାନନା ମାମଲା**

## ବାରିପଦା ପୌର ନିର୍ବାହୀ ଅଧିକାରୀଙ୍କୁ ହାଇକୋର୍ଟରେ ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ

ବାରିପଦା, ୯।୧୦(ସମିସ): କୋର୍ଟଙ୍କ ଆଦେଶ ପାଳନ ନ କରିବା ଓ ଅଦାଲତ ଅବମାନନା କରିବା ଅଭିଯୋଗରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାରିପଦା ପୌରପାଳିକାର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅକ୍ଟୋବର ୨୯ ତାରିଖରେ ତାଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନା ମୁତାବକ, ଆବେଦନକାରିଣୀ ଲୀଳାବତୀ ଦାସଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲା (ସିଓଏନଟିସି ନଂ ୩୦୩/୨୦୨୬)ର ଶୁଣାଣି କରି ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ୨୦୨୪ ନଭେମ୍ବର ୧୪ ତାରିଖରେ ଆବେଦନକାରିଣୀଙ୍କ ଅଭିଯୋଗର ବିଚାର କରି ନିଷ୍ପତ୍ତି ନେବା ପାଇଁ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଦୀର୍ଘଦିନ ଧରି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିଲା।

ଏହି ମାମଲାରେ ବିପକ୍ଷ ପକ୍ଷରୁ ଦାଖଲ କରାଯାଇଥିବା କାରଣ ଦର୍ଶାଅ ଉତ୍ତରରେ ଦର୍ଶାଯାଇଥିଲା ଯେ, ଆବେଦନକାରୀଙ୍କୁ ନୋଟିସ୍ ପଠାଯାଇଥିଲେ ହେଁ ଠିକଣା ନ ମିଳିବାରୁ ତାହା ଫେରି ଆସିଥିଲା। କିନ୍ତୁ ଶୁଣାଣି ସମୟରେ ବିପକ୍ଷ ପକ୍ଷର ଓକିଲ ନୋଟିସ୍ ପ୍ରେରଣ ସମ୍ପର୍କିତ କୌଣସି ସନ୍ତୋଷଜନକ ପ୍ରମାଣ ଉପସ୍ଥାପନ କରିପାରି ନ ଥିଲେ। କୋର୍ଟଙ୍କ ଆଦେଶ ପାଳନ ନ କରିବା ପାଇଁ ଦିଆଯାଇଥିବା ଏଭଳି ଯୁକ୍ତିକୁ ଅଦାଲତ ଗ୍ରହଣ କରି ନ ଥିଲେ। ଫଳସ୍ୱରୂପ ଅଦାଲତ ଅବମାନନା ଆଇନ ଅନୁଯାୟୀ କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ, ସେ ସମ୍ପର୍କରେ ନିଜର ପକ୍ଷ ରଖିବା ପାଇଁ ନିର୍ବାହୀ ଅଧିକାରୀ ଶ୍ରୀ ରାଉତଙ୍କୁ ଆସନ୍ତା ଅକ୍ଟୋବର ୨୯ ତାରିଖରେ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପମ ଦାଶ ଓ ପ୍ରତିପକ୍ଷ ତରଫରୁ ଆଇ ପାଣି ମାମଲା ପରିଚାଳନା କରୁଛନ୍ତି।

# ଦୁର୍ଗାପୂଜା ଓ ରାବଣପୋଡ଼ି ପାଇଁ ଶାନ୍ତି କମିଟି ବୈଠକ

**ଶୃଙ୍ଖଳିତ ପୂଜା ପାଳନ ଉପରେ ଗୁରୁତ୍ୱ**

ଉଦଳା, ୯।୧୦(ସମିସ)

ମା' ଦୁର୍ଗାଙ୍କ ଆଗମନକୁ ନେଇ ଚାରିଆଡ଼େ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବାବେଳେ ଶାନ୍ତି, ମୈତ୍ରୀ ଓ ଭାତୃତ୍ୱର ପର୍ବ ଶାରଦୀୟ ଦୁର୍ଗାପୂଜା ଓ ରାବଣପୋଡ଼ି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ କପ୍ତିପଦା ଉପଖଣ୍ଡସ୍ତରୀୟ ସର୍ବଦଳୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଉପଜିଲ୍ଲାପାଳ ପ୍ରଣୟ ରଞ୍ଜନ ବେହେରାଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଅଧ୍ୟକ୍ଷତା କରି ସଭା ପରିଚାଳନା କରିଥିଲେ। ଏଥିରେ ଉଦଳା ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ପୂଜା କମିଟି କର୍ମକର୍ତ୍ତା, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ପୂଜାମଣ୍ଡପ ନିର୍ମାଣ ଲାଗି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆବଶ୍ୟକ ଅନୁମତି ଗ୍ରହଣ କରିବା ସହ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗର ନିରାପତ୍ତା ମାନଦଣ୍ଡ ପାଳନ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପୂଜା ସମୟରେ ନିରବଚ୍ଛିନ୍ନ ପାନୀୟଜଳ ଯୋଗାଣ, ଆଶୁ ଚିକିତ୍ସା ସୁବିଧା, ପରିମଳ ବ୍ୟବସ୍ଥା, ରାସ୍ତା ଆଲୋକୀକରଣ, ଟ୍ରାଫିକ୍ ଓ ପାର୍କିଂ ନିୟନ୍ତ୍ରଣ, ସ୍ୱେଚ୍ଛାସେବୀ ନିୟୋଜନ, ମାଦକ ଦ୍ରବ୍ୟ ନିଷେଧ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ତୋରଣ ନିର୍ମାଣ ବେଳେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ସାମାଜିକ ସଦ୍‌ଭାବ ବଜାୟ ରଖି ଭକ୍ତିପୂର୍ଣ୍ଣ ମାହୋଲରେ ପୂଜା ପାଳନ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ବୈଠକ ପରିଚାଳନାରେ ବରିଷ୍ଠ ରାଜସ୍ୱ ସହାୟକ ସତ୍ୟପ୍ରକାଶ ପାତ୍ର, ଇଭାନ ଦଳେଇ, ଦୁଷ୍ମନ୍ତ ନାଏକ ଓ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଲବଣୀ ବେହେରା
ଗାଡକଣ, ଖୋରଧା

ଆବିର୍ଭାବ - ୦୧/୦୧/୧୯୨୦
ତିରୋଧାନ - ୦୧/୧୦/୨୦୨୬

ଆଜି ଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଓ ସଦଗତି ପ୍ରାପ୍ତ ହେଉ।

ଶୋକସନ୍ତପ୍ତ: କୁଞ୍ଜବିହାରୀ ବେହେରା ଓ ପରିବାରବର୍ଗ

ରାଣୀ ଓମ୍‌ଫେଡ୍, ବୁଥ ନଂ. ୧୩୮୦

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରୁହନ୍ତୁ। ଧୈର୍ଯ୍ୟର ସହ କାମ କରନ୍ତୁ। ସନ୍ତାନଙ୍କ ସହ ମଜାମସ୍ତିରେ ଦିନ ବିତିବ।

**ବୃଷ:** ଅଟକି ରହିଥିବା କାମକୁ ପୂରା କରିବେ। କର୍ମକ୍ଷେତ୍ରରେ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ କରିବାକୁ ଗୁରୁତ୍ୱ ଦିଅନ୍ତୁ। ପରିଶ୍ରମର ଫଳ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମିଥୁନ:** ପୁରୁଣା ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ମାନସମ୍ମାନ ଓ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ପଢ଼ାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ। ଧୈର୍ଯ୍ୟର ସହ କାମ କରନ୍ତୁ। ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ। ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ। ଦୂରସ୍ଥାନ ଯାତ୍ରା କରିପାରନ୍ତି।

**ସିଂହ:** କାମଚାପ ଅଧିକ ରହିବ। ବପିଢ଼ିଙ୍କ ପାଇଁ ସମୟ ଅନୁକୂଳ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଗୁରୁଜନଙ୍କ କଥା ମାନି ଚଳନ୍ତୁ। ଅଭିଭାବକ ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ। କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି। ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ଥକ୍କାପଣ ଅନୁଭବ କରିବେ।

**ତୁଳା:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବେ। ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ। ପ୍ରେମ ବ୍ୟାପାରରେ ସଫଳ ହେବେ। ଘର କାମରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ। ଥକ୍କାପଣ ଅନୁଭବ କରିପାରନ୍ତି। ଉଧାର ଦେଇପାରନ୍ତି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ଶତ୍ରୁଠାରୁ ଦୂରେଇ ରୁହନ୍ତୁ।

**ମକର:** ମହିଳା ସହକର୍ମୀଙ୍କ ସହଯୋଗ ମିଳିବ। ଚିନ୍ତା କରି ସେୟାର ମାର୍କେଟରେ ଟଙ୍କା ଲଗାନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ। ମନକୁ ଆୟତ୍ତରେ ରଖିବା ଭଲ। କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ। ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ।

**ମୀନ:** ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ। ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ସାବଧାନତା ସହିତ କାର୍ଯ୍ୟ କରନ୍ତୁ।

## ଆଜିର ଇତିହାସ

- ୧୯୧୦- ବାରାଣସୀରେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ନେତୃତ୍ୱରେ ପ୍ରଥମ ଅଖିଳ ଭାରତୀୟ ହିନ୍ଦୀ ସମ୍ମିଳନୀର ଆୟୋଜନ କରାଗଲା।
- ୧୯୪୨- ସୋଭିଏତ୍ ସଂଘ ଅଷ୍ଟ୍ରେଲିଆଠାରୁ ରାଜନୈତିକ ସମ୍ପର୍କ ଛିନ୍ନ କଲା।
- ୧୯୭୦- ଫିଜି ସ୍ୱାଧୀନ ହେଲା।
- ୧୯୯୨- ହୁଗୁଳି ନଦୀ ଉପରେ ନିର୍ମିତ ବିଦ୍ୟାସାଗର ସେତୁକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।



# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଏ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ମାନସିକ ରୋଗ ବିଷୟରେ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନ ପଛର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଶାରୀରିକ ସ୍ୱାସ୍ଥ୍ୟ ଏବଂ ମାନସିକ ସ୍ୱାସ୍ଥ୍ୟ ଉଭୟ ପରସ୍ପର ସହ ଜଡ଼ିତ। ଯଦି ମନ ଶାନ୍ତ ନ ଥାଏ, ତେବେ ତା'ର ସିଧାସଳଖ ପ୍ରଭାବ ଶରୀର ଉପରେ ପଡ଼େ, ଯାହା ଫଳରେ ରକ୍ତଚାପ, ହୃଦ୍‌ରୋଗ ଏବଂ ଅନିଦ୍ରା ଭଳି ସମସ୍ୟା ଦେଖାଦିଏ। ସୁସ୍ଥ ଶରୀର ପାଇଁ ଏକ ସୁସ୍ଥ ମନର ଆବଶ୍ୟକତା ସବୁଠୁ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, କୋଭିଡ୍ ୧୯ ମହାମାରୀ ପରେ ସାରା ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ପାଇଛି। ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୃଦ୍ଧଙ୍କ ପର୍ଯ୍ୟନ୍ତ, ସମସ୍ତେ ଆଜି କେଉଁଠି ନା କେଉଁଠି ମାନସିକ ଚାପ, ଚିନ୍ତା ଓ ଅବସାଦର ଶିକାର ହେଉଛନ୍ତି। ସାରା ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ଓ ଏହି ରୋଗୀମାନେ ନିଜକୁ କ୍ଷତି ପହଞ୍ଚାଉଥିବାରୁ ଏ ଦିଗରେ ସଚେତନତା ଲାଗି ୱାର୍ଲଡ୍ ଫେଡେରେସନ୍ ଫର୍ ମେଣ୍ଟାଲ୍ ହେଲଥ୍ ନାମକ ସଂସ୍ଥାର ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏହି ଦିବସ ୧୯୯୨ ମସିହାରେ ପାଳନ କରାଯାଇଥିଲା। ସେବେଠାରୁ ଅକ୍ଟୋବର ୧୦ରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନ କରାଇବା ପାଇଁ ବୈଶ୍ୱିକ ସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ଏହି ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ତଥା ଏହାର ନିରାକରଣ ନିମିତ୍ତ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ସହ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହାସହ ମାନସିକ ରୋଗୀଙ୍କ ସମସ୍ୟା ଶୁଣି ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଏ। ମାନସିକ ରୋଗର ଚିକିତ୍ସା ନାହିଁ ବୋଲି ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏଣୁ ବିନା ସଙ୍କୋଚରେ ମାନସିକ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଲେ ଏହି ରୋଗରୁ ନିହାତି ଭାବେ ବାହାରି ପାରିବେ। ଆମ ଦେଶରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ, ସ୍କିଜୋଫ୍ରେନିଆ, ଆଙ୍ଗ୍‌ଜାଇଟି ଓ ବାଇପୋଲାର ରୋଗ ଆଦି। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ। ସ୍କିଜୋଫ୍ରେନିଆ ରୋଗ ସବୁଠାରୁ ଗୁରୁତର ମାନସିକ ରୋଗ। ଏହିସବୁ ମାନସିକ ରୋଗ ଯୋଗୁ ବର୍ତ୍ତମାନ ଆତ୍ମହତ୍ୟାର ସଂଖ୍ୟା ମଧ୍ୟ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। । ଚଳିତ ବର୍ଷ ବିଶ୍ୱ ମାନସିକ ଦିବସର ବିଷୟବସ୍ତୁ ରହିଛି- ଅନୁଭୂତିର ଶୁଣାଣି: ପ୍ରକୃତ ସ୍ୱର, ପ୍ରକୃତ ପରିବର୍ତ୍ତନ। ଏହା ଆମକୁ ମନେ ପକାଇଦିଏ ଯେ, ଯେଉଁମାନେ ମାନସିକ ଚାପ ଓ ଅବସାଦ ଭଳି କଠିନ ସମସ୍ୟା ଦେଇ ଗତି କରିଛନ୍ତି, ସେମାନଙ୍କ କାହାଣୀ ଓ ସ୍ୱରକୁ ସମାଜରେ ସ୍ଥାନ ମିଳିବା ଉଚିତ। କେବଳ ମେଡିକାଲ ପ୍ରେସ୍କ୍ରିପସନ୍ ନୁହେଁ, ବରଂ ପୀଡ଼ିତଙ୍କ ବାସ୍ତବ ଅନୁଭୂତିକୁ ବୁଝିବା ଦ୍ୱାରା ହିଁ ସମାଜରେ ଏକ ବଡ଼ ପରିବର୍ତ୍ତନ ଅଣାଯାଇପାରିବ।

# ଶାର୍କ ଗହଣରେ ବିବାହ ପ୍ରସ୍ତାବ

ଦକ୍ଷିଣ ପୂର୍ବ ଇଂଲଣ୍ଡର ବକିଙ୍ଗମଶାୟାରରେ ରହୁଥିବା ଜେମ୍ସ ୱାଲ୍ସ ତାଙ୍କ ପ୍ରେମିକା ପେଜ୍ କୁକ୍‌ଙ୍କୁ ବିବାହ ପ୍ରସ୍ତାବ ଦେବା ପାଇଁ ଯେଉଁ ଉପାୟ ଆପଣାଇଲେ, ତାହା ଏବେ ଇଣ୍ଟରନେଟରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ନିକଟରେ ଏକ ସାକ୍ଷାତକାରରେ ଜେମ୍ସ ଏହି ଅଭୁଲା ମୂହୁର୍ତ୍ତର ରହସ୍ୟ ଖୋଲିଛନ୍ତି। ଜେମ୍ସ କହିଛନ୍ତି, "ମୁଁ ପେଜ୍‌ଙ୍କୁ କିଛି ଅନନ୍ୟ ଶୈଳୀରେ ବିବାହ ପ୍ରସ୍ତାବ ଦେବାକୁ ଚାହୁଁଥିଲି, ଯାହାଦ୍ୱାରା ସେହି ମୂହୁର୍ତ୍ତଟି ସାରା ଜୀବନ ପାଇଁ ଆମ ସ୍ମୃତିରେ ସନ୍ତକ ହୋଇ ରହିଯିବ।" ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ବାଛିଥିଲେ 'ସ୍କେଗନେସ୍ ଆକ୍ୱାରିୟମ୍'କୁ। ଜେମ୍ସ ତାଙ୍କୁ ଖ୍ରୀଷ୍ଟମାସ ଉପହାର ବାହାନାରେ ଏହି ସରପ୍ରାଇଜ୍ ଟ୍ରିପ୍‌କୁ ନେଇଯାଇଥିଲେ। ଏହି ପ୍ଲାନିଂ ପାଇଁ ଜେମ୍ସ ପୂର୍ବରୁ ହିଁ ଆକ୍ୱାରିୟମ୍ କର୍ତ୍ତୃପକ୍ଷଙ୍କ ସହ ଇମେଲ୍ ଜରିଆରେ ଯୋଗାଯୋଗ କରିଥିଲେ। ଆକ୍ୱାରିୟମ୍‌ର ଟିମ୍ ଜେମ୍ସଙ୍କ ଏହି ଆଇଡିଆକୁ କେବଳ ପସନ୍ଦ କରି ନ ଥିଲେ, ବରଂ ଏହାକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ଏକ ନୂଆ ବୁଦ୍ଧି ଦେଇଥିଲେ। ସେମାନେ ଜେମ୍ସଙ୍କୁ ଜଣାଇଥିଲେ ଯେ, ପାଣି ଭିତରେ କିଛି ୱାଟରପ୍ରୁଫ୍ ପ୍ଲାକାର୍ଡ ଅଛି, ଯାହା ସାହାଯ୍ୟରେ ସେ ନିଜ ମନର କଥା ପେଜ୍‌ଙ୍କ ଆଗରେ ପ୍ରକାଶ କରିପାରିବେ। ଯେତେବେଳେ ଜେମ୍ସ ଏବଂ ପେଜ୍ ସ୍କୁବା ଡାଇଭିଂ ସୁଟ୍ ପିନ୍ଧି ଗଭୀର ସମୁଦ୍ର ମଧ୍ୟରେ ପହଞ୍ଚିଲେ, ଚାରିଆଡ଼େ ବିଶାଳ ଶାର୍କମାନେ ବୁଲୁଥିଲେ। ଭୟ ଏବଂ ରୋମାଞ୍ଚର ସେହି ମାହୋଲ ଭିତରେ ଜେମ୍ସ ହଠାତ୍ ପାଣି ଭିତରେ ଥିବା ପ୍ଲାକାର୍ଡ ଦେଖାଇ ପେଜ୍‌ଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ। ପାଣି ଭିତରେ କଥା ହେବା ସମ୍ଭବ ନ ଥିଲେ ମଧ୍ୟ ସେହି ପ୍ଲାକାର୍ଡର ଶବ୍ଦଗୁଡ଼ିକ ପେଜ୍‌ଙ୍କ ହୃଦୟକୁ ଛୁଇଁ ଯାଇଥିଲା। ଚାରିପାଖରେ ଶାର୍କ ପହଁରୁଥିବା ବେଳେ ଏଭଳି ଏକ ଅଦ୍ଭୁତ ସରପ୍ରାଇଜ୍ ପେଜ୍‌ଙ୍କୁ ସ୍ତବ୍ଧ କରିଦେଇଥିଲା। ପାଣି ଭିତରେ ପ୍ରପୋଜ୍ କରିବା ପରେ ଜେମ୍ସ ପେଜ୍‌ଙ୍କୁ ବିବାହର ମୁଦି ମଧ୍ୟ ଦେଖାଇଥିଲେ। ଯଦିଓ ଗ୍ଲୋଭ୍ସ ପିନ୍ଧିଥିବାରୁ ପାଣି ଭିତରେ ତୁରନ୍ତ ମୁଦି ପିନ୍ଧାଇବା ସହଜ ନ ଥିଲା, ତଥାପି ସାଇନ୍ ବୋର୍ଡ ଏବଂ ଜେମ୍ସଙ୍କ ଏହି ଅଙ୍ଗଭଙ୍ଗୀ ପେଜ୍‌ଙ୍କୁ ସାରା ଜୀବନ ପାଇଁ ଏକ ଅଭୁଲା ଉପହାର ଦେଇଥିଲା ଏବଂ ସେ ତୁରନ୍ତ ଖୁସିରେ ସମ୍ମତି ଜଣାଇଥିଲେ।

# 'ଜେଲର୍ ୨'ରେ ୧୦ ଅତିଥି କଳାକାର

ସୁପରଷ୍ଟାର୍ ରଜନୀକାନ୍ତଙ୍କ ଫିଲ୍ମ 'ଜେଲର୍ ୨'ର ଟ୍ରେଲର୍ ରିଲିଜ୍ ହୋଇସାରିଛି ଏବଂ ଏହା ୟୁଟ୍ୟୁବ୍‌ରେ ବେଶ୍ ଧମାଲ୍ ମଚାଉଛି। ନିର୍ଦ୍ଦେଶକ ନେଲସନ୍ ଦିଲୀପକୁମାରଙ୍କ ଏହି ଫିଲ୍ମରେ ରଜନୀକାନ୍ତ ଆଉ ଥରେ ମୁଥୁଭେଲ୍ ପାଣ୍ଡିଆନ୍ ଚରିତ୍ରରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏଥର ଫିଲ୍ମର ସବୁଠାରୁ ବଡ଼ ଆକର୍ଷଣ କେବଳ ରଜନୀକାନ୍ତ ନୁହନ୍ତି, ବରଂ ଏହାର ଏକ ବଡ଼ ଷ୍ଟାରକାଷ୍ଟ ଏବଂ ଅତିଥି କଳାକାରମାନଙ୍କର ଲମ୍ବା ତାଲିକା। ଫିଲ୍ମରେ ମୋହନଲାଲ, ଶିବରାଜକୁମାର, ହ୍ରିତିକ୍ ରୋଶନ, ଜ୍ୟାକି ଶ୍ରଫ୍, ବିଜୟ ସେଥୁପତି, ବିନାୟକନ୍, ବସନ୍ତ ରବି, ପୂର୍ଣ୍ଣା, ରାଜେଶ ମାଧବନ୍ ଏବଂ ନୋରା ଫତେହିଙ୍କ ଭଳି କଳାକାରମାନେ ଅତିଥି କଳାକାର ଭାବେ ନଜର ଆସିବେ। 'ଜେଲର୍ ୨'ରେ ହ୍ରିତିକ୍‌ଙ୍କ ନାମକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା ହେଉଛି। ତାଙ୍କ ଭୂମିକା କାହାଣୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ହ୍ରିତିକ୍ ଏବଂ ରଜନୀକାନ୍ତ ପ୍ରାୟ ୪୦ ବର୍ଷ ପରେ ଏହି ଫିଲ୍ମ ମାଧ୍ୟମରେ ଏକାଠି ନଜର ଆସିବେ। ସେହିଭଳି ମାଲାୟାଲମ୍ ସୁପରଷ୍ଟାର୍ ମୋହନଲାଲ ଆଉ ଥରେ 'ମ୍ୟାଥ୍ୟୁ' ଚରିତ୍ରରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। 'ଜେଲର୍'ର ପ୍ରଥମ ଭାଗରେ ତାଙ୍କର କ୍ୟାମିଓ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା। କନ୍ନଡ଼ ସୁପରଷ୍ଟାର୍ ଶିବରାଜକୁମାର ମଧ୍ୟ ପ୍ରଥମ ଭାଗ ଭଳି 'ନରସିଂହ' ହୋଇ ଫେରିବେ। 'ଜେଲର୍'ରେ ରଜନୀକାନ୍ତ ଏବଂ ତାଙ୍କର ଯୁଗଳବନ୍ଦୀକୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଜ୍ୟାକି ଶ୍ରଫ୍ ମଧ୍ୟ 'ଜେଲର୍ ୨'ରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ତାମିଲ ଦର୍ଶକଙ୍କ ପାଇଁ ବିଜୟ ସେଥୁପତିଙ୍କୁ ଫିଲ୍ମରେ ନିଆଯାଇଛି। ଏହା ମଧ୍ୟ ଜଣାପଡ଼ିଛି ଯେ, ସେ କେବଳ ରଜନୀକାନ୍ତଙ୍କ ପାଇଁ ହିଁ ଏଥିରେ କାମ କରିବାକୁ ରାଜି ହୋଇଛନ୍ତି। 'ଜେଲର୍'ର ପ୍ରଥମ ଭାଗରେ ଖଳନାୟକ ନଜର ଆସିଥିବ। ବିନାୟକନ୍ ମଧ୍ୟ ଏଥିରେ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ବସନ୍ତ ରବି ମଧ୍ୟ 'ଅର୍ଜୁନ ପାଣ୍ଡିଆନ୍', ଅର୍ଥାତ୍ ମୁଥୁଭେଲ୍ ପାଣ୍ଡିଆନ୍‌ଙ୍କ ପୁଅ ଚରିତ୍ରରେ ନଜର ଆସିବେ। ତାଙ୍କର ଭୂମିକା ମଧ୍ୟ ଫ୍ଲାସବ୍ୟାକ୍‌ର ଅଂଶ ହୋଇପାରେ। ପୂର୍ଣ୍ଣା ମଧ୍ୟ ଏହି ଫିଲ୍ମରେ ନଜର ଆସିବେ। ସେ ଏକ ଗୀତରେ ଜଣେ ଡାନ୍ସର ଭାବରେ ନଜର ଆସିବେ। ମାଲାୟାଲମ୍ ଅଭିନେତା ରାଜେଶ ମାଧବନ୍ ମଧ୍ୟ ଏହି ସମାନ ଗୀତରେ ଦେଖାଯିବେ। ସେ ଏଥିରେ ଗାୟକ ଭାବେ ଦେଖାଯିବେ। ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କର 'ଜେଲର୍ ୨'ରେ ଏକ ସ୍ପେଶାଲ୍ ଡାନ୍ସ ନମ୍ବର ରହିଛି। ଏମାନଙ୍କ ବ୍ୟତୀତ ଫିଲ୍ମରେ ଶାହରୁଖ ଖାନ, ତମନ୍ନା ଭାଟିଆଙ୍କ ଭଳି ତାରକାମାନେ ମଧ୍ୟ ନଜର ଆସିବେ ବୋଲି ଜଣାପଡ଼ିଛି। ବଲିଉଡ୍ ଅଭିନେତ୍ରୀ ବିଦ୍ୟା ବାଲାନ ଏବଂ ଭେଟେରାନ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟ ଭୂମିକାରେ ନଜର ଆସିବେ। ମିଥୁନ ଏଥିରେ ମୁଖ୍ୟ ଖଳନାୟକ ସାଜି ରଜନୀକାନ୍ତଙ୍କୁ କଡ଼ା ଟକ୍କର ଦେବେ। ସନ୍ ପିକ୍ଚର୍ସ ଦ୍ୱାରା ନିର୍ମିତ ଏହି ଫିଲ୍ମଟି ଆସନ୍ତା ଅକ୍ଟୋବର ୧୫ରେ ରିଲିଜ୍ ହେବ।



# ଓଡ଼ିଆ ଜାତିର ଦଧୀଚି ସିଏ



**ପ୍ରଶାନ୍ତ କୁମାର ଦାଶ**

ଦୁଃଖୀର ବେଦନା
ଆଖି ଲୁହଧାର
ସରାଗେ ପୋଛିବା ପାଇଁ
ରୋଗ ଶେଯେ ଛାଡ଼ି
ରୋଗିଣା ପୁଅକୁ
ସେତ ଯାଇଥିଲେ ଧାଇଁ ॥
ହୃଦ ସାଜିଥିଲା
ଦୟା ମମତାର
ବ୍ରଜଧାମ ଗୋପପୁର
ଛାତି ପାତି ଦୁଃଖ
ସହିଥିଲେ ପୁଅ
ଚାଲିଗଲା ବହୁଦୂର।॥

ଅମେଇସା ରାତି
ବଉଳ ଅନ୍ଧାର
ଜାତି ମଥାନରୁ ତଡ଼ି
ଆଲୋକ ଦେଖାଇ
ସୁନ୍ଦର୍ ସଂସାର
ଦେଇଥିଲେ ସିଏ ଗଢ଼ି ॥
ଭାର୍ଗବୀ କୂଳର
ସୁଆଣ୍ଡୋ ଗାଆଁରେ
ଜନମିଥିଲେ ତ ଦାସେ
କଳିରୁ ଫୁଟିଲେ
ସୁବାସିତ ଫୁଲ
ତାଙ୍କରି ମହକ ବାସେ ॥

ହୃଦୟ ସାଇତା
ଦରଦ ପଣରେ
ସେତ ଜିଣିଥିଲେ ମନ
ଦୀନଜନ ପାଇଁ
ତମସା ରାତିର
ଥିଲେ ସେତ ରୁପାଜହ୍ନ ॥
ଓଡ଼ିଆ ଜାତିର
ଦଧୀଚି ସାଜି ସେ
କରିଯାଇଛନ୍ତି ହିତ
ଖୋଜୁଛନ୍ତି ଡାଳି
ଆଖି ଲୁହଧାର
ତାଙ୍କୁ ଦୀନଜନ ମିତ ॥ ■

କୁଞ୍ଜର -ସଙ୍ଗଲାଇ,
ପିପିଲି, ପୁରୀ

## ପ୍ରହେଳିକା



- ଗରିବ ଦୁଃଖୀର ବନ୍ଧୁସିଏ
ସୁଆଣ୍ଡୋ ଗାଆଁର ପିଲାଟିଏ
ଉତ୍କଳମଣି ଉପାଧି ଭୂଷିତ
ତାଙ୍କ ନାଆଁ କହିଦେବ ଯିଏ
ଶିରୀକ୍ଷେତ୍ର ବୁଲି ଯିବ ସିଏ ॥

ଉତ୍ତର :- ଗୋପବନ୍ଧୁ ଦାସ



- ଆଶ୍ୱିନ ମାସର ଅମାବାସ୍ୟାଟିଏ
ପିତୃପୁରୁଷଙ୍କ ପାଇଁ
ଧବଳମୁଖୀ ବେଶରେ ଦର୍ଶନ
ଦିଅନ୍ତି ମା' ସମଲେଇ
ମାଆ ଦୁର୍ଗାଙ୍କର ମର୍ତ୍ତ୍ୟ ଆଗମନ
ଏଇଦିନ ହୋଇଥାଏ
ଅମାବାସ୍ୟା ନାଆଁ କହିଦେବ ଯିଏ
ବୁଦ୍ଧିମାନ ପିଲାସିଏ ॥

ଉତ୍ତର :-ମହାଳୟା ଅମାବାସ୍ୟା

- ଝଲମଲ ରୂପ ରଙ୍ଗରେ ଗୋରା
ଶୋଭାରେ ଆଖିକୁ ଦିଶଇ ତୋରା
ନଈପଠା ବିଲ ହୁଡ଼ାରେ ବାସ
ଶରତଋତୁରେ ରଚଇ ରାସ
ମାଆ ଆଗମନ ବାରତା ଦିଏ
ଫୁଲ ନାଆଁ ଗୋଟି କହିବ କିଏ ॥

ଉତ୍ତର :- କାଶତଣ୍ଡି

ଜଗଦୀଶ ସାହୁ
ସଂଜପଡ଼ା, ଢେଙ୍କାନାଳ



## ସୁମନ

# ଜେଜେମା' ଆଖିରେ ଲୁହ





**ଡଃ କାଳିକିଙ୍କର**

ଗୁଡୁନା ଜେଜେମା'ଙ୍କୁ ବହୁତ ଭଲପାଏ। ତା'ର ବାପା ଓ ବୋଉ ତାଙ୍କୁ ମାଆ ବୋଲି ଡାକନ୍ତି ବୋଲି ସେ ତାଙ୍କୁ ମାଆ ବୋଲି ଡାକେ। ଜେଜେମାଙ୍କ ସହ ଖେଳିବାକୁ ବୁଲିବାକୁ ସେ ବହୁତ ଭଲପାଏ। ଗୁଡୁନା ଯୋଜନା କରିଥିଲା ଯେ, ଏଥର ଜେଜେମାଙ୍କ ଜନ୍ମଦିନ ସେ ପାଳନ କରିବ। ତା'ର ସମସ୍ତ ସାଙ୍ଗ ସାଥୀଙ୍କୁ ଡାକିବ। ଘରେ ବେଲୁନ ଟାଙ୍ଗିବ। ବାପାଙ୍କୁ କହି ଜେଜେମାଙ୍କ ପାଇଁ ଫୁଲ, ନୂଆ ଶାଢ଼ି ଓ କେକ୍ ଆଣିବ। ତେବେ ସେଦିନ ସ୍କୁଲରୁ ଫେରି ଗୁଡୁନା ଦେଖିଲା ଜେଜେମା ଘରେ ନାହାଁନ୍ତି। ପଚାରିବାରୁ ବୋଉ କହିଲେ, ସେ ଗାଁକୁ ଚାଲିଗଲେ କ'ଣ ତାଙ୍କର କାମ ଅଛି। ଗୁଡୁନା ଏକଥା ଯେମିତି ଶୁଣିଲା ତା' ମନରେ କେମିତି ଦୁଃଖ ଭରିଗଲା। ଆଉ ସେ ଜେଜେମାଙ୍କ ଜନ୍ମଦିନ କେମିତି ପାଳିବ ? ତେବେ ଜେଜେମା କେବେ ଏକୁଟିଆ ଦୂର ଜାଗାକୁ ଯାଆନ୍ତି ନାହିଁ। ଗାଁକୁ ଯିବାର ଥିଲେ ବାପା ତାଙ୍କୁ ଗାଡ଼ିରେ ନେଇ ଯାଆନ୍ତି ଓ ଜେଜେମାଙ୍କ କାମ ସରିଲେ ତାଙ୍କୁ ନେଇ ଆସନ୍ତି। ସେ ପଚାରିଲା ବୋଉ, ବାପା କ'ଣ ସାଥିରେ ଯାଇଛନ୍ତି ? ନା, ତାଙ୍କର କାମ ଥିଲା ତେଣୁ ସେ ଯାଇ ପାରିଲେ ନାହିଁ। ସେ ଏକା ଗଲେ। ଏତିକି କହି ବୋଉ ଚାଲିଗଲେ। ବୁଝି ପାରୁ ନ ଥାଏ ଗୁଡୁନା ଯେ, ଏମିତି କେମିତି ହେଲା? ଜେଜେମା କେବେ ଗୁଡୁନାକୁ ଛାଡ଼ି କୁଆଡେ ଯିବାକୁ ଚାହାନ୍ତି ନାହିଁ। ବେଳେବେଳେ ବୋଉ କିଛି ତାଙ୍କୁ କଷ୍ଟ ହେଲାପରି କଥା କହିଲେ ଜେଜେମା କିଛି ନ କହି ଗାଁକୁ ଯିବାକୁ ବାହାରନ୍ତି। ଗୁଡୁନା ଦେଖିଲା କେଶୁ କୋଣରେ କାନ୍ଦୁଛି। କ'ଣ କିରେ କେଶୁ, ତୁ କିଛି କହୁନୁ ଯେ, ଜେଜେମା କାହିଁକି ଗଲେ ? ତୁ ତ ଜାଣିଥିବୁ ? କେଶୁ ଭୁ ଭୁ କରି ପାଖକୁ ଡାକିଲା ଓ କାନ୍ଦି କାନ୍ଦି କହିଲା ଯେ, ଜେଜେମା ମୋତେ ଆଦର କରୁଥିଲେ ଯେ, ମୋତେ ଥଣ୍ଡା ଲାଗୁଥିଲା। ତେଣୁ ମୁଁ ଜେଜେମାଙ୍କ କୋଳକୁ ଚାଲିଗଲି। ଜେଜେମା ଦେଖିଲେ ମୋତେ ଶୀତ ଲାଗୁଛି ତେଣୁ ସେ ମୋତେ ସେ ଘୋଡ଼ିଥିବା କମ୍ବଳ ଭିତରେ ନେଲେ। ବୋଉ ଦେଖିଦେଲେ ଯେ, ରାଗ ତମ ତମ ହୋଇ ଜେଜେମାଙ୍କୁ କେତେ କଥା କହିଲେ। ଓଃ, ବୁଝିଲି। ବୋଉ ରାଗିଲେ ତା ମୁଣ୍ଡରେ ପୋକ ଚରିଯାଏ କହେ - ତାହାହିଁ ହୋଇଥିବ। କେଶୁ କହିଲା ଭାଇ, ବୋଉ କହିଲା ତୁମ ଯୋଗୁଁ ମୋ ପୁଅ ବିଗିଡ଼ି ଗଲାଣି। ତାକୁ ମୁଣ୍ଡରେ ବସେଇଛ। ସେ ବଡ଼ହେଲେ ତୁମ ବୁଢ଼ାବୁଢ଼ୀ ପରି ବେକାର ହେବ। ଗୁଡୁନା ସେଦିନ ମନ ଦୁଃଖ କରି ଯାଇ ଶୋଇଲା। ସେ ଜେଜେ ଜେଜେମା ନ ଥିଲେ ବାପାଙ୍କ ପାଖରେ ଶୋଏ। ବାପା ଆସିଲା ବେଳକୁ ସେ ଶୋଇ ଯାଇଥାଏ। ସକାଳେ ସେ ବାପାଙ୍କୁ ତା' ପାଖରେ ଶୋଇବାର ଦେଖେ। ପରଦିନ ବଡ଼ି ସକାଳୁ ଗୁଡୁନା ଓ ବାପା ଘରୁ ବାହାରି ଗଲେ। ବୋଉ ଶୋଇଥିଲା ଯେ, ଘରର କାମକୁ ଆସିଥିବା ମିନତୀକୁ କହିକରି ଗଲେ ଯେ, ମାଆ ଉଠିଲେ କହିବୁ - ଆମେ ସଞ୍ଜରେ ଫେରିବୁ। ବାପା ଓ ଗୁଡୁନା ଗାଁ ଘରେ ଯାଇ ପହଞ୍ଚିଲେ। ମାଆଙ୍କର ଆଜି ଜନ୍ମଦିନ। ଗାଡ଼ିରେ ଅନେକ ଜିନିଷ ଆଣିଥିଲେ। ନୂଆ ଲୁଗା, କେକ୍, ଖାଇବା ଜିନିଷ, ମିଠା, ଚକୋଲେଟ, ବେଲୁନ ସବୁକିଛି। ଗାଁର ସବୁ ବୁଢ଼ାବୁଢ଼ି ଓ ପିଲାଙ୍କୁ ନିମନ୍ତ୍ରଣ ହେଲା। ଗୁଡୁନା ଦେଖିଲା ଜେଜେମା ନୂଆ ଲୁଗା ପିନ୍ଧି କେକ୍ କାଟିଲାବେଳେ ତାଙ୍କ ଆଖିରେ ଲୁହ। ଜେଜେମାଙ୍କ ଆଖିରେ ଲୁହ। ସଞ୍ଜ ପୂର୍ବରୁ ଜେଜେମାଙ୍କୁ ନେଇ ଗୁଡୁନା ସହରକୁ ଫେରିଗଲା। ଘରେ ବୋଉ ଗୁଡୁନା, ତାର ଜେଜେମା ଓ ବାପାଙ୍କୁ ଦେଖି ଭୁ ଭୁ କାନ୍ଦି କହିଲେ - ମାଆ - ମୋର ଭୁଲ ହୋଇଗଲା। ପଶୁ ହେଉ କି ମଣିଷ ସମସ୍ତଙ୍କୁ ଭଲପାଇବା ଦରକାର। ଜେଜେମା ଆଖିରେ ଆଉଥରେ ଲୁହ। ■

ସୌଭାଗିନୀ ନିବାସ, ରଟିଲୋ, ପୁରୀ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।



ଆକାଂକ୍ଷା ଭୋଇ
ଚତୁର୍ଥ ଶ୍ରେଣୀ
ଡେଲାଙ୍ଗ ଉପ୍ରା ବିଦ୍ୟାଳୟ
ଡେଲାଙ୍ଗ, ପୁରୀ



ପାଉଲ ଶବର
ନବମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଖଣି, ଗଜପତି



ହର୍ଷିତ କୁମାର ବେହୁରା
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡା



ସାତ୍ୟାନ୍ତ ଶତପଥୀ
ସପ୍ତମ ଶ୍ରେଣୀ
ମଦର୍ସ ପବ୍ଲିକ୍ ସ୍କୁଲ
ପୁରୀ

## ଅଷ୍ଟ୍ରେଲିଆ ମହିଳା ଦଳର ୭ ୱିକେଟରେ ବିଜୟୀ

ବ୍ରିସ୍‌ବେନ୍, ୯।୧୦(ଏଜେନ୍ସି): ଆନ୍ନାବେଲ ସଦରଲାଣ୍ଡ (୪/୩୦)ଙ୍କ ଘାତକ ବୋଲିଂ ଓ ଫୋଏବି ଲିଚ୍‌ଫିଲ୍ଡ (୫୭ବଲ୍‌ରେ ୭୭ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ମହିଳା ଦିନିକିଆରେ ଅଷ୍ଟ୍ରେଲିଆ ୭ ୱିକେଟରେ ବାଂଲାଦେଶକୁ ୭ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୯.୪ ଓଭରରେ ୧୬୬ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ରୀତୁ ମୋନି ସର୍ବାଧିକ ୪୫ ଓ ନିଗାର ସୁଲତାନା ୨୯ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସଦରଲାଣ୍ଡଙ୍କ ୪ ୱିକେଟ ବ୍ୟତୀତ ମେଗାନ ସ୍କଟ୍‌ଙ୍କୁ ୨ ୱିକେଟ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୫.୪ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଲିଚ୍‌ଫିଲ୍ଡଙ୍କ ଦ୍ରୁତ ୭୭ ରନ୍ ବ୍ୟତୀତ ଏଲିସେ ପେରୀ ୨୬ ଓ ସଦରଲାଣ୍ଡ ୨୫ ରନ୍ କରି ଅପରାଜିତ ରହିଥିଲେ। ହବିବା ଇସ୍‌ଲାମଙ୍କୁ ୨ଟି ୱିକେଟ ମିଳିଥିଲା।

● ଅଷ୍ଟ୍ରେଲିଆ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

## ରେନ୍‌ଶା, କମିନ୍ସଙ୍କ ଲଢୁଆ ବ୍ୟାଟିଂ

ଡର୍ବାନ, ୯।୧୦(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ଏଠାରେ ଆଜି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବିପଦର ସମ୍ମୁଖୀନ ହୋଇଛି। ଦଳ ୧୨୪ ରନ୍‌ରେ ୬ଟି ୱିକେଟ ହରାଇବା ପରେ ମ୍ୟାଟ ରେନ୍‌ଶା ଓ ଅଧିନାୟକ ବ୍ୟାଟ କମିନ୍ସ ଲଢୁଆ ବ୍ୟାଟିଂ କରି ସ୍ଥିତି ସମ୍ଭାଳିଛନ୍ତି। ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୧୮୭ ରନ୍ କରିଛି। ଏହି ସମୟରେ ରେନ୍‌ଶା ୪୬ ଓ କମିନ୍ସ ୩୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଟେଷ୍ଟ ଦଳକୁ ଫେରିଥିବା ନିକ୍ ମ୍ୟାଡିନସନ ୦, ଟ୍ରାଭିସ ହେଡ ୯, ମାର୍ନସ ଲାବୁସେନ ୩୭, ଷ୍ଟିଭେନ ସ୍ମିଥ ୨୫, ଆଲେକ୍ସ କ୍ୟାରୀ ୧୪ ଓ ବିଉ ୱେବ୍‌ଷ୍ଟର ୪ ରନ୍‌ରେ ଆଉଟ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ, ୱିଆନ ମୁଲ୍ଡର ଓ ଆନରିଚ୍ ନୋର୍ଜେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

● ବାଂଲାଦେଶ-ଆଫଗାନିସ୍ତାନ ପ୍ରଥମ ଟେଷ୍ଟ

## ତାନଜିଦ୍ ହାସନଙ୍କ ଦ୍ରୁତ ଅର୍ଦ୍ଧଶତକ

ଆବୁଧାବି, ୯।୧୦(ଏଜେନ୍ସି): ଯୁବ ଓପନର ତାନଜିଦ୍ ହାସନ ତମିମଙ୍କ ଦ୍ରୁତ ଅର୍ଦ୍ଧଶତକ, ସଦ୍‌ମାନ ଇସ୍‌ଲାମ ଓ ଲିଟନ ଦାସ୍‌ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୩୧୭ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ତାନ୍‌ଜିଦ୍ ପ୍ରଥମ ୱିକେଟରେ ସଦ୍‌ମାନଙ୍କ ସହ ୧୨୪ ରନ୍ ଉଠାଇବାପରେ ଆଉଟ ହୋଇଥିଲେ। ସେ ୭୧ ବଲ୍‌ରେ ୮ଚୌକା ଓ ୪ଛକା ସହ ୮୩ ରନ୍‌ରେ ଆଉଟ ହେବା ଫଳରେ ଦଳର ସାମୟିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ତାଙ୍କ ସହ ୬୭ ରନ୍ କରିଥିବା ସଦ୍‌ମାନ ଓ ମୋମିନୁଲ ହକ୍ ୩୯ ରନ୍ କରିବା ସହ ଦ୍ୱିତୀୟ ୱିକେଟରୁ ୬୦ ରନ୍ ଉଠାଇଥିଲେ। ଏହି ସମୟରେ ଦଳର ସାମୟିକ ବିପର୍ଯ୍ୟୟ ଘଟି ୪ରନ୍‌ରେ ୩ଟି ୱିକେଟ ହରାଇଥିଲା। କିନ୍ତୁ ଲିଟନ ଦାସଙ୍କ ୫୨ ରନ୍ ଏହି ବିପର୍ଯ୍ୟୟର ଧାରାକୁ ବନ୍ଦ କରିଦେଇଥିଲେ। ପ୍ରତିପକ୍ଷ ଦଳର ଫାଷ୍ଟ ବୋଲର ମହମ୍ମଦ୍ ସଲୀମ୍ ସଇଫି ସର୍ବାଧିକ ୩ଟି, ଯାମିନ ଅହମ୍ମଦ୍‌ଜାଇ ଓ ଇସ୍‌ମତ ଆଲାମ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ପ୍ରଥମ ରଣଜୀ ମ୍ୟାଚ୍ ଖେଳି ନ ପାରେ ଅରୁଣାଚଳ

ବେଙ୍ଗି, ୯।୧୦ (ଏଜେନ୍ସି): ରାଜ୍ୟର ଦୁଇଟି କ୍ରିକେଟ ସଂଘ ମଧ୍ୟରେ ଲାଗିଥିବା ବିବାଦରୁ ଅରୁଣାଚଳ ପ୍ରଦେଶର କ୍ରିକେଟ ଖେଳାଳି ଅଡୁଆରେ ପଡ଼ିଛନ୍ତି। ୧୯ ବର୍ଷରୁ କମ୍ ଦଳ ତାହାର ପ୍ରଥମ ମ୍ୟାଚ୍ ଖେଳିବାକୁ ବଞ୍ଚିତ ହେବା ପରେ ନାଗାଲାଣ୍ଡ ସହ ପ୍ଲେଟ୍ ଗ୍ରୁପରେ ଖେଳାଯିବାକୁ ଥିବା ପ୍ରଥମ ରଣଜୀ ମୁକାବିଲାକୁ ମଧ୍ୟ ଖେଳିପାରିବ ନାହିଁ ଅରୁଣାଚଳ ପ୍ରଦେଶ। ଏହି ମ୍ୟାଚ୍‌ରେ ଯଦି ଦଳ ଅଂଶଗ୍ରହଣ କରିବାକୁ ବଞ୍ଚିତ ହୁଏ, ତେବେ ବିସିସିଆଇ ଚଳିତ ସିଜନରେ ଅରୁଣାଚଳକୁ ବାସନ୍ଦ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବିସିସିଆଇ କିମ୍ବା ଗୌହାଟୀ ହାଇକୋର୍ଟର ଇଟାନଗର ବ୍ରାଞ୍ଚ ଏ ସମ୍ପର୍କରେ କି ନିଷ୍ପତ୍ତି ନେଇଛି, ତାହା ଉପରେ ଅରୁଣାଚଳ ପ୍ରଦେଶ କ୍ରିକେଟ ଟିମ୍ ଓ ଖେଳାଳିଙ୍କ ଭାଗ୍ୟ ନିର୍ଭର କରୁଛି। ଏଭଳି ସ୍ଥିତିରେ ଖେଳାଳିମାନେ ସମାଧାନ ଲାଗି ବିସିସିଆଇକୁ ନିବେଦନ କରିଛନ୍ତି। କିଛି ବର୍ଷ ଧରି ଖେଳିବା ପରେ ଏହି ରାଜ୍ୟର ଖେଳାଳିମାନେ ବେଶ ଦକ୍ଷ ହୋଇଛନ୍ତି ଓ ଟିମ୍ ଗଠିତ ହୋଇଥିବାରୁ ସେମାନେ ନିଜର ଦକ୍ଷତା ପ୍ରଦର୍ଶନ ଲାଗି ଅପେକ୍ଷା କରିଥିଲେ। କିନ୍ତୁ ଏକ ମକଦ୍ଦମା ସେମାନଙ୍କ ଭାଗ୍ୟ ସହ ଖେଳୁଛି। ଆସନ୍ତା ସପ୍ତାହକ ମଧ୍ୟରେ ଏହାର ସମାଧାନ କରିବାକୁ ଖେଳାଳିମାନେ ବିସିସିଆଇକୁ ନିବେଦନ କରିଛନ୍ତି।

ଭାରତ ବନାମ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଟି-୨୦

# ସଞ୍ଜୁ ସାମ୍‌ସନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ରାଞ୍ଚି, ୯।୧୦(ଏଜେନ୍ସି)



ୱିକେଟ କିପର ତଥା ଓପନର ସଞ୍ଜୁ ସାମସନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆଜି ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟରେ ୨୪୯ ରନର ବିଶାଳ ସ୍କୋର ଛିଡ଼ା କରାଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଏହା ଭାରତର ସର୍ବାଧିକ ଟି-୨୦ ସ୍କୋର। ଦଳ ପକ୍ଷରୁ ସାମସନ ୪୧ ବଲ୍‌ରୁ ୯ଚୌକା ଓ ୪ ଛକା ସହ ସର୍ବାଧିକ ୮୨ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୪୩ ଓ ଅଭିଷେକ ଶର୍ମା ୨୦ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଧିନାୟକ ଶ୍ରେୟସ ଆୟର (୧୮ ବଲ୍‌ରେ ୪୦ରନ୍) ଓ ତିଲକ ବର୍ମା (୧୮ ବଲ୍‌ରେ ଅପରାଜିତ ୪୪ରନ୍)ଙ୍କ ବିସ୍ଫୋରକ ପାର୍ଟନରସିପ୍ ଦଳକୁ ଫାଇଦାରେ ରଖିଛି। ଏମାନେ ୫ମ ୱିକେଟ ଯୋଡ଼ିରୁ ୩୨ବଲ୍‌ର ସମ୍ମୁଖୀନ ହୋଇ ୮୩ ରନ୍ ସଂଗ୍ରହ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସ୍ପିନର ରୋଷ୍ଟୋନ ଚେଜ୍ ଚତୁର ବୋଲିଂ କରି ସର୍ବାଧିକ ୩ଟି ୱିକେଟ ନେଇଛନ୍ତି। ଜବାବରେ ୧୦ ଓଭର ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ୍ ୩ ୱିକେଟ ହରାଇ ୧୨୨ ରନ୍ ସଂଗ୍ରହ କରିନେଇଛି। ପୂର୍ବରୁ ଲକ୍ଷ୍ନୌ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ଜିତି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଇନ୍ଦୋରରେ ଅକ୍ଟୋବର ୧୧ ତାରିଖ ବା ରବିବାର ଖେଳାଯିବ।

ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ଏମାନେ ପ୍ରଥମ ୱିକେଟରୁ ୪ ଓଭରରେ ୪୨ରନ୍ ଉଠାଇବା ପରେ ୧୨ବଲ୍‌ରେ ୨୦ରନ୍ କରି ଅଭିଷେକ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ସାମସନ ଓ ଇଶାନ ଦ୍ୱିତୀୟ ୱିକେଟରୁ ୪୩ବଲ୍‌ରେ ୯୭ରନ୍ ଉଠାଇ ଦଳ ଲାଗି ଏକ ବିରାଟ ସ୍କୋରର ମୂଳଦୁଆ ପକାଇଥିଲେ। କିନ୍ତୁ ଏହି ଦୁଇ ଖେଳାଳିଙ୍କ ସହ ଶିବମ ଦୁବେ ଆଉଟ ହେବା ଫଳରେ ଦଳ ୩୩ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ସାମସନ ୪୧ ବଲ୍‌ରୁ ୯ଚୌକା ଓ ୪ ଛକା ସହ ସର୍ବାଧିକ ୮୨, ଇଶାନ ୨୨ ବଲ୍‌ରୁ ୬ ଚୌକା ଓ ୨ ଛକା ସହ ୪୩ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ପରେ ୫ମ ୱିକେଟରେ ଆୟର ଓ ବର୍ମା ୩୨ ବଲ୍‌ରୁ ୮୩ ରନ୍ ଉଠାଇ ଦଳକୁ ବିଶାଳ ସ୍କୋର ଦେଇଥିଲେ। ଆୟର ଆଉ ଏକ ବଡ ସଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ସେ ୧୮ ବଲ୍‌ରେ ୩ଟି ଲେଖାଏଁ ଚୌକା ଓ ଛକା ସହ ୪୦ ଏବଂ ତିଲକ ବର୍ମା ମଧ୍ୟ ୧୮ ବଲର ସାମ୍ନା କରି ୩ଟି ଲେଖାଏଁ ଚୌକା ଓ ଛକା ସହ ୪୪ରନ୍ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସ୍ପିନର ରୋଷ୍ଟୋନ ଚେଜ୍ ସର୍ବାଧିକ ୩ଟି ଓ ପେସର ସାମରା ସ୍ପ୍ରିଙ୍ଗର ୨ଟି ୱିକେଟ ବାଣ୍ଟି ନେଇଥିଲେ। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳ ଅପରିବର୍ତ୍ତିତ ରହିଥିଲାବେଳେ ୱେଷ୍ଟଇଣ୍ଡିଜ୍ ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରାଯାଇଥିଲା। ଫାଷ୍ଟ ବୋଲର ମାଥ୍ୟୁ ଫୋର୍ଡଙ୍କ ସ୍ଥାନରେ ସ୍ପିନର ଗୁଡକେଶ ମୋତିଙ୍କୁ ସାମିଲ କରାଯାଇଥିଲା। ମୋତି ଏଠାରେ ମାତ୍ର ୨ ଓଭର ବୋଲିଂ କରି ୨୧ ରନ୍ ଦେଇଥିଲେ। ରୋମାରିଓ ସେଫର୍ଡ ମାତ୍ର ୩.୪ ଓଭର ବୋଲିଂ କରିବା ପରେ ଆହତ ହୋଇଥିଲେ। ସେ ଆଉ ବୋଲିଂ କରି ପାରି ନ ଥିଲେ। ରୋଭମାନ ପାୱେଲ ତାଙ୍କ ବୋଲିଂ କୋଟା ପୂରଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୨୪୯/୫, ୨୦ ଓଭର (ସଞ୍ଜୁ ସାମସନ-୮୨, ତିଲକ ବର୍ମା-୪୪ ନଟ୍‌ଆଉଟ, ଇଶାନ କିଶାନ-୪୩, ଶ୍ରେୟସ ଆୟର-୪୦, ରୋଷ୍ଟୋନ ଚେଜ୍-୩/୨୪, ସାମରା ସ୍ପ୍ରିଙ୍ଗର-୨/୬୪)।

**ୱେଷ୍ଟଇଣ୍ଡିଜ୍**:୧୨୨/୩, ୧୦ ଓଭର (ଶେଁ ହୋପ୍-ବ୍ୟାଟିଂ-୫୪, ରଦରଫୋର୍ଡ-ବ୍ୟାଟିଂ-୩୯, ରୋଭମାନ ପାୱେଲ-୨୪, ମୟଙ୍କ ଯାଦବ-୩/୩୬।

■ ଚାଇନା ସ୍ମାଶ୍ ଟିଟି

## ସେମିରେ ହାରିଲେ ମାନୁସ -ମାନବ

ବେଜିଂ, ୯।୧୦ (ଏଜେନ୍ସି): ଭାରତର ମାନୁସ ଶାହ ଓ ମାନବ ଠାକ୍କରଙ୍କ ଯୋଡି ଏଠାରେ ଚାଲିଥିବା ଡବ୍ଲ୍ୟୁଟିଟି ଚାଇନା ସ୍ମାଶ୍ ଟିଟି ଚାମ୍ପିଅନସିପ୍‌ର ସେମିଫାଇନାଲରେ ପରାଜିତ ହୋଇଛନ୍ତି। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଏହି ଭାରତୀୟ ଯୋଡିଙ୍କୁ ଦକ୍ଷିଣ କୋରିଆର ଲିମ୍ ଜଙ୍ଗହୁନ ଓ ଓ ଜୁନସୁଙ୍ଗଙ୍କ ଯୋଡି ୩-୦ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ସୌଗାଙ୍ଗ ପାର୍କରେ ଖେଳାଯାଇଥିବା ଏହି ମୁକାବିଲାଟି ମାତ୍ର ୨୦ ମିନିଟ୍‌ରେ ଶେଷ ହୋଇଯାଇଥିଲା। ଗତକାଲି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ମାନୁସ-ମାନବଙ୍କ ଯୋଡି ୩-୦ ସେଟ୍‌ରେ ଚୀନ୍‌ର ଲିଆଙ୍ଗ ଜିଙ୍ଗକୁନ ଓ ଜିଆଙ୍ଗ ପେଙ୍ଗଙ୍କ ଯୋଡିକୁ ହରାଇ ସେମିକୁ ଉନ୍ନୀତ ହୋଇଥିଲେ। ଏଠାରେ ଦ୍ୱିତୀୟ ସିଡ ମାନ୍ୟତା ପାଇଥିବା ଭାରତୀୟ ଯୋଡିଙ୍କୁ କ୍ୱାର୍ଟର ଫାଇନାଲ ମୁକାବିଲା ଜିତିବାକୁ ମାତ୍ର ୧୯ ମିନିଟ୍ ସମୟ ଲାଗିଥିଲା। ଅନ୍ୟ ପକ୍ଷରେ ମାନୁସ ଓ ଦିୟା ଚିତାଲେଙ୍କ ଯୋଡି ମିକ୍ସଡ ଡବଲ୍ସ ସେମିରୁ ବିଦାୟ ନେଇଥିଲେ।

ଭାରତ-ଏ'ର ଆଉ ଏକ ଦୟନୀୟ ପରାଜୟ

## ସିରିଜ୍ କବ୍‌ଜା କଲା ଅଷ୍ଟ୍ରେଲିଆ-ଏ'

ପୁଡୁଚେରୀ, ୯।୧୦(ଏଜେନ୍ସି): ଅଲରାଉଣ୍ଡ ଓ ପ୍ରଭାବଶାଳୀ ଖେଳ ପ୍ରଦର୍ଶନ କରି ଏଠାରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ଏ' ୬୯ ରନ୍‌ରେ ଭାରତ-ଏ'କୁ ପରାସ୍ତ କରିଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୧୨୫ ରନ୍‌ରେ ଜିତିଥିବା ଅଷ୍ଟ୍ରେଲିଆ-ଏ' ଗୋଟିଏ ମ୍ୟାଚ୍ ବାକିଥାଇ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଏଠାରେ ଅକ୍ଟୋବର ୧୧ ତାରିଖ ରବିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଅପରାଜିତ ୧୪ ରନ୍ କରିବା ସହ ୩୫ ରନ୍‌ରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆ-ଏ'ର ସ୍ୱେନସର ଜନସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆ-ଏ' ଇନିଂସରେ ଅର୍ଶାଦ୍ ଖାନ୍ ୩ଟି ଓ ଯଶ ଠାକୁର ୨ଟି ୱିକେଟ ନେଇଥିଲେ। ବ୍ୟାଟିଂରେ କେବଳ ରଜତ ପାଟିଦାର ୬୭ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ୪୯.୫ ଓଭରରେ ୨୭୫ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ଦଳ ପକ୍ଷରୁ ସାମ କୋନଷ୍ଟାସ ସର୍ବାଧିକ ୬୭, ଜୋଶ ଫିଲିପ୍ ୫୮ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଥିଲେ। ସେମାନଙ୍କୁ ଅଧିନାୟକ ନାଥାନ ମ୍ୟାକସ୍ୱିନୀ ୩୨, ଲାଚଲାନ ଶ' ଏବଂ ମିଚେଲ ଓୱେନ ୨୫ ରନ୍ ଲେଖାଏଁ ଉପଯୋଗୀ ସହାୟତା କରିଥିଲେ। ଜବାବରେ ଭାରତ-ଏ' ୪୫.୨ ଓଭରରେ ୨୦୬ ରନ୍ କରିଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପାଟିଦାରଙ୍କ ୬୭ରନକୁ ଛାଡିଦେଲେ ଅନ୍ୟ କେହି ତିଷ୍ଠି ପାରି ନ ଥିଲେ। ଶେଷଭାଗରେ ଅନୁକୂଳ ରୟ ଅପରାଜିତ ୩୪, ବିପରାଜ ନିଗମ ୨୩ରନ୍ କରିଥିଲେ। ସାଇ ସୁଦର୍ଶନ ୧୩, ଦେବଦତ୍ତ ପାଡିକଲ ୧, ଋତୁରାଜ ଗାଏକ୍ୱାଡ ୧୨, କୁମାର କୁଶାଗ୍ର ୧୭ ଓ ନିଶାନ୍ତ ସିନ୍ଧୁ ୧୩ ରନ୍ କରି ଫେଲ ମାରିଥିଲେ।

## ଜାତୀୟ ଓପନ୍ ଆଥଲେଟିକ୍ସରେ ଶ୍ରାବଣୀଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୯ ।୧୦ (ଏଜେନ୍ସି): ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୬୫ତମ ସଂସ୍କରଣ ଗୁରୁବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ଅଭିଜ୍ଞ ଧାବିକା ଶ୍ରାବଣୀ ନନ୍ଦଙ୍କୁ ରୌପ୍ୟ ପଦକ ମିଳିଛି। ମହିଳା ୧୦୦ ମିଟର ରେସରେ ଶ୍ରାବଣୀ ଏହି ସଫଳତା ପାଇଛନ୍ତି। ୧୧.୫୫ ସେକେଣ୍ଡ ସମୟ ନେଇ ଶ୍ରାବଣୀ ଏହି ଦୂରତାକୁ ଅତିକ୍ରମ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୧.୪୮ ସେକେଣ୍ଡ ସହ ରେଳବାଇର ଆର୍ ଗିରିଧରାଣୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଅପରପକ୍ଷରେ ପୁରୁଷ ୧୦୦ ମିଟର ହିଟ୍-୧'ରେ ଓଡ଼ିଶାର ମହେନ୍ଦ୍ର ସାନ୍ତା ୧୦.୬୬ ସେକେଣ୍ଡରେ ରେସ୍ ଶେଷ କରି ତୃତୀୟ ସ୍ଥାନରେ ରହିଛନ୍ତି।

ୟୁନିଲାଇଟ୍ କପ୍ ଫୁଟବଲ

## ସେମିରେ ବିକାଶ, ଓଡିଏମ୍ ଗ୍ଲୋବାଲ



ଭୁବନେଶ୍ୱର, ୯।୧୦(ସମିସ): ବିକାଶ ରେସିଡେନସିଆଲ ସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ଭେଟେରାନ ପ୍ଲେୟର୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଆଜି ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲାରେ ବିକାଶ ରେସିଡେନସିଆଲ ସ୍କୁଲ ୩-୨ ଗୋଲରେ ୟୁନିଟ୍-୧ ବାଳକ ଉଚ୍ଚବିଦ୍ୟାଳୟକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ବିକାଶର ବଳରାମ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ବିଧାୟକ ଅନନ୍ତ ଜେନା ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ କଟକର ଖାନ୍ ନଗର ହାଇସ୍କୁଲକୁ ୨-୧ ଗୋଲରେ ହରାଇ ଓଡିଏମ୍ ଗ୍ଲୋବାଲ ସ୍କୁଲ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ତୃତୀୟ କ୍ୱାର୍ଟର ଫାଇନାଲରେ କ୍ୟାପିଟାଲ ହାଇସ୍କୁଲ ସହ ଜଟଣୀର କୁସୁମାଟି ହାଇସ୍କୁଲ ଓ ଚତୁର୍ଥ କ୍ୱାର୍ଟରଫାଇନାଲରେ କିସ୍ ସହ କଳିଙ୍ଗନଗର ଟାଟା ଷ୍ଟିଲ ସ୍କୁଲର ମୁକାବିଲା ହେବ।

ବୋସିଆ ଫେଡେରେସନ କପ୍

## ଦମୟନ୍ତୀଙ୍କୁ ସ୍ୱର୍ଣ୍ଣ, ସୋନାଲିଙ୍କୁ ରୌପ୍ୟ



ଭୁବନେଶ୍ୱର, ୯।୧୦(ସମିସ): ଓଡ଼ିଶାର ଦୁଇ ପାରା ବୋସିଆ କ୍ରୀଡ଼ାବିତ୍ ଦମୟନ୍ତୀ ଓଝା ଓ ସୋନାଲି ଓଝା ନୂଆଦିଲ୍ଲୀରେ ଅନୁଷ୍ଠିତ ବୋସିଆ ଫେଡେରେସନ କପ୍‌ରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ବିସି୪ ବ୍ୟକ୍ତିଗତ ବିଭାଗରେ ଦମୟନ୍ତୀ ଓ ସୋନାଲିଙ୍କୁ ଏହି ସଫଳତା ମିଳିଛି। ନୂଆଦିଲ୍ଲୀରେ ଏହି ପ୍ରତିଯୋଗିତା ଅକ୍ଟୋବର ୩ରୁ ୮ ତାରିଖ ଯାଏ ଚାଲିଥିଲା। ରାଜ୍ୟର ଏହି ଦୁଇ କ୍ରୀଡ଼ାବିତ୍‌ଙ୍କ ସଫଳତା ଲାଗି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି ୨୭ରୁ

# ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ

ମୋହାଲି, ୯।୧୦(ଏଜେନ୍ସି)

ପଞ୍ଜାବର ଦୁଇଟି ସହର ଜଳନ୍ଧର ଓ ମୋହାଲିରେ ଏସିଆନ ଚାମ୍ପିଅନ୍ସ ଟ୍ରଫି ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ। ଏହି ପ୍ରତିଯୋଗିତାରେ ୬ଟି ଦେଶ ଯଥା ମାଲେସିଆ, ଜାପାନ, ଦକ୍ଷିଣ କୋରିଆ, ଚୀନ୍, ବାଂଲାଦେଶ ଓ ଆୟୋଜକ ଭାରତ ଅଂଶଗ୍ରହଣ କରୁଛି। ଏହି ଟିମ୍ ଗୁଡିକ ଅନ୍ୟ ସହ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ଏହାର ଅର୍ଥ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଟେବୁଲରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଦଳ ସେମିଫାଇନାଲରେ ପ୍ରବେଶ କରିବେ। ପ୍ରଥମ ଟିମ୍ ସହ ଚତୁର୍ଥ ଏବଂ ଦ୍ୱିତୀୟ ସହ ତୃତୀୟ ଟିମ୍‌ର ସେମିଫାଇନାଲ ମୁକାବିଲା ହେବ। ନଭେମ୍ବର ୨ ତାରିଖ ଯାଏ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ନଭେମ୍ବର ୪ରେ ଏକମାତ୍ର କ୍ଲାସିଫିକେସନ ମୁକାବିଲା ସହ ଦୁଇଟିଯାକ ସେମିଫାଇନାଲ ଖେଳାଯିବ। ସେହିପରି ନଭେମ୍ବର ୫ରେ କାଂସ୍ୟ ଓ ସ୍ୱର୍ଣ୍ଣ ପଦକ ଲାଗି ମୁକାବିଲା ହେବ। ଟୁର୍ଣ୍ଣାମେଣ୍ଟରେ ଭାଗନେଇଥିବା ୬ଟି ଦଳ ମୋଟରେ ୨୦ଟି ମ୍ୟାଚ୍ ଖେଳିବେ। ଅକ୍ଟୋବର ୨୮, ୩୧ ଓ ନଭେମ୍ବର ୩ରେ ବିଶ୍ରାମ ଦିନ ରଖାଯାଇଛି।

Asian Champions Trophy 2026

ସୂଚନାଯୋଗ୍ୟ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଦଳ ଅଂଶଗ୍ରହଣ କରିବ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂହ ମାନ୍ ଓ ହକି ଇଣ୍ଡିଆ ସେକ୍ରେଟାରୀ ଜେନେରାଲ ଭୋଳାନାଥ ସିଂ ଘୋଷଣା କରିଥିଲେ। କିନ୍ତୁ ଭାରତ ବ୍ୟତୀତ ଅନ୍ୟ ଯେ କୌଣସି ସ୍ଥାନରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପାକିସ୍ତାନ ହକି ଫେଡେରେସନ କରିଥିବା ଅନୁରୋଧକୁ ଏସୀୟ ହକି ମହାସଂଘ ପ୍ରତ୍ୟାଖ୍ୟାନ କରିଥିଲା। ଫଳରେ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଥିଲା। ପାକିସ୍ତାନ ସ୍ଥାନରେ ବାଂଲାଦେଶକୁ ଖେଳିବାର ସୁଯୋଗ ଦିଆଯାଇଛି।

ଏହା ମଧ୍ୟରେ ଏସିଆନ ଚାମ୍ପିଅନ୍ସ ଟ୍ରଫିର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅକ୍ଟୋବର ୨୭ରେ ଉଦ୍‌ଘାଟନୀ ଉତ୍ସବ ଆରମ୍ଭ ହେବା ପୂର୍ବରୁ ୨ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଉତ୍ସବ ପରେ ଭାରତ ତାହାର ପ୍ରଥମ ମ୍ୟାଚ୍ ବାଂଲାଦେଶ ସହ ଖେଳିବ। ଭାରତ ତାହାର ଅନ୍ୟ ୪ଟି ମ୍ୟାଚ ଯଥାକ୍ରମେ ଚୀନ ସହ ଅକ୍ଟୋବର ୨୯ରେ, ଜାପାନ ସହ ୩୦ରେ, ମାଲେସିଆ ସହ ନଭେମ୍ବର ୧ରେ ଓ ଦକ୍ଷିଣ କୋରିଆ ସହ ନଭେମ୍ବର ୨ରେ ଖେଳିବ। ଏହି ମ୍ୟାଚ୍‌ଟି ମଧ୍ୟ ଟୁର୍ଣ୍ଣାମେଣ୍ଟର ଶେଷ ଲିଗ୍ ମ୍ୟାଚ୍ ହେବ। ନଭେମ୍ବର ୪ ଓ ୫ରେ ନକ୍‌ଆଉଟ ମୁକାବିଲା ହେବ। ନିକଟରେ ଏସିଆନ ଗେମ୍ସରେ ସ୍ୱର୍ଣ୍ଣପଦକ ଜିତିଥିବା ଭାରତକୁ ଟୁର୍ଣ୍ଣାମେଣ୍ଟରେ ଫେବରାଇଟ ଟିମ୍ ଭାବେ ବିବେଚନା କରାଯାଉଛି। ଏସିଆନ ଗେମ୍ସରେ ପରାଜିତ ହୋଇଥିଲେ ମଧ୍ୟ ପାକିସ୍ତାନ ଏକମାତ୍ର ଟିମ୍ ଯିଏକି ଭାରତ ସହ କଡା ଟକ୍କର ଦେଇଥିଲା। ଏଠାରେ ଦକ୍ଷିଣ କୋରିଆ କିମ୍ବା ଜାପାନ ଭାରତକୁ ଟକ୍କର ଦେବ ବୋଲି ଆଶା କରାଯାଉଛି।

**ଭାରତର ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ସମୟ |
|---|---|---|---|
| ୨୭।୧୦ | ବାଂଲାଦେଶ | ଜଳନ୍ଧର | ରାତି ୭ଟା |
| ୨୯।୧୦ | ଚୀନ | ଜଳନ୍ଧର | ରାତି ୭ଟା |
| ୩୦।୧୦ | ଜାପାନ | ଜଳନ୍ଧର | ରାତି ୭ଟା |
| ୦୧।୧୧ | ମାଲେସିଆ | ଜଳନ୍ଧର | ରାତି ୭ଟା |
| ୦୨।୧୧ | ଦ.କୋରିଆ | ଜଳନ୍ଧର | ରାତି ୭ଟା |
| ୦୩।୧୧ | ସେମିଫାଇନାଲ | ମୋହାଲି | ୪ଟା୩୦ରୁ |
| ୦୫।୧୧ | ଫାଇନାଲ | ମୋହାଲି | ରାତି ୭ଟା |

ସିକେ ନାଇଡୁ ଟ୍ରଫି କ୍ରିକେଟ

## ସୁଜଲଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୯।୧୦(ସମିସ): ରଣଜୀ ଟ୍ରଫି ଆରମ୍ଭ ହେବାର ଗୋଟିଏ ଦିନ ପରେ ଅର୍ଥାତ୍ ଅକ୍ଟୋବର ୧୨ରୁ ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫି ପୁରୁଷ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହେଉଛି। ଓଡ଼ିଶା ଦଳ ଏଥର ଏଲିଟ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଘରୋଇ ମାଟିରୁ ଓଡ଼ିଶା ଦଳ ଅଭିଯାନ ଆରମ୍ଭ କରିବ। ବଲାଙ୍ଗିରରେ ବିହାର ସହ ଖେଳି ଓଡ଼ିଶା ତାହା ସିକେ ନାଇଡୁ ଟ୍ରଫି ଅଭିଯାନ ଆରମ୍ଭ କରିବାକୁ ଯାଉଛି। ବଲାଙ୍ଗିର ଗାନ୍ଧି ଷ୍ଟାଡିୟମ୍‌ରେ ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହେବାକୁ ଯାଉଛି। ଏଠାରେ ବିହାର ସହ ଅକ୍ଟୋବର ୧୨ରୁ ୧୫ ଯାଏ ପ୍ରଥମ ଏବଂ କଟକରେ ଅକ୍ଟୋବର ୧୫ରୁ ୨୨ ଯାଏ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଦୁଇଟି ଲାଗି ଡାହାଣହାତୀ ବ୍ୟାଟର ସୁଜଲ ସିଂଙ୍କ ନେତୃତ୍ୱରେ ଏକ ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହା ପରେ ଆବଶ୍ୟକ ହେଲେ ଗୋଆ ବିପକ୍ଷ ମ୍ୟାଚ୍ ଲାଗି ଖେଳାଳି ପରିବର୍ତ୍ତନ କରାଯିବ ବୋଲି ଦଳ ଘୋଷଣା କରିବା ଅବସରରେ ମୁଖ୍ୟ ଚୟନକର୍ତ୍ତା କୁଳମଣି ପରିଡ଼ା କହିଛନ୍ତି।

**ଓଡ଼ିଶା ଦଳ** : ସୁଜଲ ସିଂ (ଅଧିନାୟକ), ଆୟୁଷ ସୂତାର, ପାନକଳ ଶଶାଙ୍କ, ଉମେଶ ଗୌତମ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ (ଉଭୟ ୱିକେଟରକ୍ଷକ), ସୁବୀର ସର୍ଦ୍ଦାର, ୩ ଅଲରାଉଣ୍ଡର ହେଲେ ସାଇଦୀପ ମହାପାତ୍ର, ମହମ୍ମଦ୍ ସୋହେଲ ଖାନ୍ ଓ ସୁପ ଭୂୟାଁ, ପେସ୍ ବୋଲରମାନେ ହେଲେ କମଲ କହଁର, ଆଶୁତୋଷ ମାରାଣ୍ଡି, ପ୍ରତିଭାବାନ ଓମ୍‌କାର ମହାନ୍ତି ଓ ଆର୍ଯ୍ୟନ ତିୱାରୀ। ଦଳରେ ସ୍ଥାନ ପାଇଥିବା ସ୍ପିନରମାନେ ହେଲେ, ବାମହାତୀ ରୀତେଶ ପ୍ରିୟରଞ୍ଜନ, ଲେଗ୍ ସ୍ପିନର ସାର୍ଥକ ପଣ୍ଡା ଓ ଅଫ୍ ସ୍ପିନର ଅର୍ପିତ ମହାନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY